R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୭
ତିଥି : ଦ୍ୱିତୀୟା
୦୨ ଜୁଲାଇ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 267
02 July 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# କେଜିରୁ ପିଜି ମାଗଣା ଶିକ୍ଷାକୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୦୧।୭ (ସବ୍ୟୁ) : କେଜିରୁ ପିଜି ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ ନିଷ୍ପତ୍ତିକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି ଯୋଜନା ଭାବରେ ଏହାକୁ ପ୍ରଣୟନ କରାଯାଇଛି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ରଛାତ୍ରୀ ଅର୍ଥ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେନାହିଁ



- ଛାତ୍ରଛାତ୍ରୀଙ୍କ ନାମଲେଖା ଫି' ଛାଡ଼
- ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଲାଗୁ
- ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ

କିମ୍ବା ପାଠପଢ଼ା ମଝିରୁ ପାଠ ଛାଡ଼ିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ । ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବ । ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ । (୯ ପୃଷ୍ଠାରେ)

# ଛାତ୍ରଛାତ୍ରୀଙ୍କୁ ଦିଆଯିବ ତ୍ରୁଟିଶୂନ୍ୟ ବହି

ଭୁବନେଶ୍ୱର, ୦୧।୭ (ସବ୍ୟୁ): ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠ୍ୟପୁସ୍ତକଗୁଡ଼ିକରେ ବହୁ ତ୍ରୁଟି ରହିଛି । ଶିକ୍ଷାବିତ ଓ ସାଧାରଣରେ ଏହା ଆଲୋଡନ ସୃଷ୍ଟି କରିଥିବା ବେଳେ ଏବେ ତ୍ରୁଟିଶୂନ୍ୟ ନୂତନ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ଦେଇଛନ୍ତି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍ ତିରୁମାଲା ନାୟକ ସୂଚନା ଦେଇଛନ୍ତି ।

ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଚଳିତ ଶିକ୍ଷା ବର୍ଷ ୨୦୨୬-୨୭ରୁ ନୂତନ ଭାବରେ ପ୍ରସ୍ତୁତ ପାଠ୍ୟପୁସ୍ତକଗୁଡ଼ିକରେ ତ୍ରୁଟି ପ୍ରସଙ୍ଗରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ଡ. ନାୟକ କହିଥିଲେ, ବର୍ତ୍ତମାନ ଏହି ତ୍ରୁଟିଗୁଡିକୁ ତର୍ଜମା କରାଯାଉଛି ଓ ବିଶେଷଜ୍ଞମାନଙ୍କର ପରାମର୍ଶ ନିଆଯାଉଛ । ଖୁବଶୀଘ୍ର ସଂଶୋଧିତ ବହି ଓସେପା ୱେବସାଇଟ୍‌ରେ ଶିକ୍ଷାବିତ

- ଖୁବଶୀଘ୍ର ସଂଶୋଧିତ ବହି ଓସେପା ୱେବସାଇଟ୍‌ରେ
- ଶିକ୍ଷାବିତ, ଜନସାଧାରଣଙ୍କ ମତାମତ ଲୋଡ଼ାଯିବ
- ନୂଆ ବହି ଆସିବା ଯାଏଁ ସଂଶୋଧିତ ବହିରେ ପାଠପଢ଼ା

ତଥା ଜନସାଧାରଣଙ୍କ ମତାମତ ନିମନ୍ତେ ଦିଆଯିବ । ସମସ୍ତଙ୍କର ମତାମତକୁ ବିଚାରକରି ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ବହି ପ୍ରଦାନ କରାଯିବ ।

ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକଗୁଡ଼ିକରେ ତ୍ରୁଟି ଥିବା ସରକାରଙ୍କ ନଜରକୁ ଆସିଥିଲା । ମୁଖ୍ୟମନ୍ତ୍ରୀ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟି କିପରି ହୋଇଥିଲା ଓ କେଉଁମାନେ ଏଥିରେ ଦାୟୀ ସେ ସମ୍ବନ୍ଧରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନକରି ବିଚାର କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । କମିଟିର ସୁପାରିଶକ୍ରମେ ରାଜ୍ୟ ସରକାର (୯ ପୃଷ୍ଠାରେ)

## ଭାରତ-ପାକ୍ ପ୍ରଧାନମନ୍ତ୍ରୀଙ୍କୁ ୧୧୭ ବ୍ୟକ୍ତିଙ୍କ ଚିଠି

# ସମ୍ପର୍କ ସୁଧାର, ଶାନ୍ତି ପ୍ରତିଷ୍ଠା କର

ନୂଆଦିଲ୍ଲୀ, ୦୧।୭ : ଭାରତ ଓ ପାକିସ୍ତାନର ୧୦୦ରୁ ଉର୍ଦ୍ଧ୍ୱ ପ୍ରମୁଖ ବ୍ୟକ୍ତିତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହେବାଜ୍ ସରିଫଙ୍କୁ ଖୋଲା ଚିଠି ଲେଖି ଆଲୋଚନା ଓ ଦ୍ୱିପାକ୍ଷିକ ଚୁକ୍ତି କାର୍ଯ୍ୟ କରିବା ସହ କୂଟନୀତିକ କାର୍ଯ୍ୟାଳୟ, ଭିସା ସେବା ଓ ବାୟୁସୀମା ଖୋଲିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେମାନେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଦେଶ ଭାରତ ଓ ପାକ୍‌ର ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରନ୍ତୁ । ଦୁଇ ଦେଶ ମଧ୍ୟରେ ଶାନ୍ତି ଓ ବାର୍ତ୍ତା ସ୍ଥାପନ କରିବା ଦିଗରେ ମଜଭୁତ ଓ ନିରନ୍ତର ପଦକ୍ଷେପ ନିଅନ୍ତୁ । ଅପରେସନ୍ ସିନ୍ଦୂରର ବର୍ଷକ ପରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରମୁଖ ବ୍ୟକ୍ତିତ୍ୱ ଏଭଳି ଚିଠି ଲେଖିବା ବେଶ୍ ଚର୍ଚ୍ଚା ପାଲଟିଛି ।

ଏହି ଚିଠିରେ ୧୧୭ ଜଣ ସ୍ୱାକ୍ଷର କରିଛନ୍ତି । ସେମାନଙ୍କ ମଧ୍ୟରେ ଭାରତର ୬୧ ଜଣ ଥିବାବେଳେ ପାକିସ୍ତାନର ୫୬ ଜଣ ଅଛନ୍ତି । ଉଭୟ ଦେଶର ଏହି ବ୍ୟକ୍ତିତ୍ୱମାନେ ଦୁଇ ସରକାରଙ୍କ ନିକଟରେ ଦାବି କରିଛନ୍ତି ଯେ ଦୀର୍ଘ ସମୟରୁ ଚାଲିଥିବା ଶତ୍ରୁତାକୁ ସମାପ୍ତ କରାଯାଉ । ଏଭଳି ମନବୃତି ଯୁବପିଢ଼ିଙ୍କୁ ଅବସର, ସମୃଦ୍ଧି ଏକ ସୁରକ୍ଷିତ ଭବିଷ୍ୟତରୁ ବଞ୍ଚିତ କରୁଛି । ସ୍ୱାକ୍ଷରକାରୀଙ୍କ ମଧ୍ୟରେ ନ୍ୟାସନାଲ କନ୍‌ଫରେନ୍ସ ମୁଖ୍ୟ ଫାରୁଖ ଅବଦୁଲ୍ଲା, ବିଚ୍ଛିନ୍ନତାବାଦୀ ନେତା ମୀର୍‌ୱାଜ୍ ଉମର ଫାରୁଖ, ଟିଡିପି ମୁଖ୍ୟ ମେହେବୁବା ମୁଫ୍‌ତୀ, ଆର୍‌ଜେଡି ସାଂସଦ ମନୋଜ ଝା ଓ ପୂର୍ବତନ ଟିଏମ୍‌ସି ମନ୍ତ୍ରୀ ତଥା ବର୍ତ୍ତମାନର ଏଜେୟୁପି ନେତା ହୁମାୟୁନ୍ କବୀର ଅଛନ୍ତି । ପାକିସ୍ତାନୀ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ପୂର୍ବତନ ବିଦେଶମନ୍ତ୍ରୀ ଖୁର୍ସିଦ୍ ମହମ୍ମଦ କସୁରୀ, ପୂର୍ବତନ କୂଟନୀତିଜ୍ଞ ଅସରଦ ଜାହାଙ୍ଗିର କାଜି, ପରମାଣୁ ଭୌତିକ ବୈଜ୍ଞାନିକ ପରଭେଜ୍ ହୁଡଭୋୟୋ ଆଦି ଅଛନ୍ତି । ସ୍ୱାକ୍ଷରକାରୀମାନେ (୯ ପୃଷ୍ଠାରେ)

# ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ୩୫୦୬ କୋଟି

ଭୁବନେଶ୍ୱର, ୦୧।୬ (ସବ୍ୟୁ) : ନବମ, ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପୋଷଣ ଆବଶ୍ୟକତା ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ୨୦୨୫ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି । ୫ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମରେ ୪୨୨୪.୪୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ୫୭.୪୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାର ଯୋଜନା ହୋଇଛି । ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏହା ଲାଗୁ କରାଯିବ । ଆଗାମୀ ୪ ବର୍ଷରେ ଏହି ଯୋଜନାରେ ୩୫୦୬.୯୯ କୋଟି ଟଙ୍କା ବ୍ୟୟରେ ୪୬.୬ ଲକ୍ଷ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ୮ ବିଭାଗର ୧୨ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ମୁଖ୍ୟସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ

- କ୍ୟାବିନେଟ୍‌ରେ ୧୨ ପ୍ରସ୍ତାବକୁ ଅନୁମୋଦନ
- ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର ୨.୦ ପ୍ରକଳ୍ପ ପ୍ରତିଷ୍ଠା
- ଗ୍ରୀଡ୍ ସବ୍‌ଷ୍ଟେସନ୍ ଲାଗି ରିହାତିରେ ସରକାରୀ ଜମି
- କଳିଙ୍ଗ ଷ୍ଟାଡିୟମ୍‌ରୁ ରଘୁନାଥପୁର ସେତୁ, ଜୟଦେବ ବିହାରରୁ ନନ୍ଦନକାନନ ୬ ଥାକିଆ ରାସ୍ତା

ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର ୨.୦ ପ୍ରକଳ୍ପ ପ୍ରତିଷ୍ଠାକୁ ଅନୁମୋଦନ କରାଯାଇଛି । ଡାଟା ସେଣ୍ଟରର ଭିତ୍ତିଭୂମି ସ୍ଥାପନ, ବୈଷୟିକ ସରଞ୍ଜାମ ଏବଂ ୫ ବର୍ଷର ପରିଚାଳନା ଓ ରକ୍ଷଣାବେକ୍ଷଣା ସମେତ ଏହି ପ୍ରକଳ୍ପର ପ୍ରତିଷ୍ଠା (୯ ପୃଷ୍ଠାରେ)

# ଝାରସୁଗୁଡ଼ାର ୨୫ ପ୍ରକଳ୍ପର ରୋଡ୍‌ମ୍ୟାପ୍

ଭୁବନେଶ୍ୱର, ୦୧।୭ (ସବ୍ୟୁ): ରାଜ୍ୟ ସରକାରଙ୍କ ବିଭିନ୍ନ ଉଲ୍ଲେଖନୀୟ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ଯଥା ମହିଳା ଉଦ୍ୟୋଗୀ ପ୍ଲାଟଫର୍ମର ଆରମ୍ଭ, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି ଏବଂ ରାଜ୍ୟର କ୍ରୀଡ଼ା, ଶିଳ୍ପ ଓ ଷ୍ଟାର୍ଟଅପ୍ କ୍ଷେତ୍ରର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ।

ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକରେ ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକୈନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା, ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାରେ ଶିକ୍ଷା, କୃଷି, ଶ୍ରମ, ଖାଦ୍ୟ ଯୋଗାଣ, ମହିଳା ସଶକ୍ତିକରଣ ଓ ସୁଶାସନ (୯ ପୃଷ୍ଠାରେ)

## ଟିଭିକେ ସରକାର ପତନ ଲାଗି ଷଡ଼ଯନ୍ତ୍ର

# ବିଧାୟକଙ୍କୁ ୩୫ କୋଟି ପ୍ରଲୋଭନ

ନୂଆଦିଲ୍ଲୀ, ୦୧।୭ : ତାମିଲନାଡୁର ଟିଭିକେ ନେତୃତ୍ୱାଧୀନ ବିଜୟ ସରକାରଙ୍କ ପତନ ପାଇଁ ଯୋଜନା ଆରମ୍ଭ ହୋଇଥିବାର ଅଭିଯୋଗ ହୋଇଛି । ବିଜୟ ସରକାରର ପତନ ପାଇଁ ବିଧାୟକମାନଙ୍କୁ ୩୫ କୋଟି ଲେଖାଏଁ ଦେବାପାଇଁ ଅଭିଯୋଗ ଆସିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ବିଜୟଙ୍କ ସରକାରକୁ ଦୁଇମାସ ପୁରିନାହିଁ । ମାତ୍ର ସରକାରଙ୍କ ପତନ ପାଇଁ ଡିଏମ୍‌କେ ଯୋଜନା କରୁଛି ବୋଲି ଅଭିଯୋଗ ହୋଇଛି । ଏହାଛଡା ୧୫ ବିଧାୟକଙ୍କର ଇସ୍ତଫା ପ୍ରଦାନ ଲାଗି ମଧ୍ୟ ଅଙ୍କକଷା ଚାଲୁଥିବା ଏକ ସୂତ୍ରରୁ ଜଣାପଡ଼ିଛି ।

ଟିଭିକେ ବିଧାୟକଙ୍କ ଅଭିଯୋଗ ଆଧାରରେ ଜଣେ ପରାମର୍ଶଦାତା ଫାର୍ମର କର୍ମଚାରୀଙ୍କୁ ଗିରଫ କରାଯାଇଛି । ସମ୍ପୃକ୍ତ ବ୍ୟକ୍ତି ଡିଏମ୍‌କେ ବିଧାୟକ ସେନ୍ଥେଲି ବାଲାଜୀଙ୍କ ଭାଇଙ୍କ ନିକଟତମ ବୋଲି ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ ବିଧାୟକଙ୍କୁ ୩୫ କୋଟିର ପ୍ରଲୋଭନ ଦେଖାଯାଉଛି । ଟିଭିକେ ବିଧାୟକ ଉଥାଙ୍ଗାରୀ, ଏମ୍. ଇଲାୟାରାଜା ଚେନ୍ନାଇ ପୋଲିସରେ ଅଭିଯୋଗ କରିଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ ଆଇପିଡିଏସ୍ ପରାମର୍ଶଦାତା ଫାର୍ମରୁ ଜଣେ ବ୍ୟକ୍ତି ୩୫ କୋଟି ଟଙ୍କାର ପ୍ରଲୋଭନ ଦେଖାଇଛନ୍ତି । ସେମାନେ ତାମିଲନାଡୁ (୯ ପୃଷ୍ଠାରେ)

# ଦୋହାରେ ଇରାନ-ଆମେରିକା ପରୋକ୍ଷ ଆଲୋଚନା

ନୂଆଦିଲ୍ଲୀ, ୦୧।୭ : ତିକ୍ତତା ମଧ୍ୟରେ ବି ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଛି । ବୁଧବାର ଉଭୟେ ଆମେରିକା ଓ ଇରାନ ପ୍ରତିନିଧିମାନେ ଦୋହାରେ ପରୋକ୍ଷରେ କଥାବାର୍ତ୍ତା ହୋଇଛନ୍ତି । ଏହି କଥାବାର୍ତ୍ତା କତାରୀ ଓ ପାକିସ୍ତାନୀଙ୍କ ମଧ୍ୟସ୍ଥତା ଜରିଆରେ କରାଯାଇ ହୋଇଥିବା ବୁଝାମଣାପତ୍ର ସମ୍ପର୍କରେ ଆଲୋଚନା କରାଯାଇଛି । ବୁଝାମଣାପତ୍ରରେ କ'ଣ ରହିଛି ତାହା ଉପରେ ମଧ୍ୟ ଫୋକସ କରାଯାଇଛି । ଆମେରିକାର ରାଷ୍ଟ୍ରଦୂତ ଜାରେଡ୍ କୁସନେର୍ ଓ ଷ୍ଟେଭ୍ ୱିଟ୍‌କଫ୍ ଏହି ବୈଷୟିକ କଥାବାର୍ତ୍ତାରେ ଭାଗ ନେଇନଥିଲେ । ବୁଝାମଣାପତ୍ରରେ ୬୦ ଦିନ ଯୁଦ୍ଧ ବିରତି ଉଲ୍ଲେଖ ରହିଛି ।

ଆମେରିକା-ଇସ୍ରାଏଲ ମିଳିତ ଭାବେ ଫେବୃଆରୀ ୨୮ରେ ଇରାନ ଉପରେ ଆକ୍ରମଣ କରିଥିଲେ । ବୁଝାମଣାପତ୍ର ଅନୁଯାୟୀ ହରମୁଜ୍ ପ୍ରଣାଳୀକୁ ପୁନଃ ଖୋଲାଯିବା ଓ ଯୁଦ୍ଧ ଶେଷ ଲାଗି ଚୂଡ଼ାନ୍ତ ବୁଝାମଣା କରିବାର ୬୦ ଦିନ ସମୟ ସୀମା ରହିଛି । ଇରାନର ଅଧିକାରୀମାନେ ଦୋହାରେ ପହଞ୍ଚିଥିଲେ । ପୂର୍ବରୁ ଆମେରିକା ରାଷ୍ଟ୍ରପତି (୯ ପୃଷ୍ଠାରେ)




## ନିଶାମୁକ୍ତ ଓଡ଼ିଶା ଅଭିଯାନ

# ଏନ୍‌ଡିପିଏସ୍ ମାମଲା ଲାଗି ୪ ସ୍ୱତନ୍ତ୍ର କୋର୍ଟ

ଭୁବନେଶ୍ୱର, ୦୧।୭ (ସବ୍ୟୁ) : କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ରାଜଧାନୀ ପୋଲିସ ଭବନଠାରେ ନିଶାମୁକ୍ତ ଓଡ଼ିଶା ଅଭିଯାନର ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ ହୋଇଥିଲା । ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୋଲିସ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଯୋଗ ଦେଇଥିଲେ । ୪ ଜିଲ୍ଲାରେ ଏନ୍‌ଡିପିଏସ୍ ମାମଲାର ଅଭିଯୁକ୍ତଙ୍କ ପାଇଁ

## ଗଠନ ହେବ ଏଏନ୍‌ଟିଏଫ୍




ସ୍ୱତନ୍ତ୍ର କୋର୍ଟ ଖୋଲିବା ପାଇଁ ସରକାର ଅନୁମତି ଦେଇଥିବା ବେଳେ ଓଡ଼ିଶା ପୋଲିସ ଏଏନ୍‌ଟିଏଫ୍ ଗଠନ ପାଇଁ ପ୍ରସ୍ତାବ ଦେଇଥିବା ଡିଜିପି ତାଙ୍କ ଅଭିଭାଷଣରେ କହିଥିଲେ । ଏଏନ୍‌ଟିଏଫ୍ କହିଲେ, ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ । ଏହା ଗଠନ ହେବାର କାରଣ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଭୁବନେଶ୍ୱର ଠାରେ ଏକ ଛୋଟୟୁନିଟ୍ ଭାବେ କାମ କରୁଛି । ନିଶା ମାଫିଆଙ୍କୁ କବ୍‌ଜା କରିବାରେ ଏସ୍‌ଟିଏଫ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଏଏନ୍‌ଟିଏଫ୍ ଗଠନ ହେଲେ ସେମାନେ ସ୍ୱତନ୍ତ୍ର ଭାବେ ଡ୍ରଗ୍ସ ମାଫିଆଙ୍କୁ ପିଛା କରିବେ । ଯାହା ଫଳରେ ନିଶା ମାଫିଆଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି ।

ନିଶାମୁକ୍ତ ଅଭିଯାନରେ ଓଡ଼ିଶା ପୋଲିସର ଐତିହାସିକ ସଫଳତା ହୋଇଛି । ବିଭିନ୍ନ ସ୍କୁଲ, କଲେଜ ସମେତ ବହୁ ସ୍ଥାନରେ ନିଶାମୁକ୍ତ ଅଭିଯାନର କ୍ୟାମ୍ପେନ କରାଯାଉଛି । ବୁଧବାର ବୈଠକରେ ମଧ୍ୟ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ଯୋଗଦେଇ ଶପଥ ପାଠ କରିଥିଲେ । ଐତିହାସିକ ସଫଳତା ମିଳିଛି କହିଲେ ୧,୯୧୧ କୋଟି ଟଙ୍କାର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯିବା ସହ ୨,୧୦୬ କୋଟି ଟଙ୍କାର ଗଞ୍ଜେଇ ଓ ୨୨୫କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ ହୋଇଥିବା ବୈଠକରେ ଆଲୋଚନା ହୋଇଥିଲା । ଡିଜିପି ମଧ ତାଙ୍କ ଭାଷଣରେ କହିଥିଲେ ଯେ, ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ରାଜ୍ୟ ପୋଲିସ ଦୃଢ ସଂକଳ୍ପବଦ୍ଧ । ବେଆଇନ ନିଶା କାରବାର, ଗଞ୍ଜେଇ ଚାଷ, ମାଦକଦ୍ରବ୍ୟ ଚୋରା (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ଯେତେବେଳେ ବିବାଦ ହୋଇଥିଲା ସେତେବେଳେ ବଲିଉଡର କବାଟ ମୋ ପାଇଁ ବନ୍ଦ ହୋଇଯାଇଥିଲା । ସେତେବେଳେ ଲାଗିଥିଲା ଆଉ କେବେ ବି ଅଭିନୟ କରିପାରି ବି ନାହିଁ । ହେଲେ ମୋର ଆଶାଥିଲା ଦିନେ ସବୁ ଠିକ ହେବ ।

ରିଆ ଚକ୍ରବର୍ତ୍ତୀ, ଅଭିନେତ୍ରୀ



ପ୍ରିୟଙ୍କା ଚୋପ୍ରା ମୋର ସବୁବେଳେ ପ୍ରେରଣା ହୋଇ ରହିଆସିଛନ୍ତି । ତାଙ୍କର ଅଭିନୟରୁ ମୁଁ ଅନେକ କଥା ଶିଖିଥାଏ । ବର୍ଫି ଫିଲ୍ମର ଚରିତ୍ର ମୋର ଡ୍ରିମ ରୋଲ ଥିଲା ।

ଈଶା ସିଂ, ଅଭିନେତ୍ରୀ



ଆକାଂକ୍ଷାଙ୍କ ପ୍ରତି ମୋର ଭଲପାଇବା କେବେ ବି କମିନି । ସେତେବେଳେ ଯେତିକି ଥିଲା ଏବେ ମଧ୍ୟ ରହିଛି । ସେ ଆଜି ବି ମୋର ପତ୍ନୀ ।

ଗୌରବ ଖାନ୍ନା, ଅଭିନେତା

## ଷ୍ଟ୍ରବେରୀ ଜନ୍ମଚିହ୍ନ

ନବଜାତ ଶିଶୁଙ୍କ ଶରୀରରେ ଦେଖାଯାଉଥିବା ନାଲି, ବାଇଗଣୀ କିମ୍ବା ବାଦାମୀ ରଙ୍ଗର ଏକ ପ୍ରକାର ମାଂସାଳ ଚିହ୍ନକୁ ନେଇ ଅନେକ ସମୟରେ ବିଭିନ୍ନ ଆଶଙ୍କା ଦେଖିବାକୁ ମିଳିଥାଏ । ତେବେ ଡାକ୍ତରୀ ଭାଷାରେ ଏହାକୁ 'ଇନ୍‌ଫାଣ୍ଟାଇଲ୍ ହେମେଞ୍ଜିଓମା' ବା 'ଷ୍ଟ୍ରବେରୀ ବାର୍ଥମାର୍କ' କୁହାଯାଏ । ସାରା ବିଶ୍ୱରେ ୧ ବର୍ଷ ବୟସର ପ୍ରାୟ ୫-୧୦% ଏବଂ ଭାରତରେ ୪.୩% ଶିଶୁଙ୍କଠାରେ ଏହା ଦେଖାଯାଉଥିବାର ସୂଚନା ରହିଛି । ପ୍ରି-ମ୍ୟାଚ୍ୟୁର ଶିଶୁ, କମ୍ ଓଜନର ନବଜାତ ଏବଂ କନ୍ୟା ସନ୍ତାନମାନଙ୍କଠାରେ ଏହାର ଆଶଙ୍କା ଅଧିକ ଥାଏ । ଏହା କୌଣସି ସଂକ୍ରମଣ, ଆଘାତ କିମ୍ବା ପିତାମାତାଙ୍କ ଭୁଲ୍ ଯୋଗୁଁ ହୋଇନଥାଏ ଏବଂ ଜେନେଟିକ୍ ମଧ୍ୟ ନୁହେଁ । ଅଧିକାଂଶ କ୍ଷେତ୍ରରେ ଏହା ଜନ୍ମର କିଛି ସପ୍ତାହ ପରେ ମୁଣ୍ଡ, ବେକ କିମ୍ବା ଚେହେରାରେ ଦେଖାଯାଇ ପ୍ରଥମ ବର୍ଷ ତୀବ୍ର ଗତିରେ ବଢ଼ିଥାଏ । ତେବେ ଏହା ଆଖି, ନାକ, ପାଟି କିମ୍ବା ଶ୍ୱାସନଳୀ ଭଳି ସମ୍ବେଦନଶୀଳ ସ୍ଥାନରେ ହେଲେ ଦୃଷ୍ଟିଶକ୍ତି ବାଧିତ ହେବା ଓ ଶ୍ୱାସକ୍ରିୟାରେ ସମସ୍ୟା ଭଳି ଜଟିଳତା ସୃଷ୍ଟି କରିପାରେ । ବୟସ୍କମାନଙ୍କ କ୍ଷେତ୍ରରେ ଏହାକୁ 'ଚେରି ହେମେଞ୍ଜିଓମା' କୁହାଯାଏ ଯାହା ଆପେ ଆପେ ଭଲ ହୁଏନାହିଁ । ଶାରୀରିକ ପରୀକ୍ଷା, ଅଲଟ୍ରାସାଉଣ୍ଡ କିମ୍ବା ଏମଆରଆଇ ମାଧ୍ୟମରେ ଏହାର ସଠିକ୍ ଚିହ୍ନଟ କରାଯାଇ ଚିକିତ୍ସା କରାଯାଇଥାଏ । ସଠିକ୍ ସମୟରେ ଡାକ୍ତରୀ ନିରୀକ୍ଷଣ ଓ ଚିକିତ୍ସା ଦ୍ୱାରା ଏହି ସମସ୍ୟାର ସହଜ ସମାଧାନ ସମ୍ଭବ । ତେଣୁ ଶିଶିଙ୍କର ଏହି ବାର୍ଥମାର୍କକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।



## ଝିଅ ବଦଳରେ ମାଙ୍କଡ଼



ଆମେରିକାରେ ଜଣେ ୭୦ ବର୍ଷୀୟା ଜଣେ ମହିଳା ନିଜର ଜଣେ ପାଳିତ ଝିଅ ବଦଳରେ ଏକ ପୋଷା ମାଙ୍କଡ଼କୁ ଆଣିଥିବାନେଇ ସଂଗୀନ ଅପରାଧର ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦ ବର୍ଷ ମଧ୍ୟରେ ୨୦୦ରୁ ଅଧିକ ପିଲାଙ୍କୁ ପାଳିଥିବା ଏହି ମହିଳାଙ୍କର ଅଷ୍ଟମ ଶ୍ରେଣୀରେ ପଢୁଥିବା ପାଳିତ କନ୍ୟା ସହ ପ୍ରାୟତଃ ମନୋମାଳିନ୍ୟ ହେଉଥିଲା । ଯେଉଁଥିପାଇଁ ସେ ସେହି ନାବାଳିକାକୁ ଟେକ୍ସାସରେ ରହୁଥିବା ଜଣେ ପରିଚିତ ବ୍ୟକ୍ତିଙ୍କ ପାଖକୁ ପଠାଇ ଦେଇଥିଲେ ଏବଂ ବଦଳରେ ତାଙ୍କଠାରୁ ଏକ ପୋଷା ମାଙ୍କଡ଼ ନେଇ ଆସିଥିଲେ । ତେବେ ଏନେଇ ଅଭିଯୋଗ ହେବାପରେ ପରବର୍ତ୍ତୀ ତଦନ୍ତରୁ ଜଣାପଡ଼ିଛି ଯେ, ବ୍ରେଣ୍ଡାଙ୍କ ଘର ବିରୋଧରେ ଚାଇଲ୍ଡ ଆବ୍ୟୁଜ୍ ହେଲ୍ପଲାଇନରେ ପୂର୍ବରୁ ମଧ୍ୟ ୨୦୦ରୁ ଅଧିକ ଅଭିଯୋଗ ଆସିଥିଲା । ଯେଉଁଥିରେ ପିଲାମାନଙ୍କୁ ଶାରୀରିକ, ମାନସିକ ଏବଂ ଭାବନାତ୍ମକ ନିର୍ଯାତନା ଦିଆଯାଉଥିବା ଦର୍ଶାଯାଇଥିଲା । ବର୍ତ୍ତମାନ ଏହି ମାମଲାରେ ଅଭିଯୁକ୍ତ ବ୍ରେଣ୍ଡା ଅଦାଲତରେ ନିଜର ଦୋଷ ସ୍ୱୀକାର କରିସାରିଛନ୍ତି, ଯେଉଁଥିପାଇଁ ତାଙ୍କୁ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହୋଇପାରେ ।

## ଇତିହାସ

୧୭୫୭- ବେଙ୍ଗଲର ଅନ୍ତିମ ନବାବ ସିରାଜ୍ ଉଦ୍ଦୌଲାଙ୍କ ହତ୍ୟା ।
୧୮୪୩- ହୋମିଓପାଥିର ଆବିଷ୍କାର କରିଥିବା ସାମୁଏଲ ହାନେମାନ୍‌ଙ୍କ ପରଲୋକ ।
୧୮୯୭- ନୋବେଲ୍ ପୁରସ୍କାରପ୍ରାପ୍ତ ମାର୍କୋନୀ ରେଡିଓର ଉଦ୍ଭାବନ କଲେ ।
୧୯୧୬- ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣର ସ୍ଥାପନା କରାଗଲା ।
୧୯୪୦- ବ୍ରିଟିଶ ସରକାର ନେତାଜୀ ସୁବାଷଚନ୍ଦ୍ର ଭୋଷଙ୍କୁ ଗିରଫ କଲା ।
୧୯୬୬- ପ୍ରଶାନ୍ତ ମହାସାଗରରେ ଫ୍ରାନ୍ସ ପରମାଣୁ ପରୀକ୍ଷଣ କଲା ।
୧୯୮୩- ସ୍ୱଦେଶ ନିର୍ମିତ ପରମାଣୁ ବିଜୁଳି କେନ୍ଦ୍ରର ପ୍ରଥମୟୁନିଟ୍ ମାଡ୍ରାସ୍ ନିକଟରେ କାର୍ଯ୍ୟ କଲା ।
୨୦୦୧- ଫାଷ୍ଟ ଆଣ୍ଡ ଫ୍ୟୁରିୟସ୍ ସିରିଜ୍‌ର ପ୍ରଥମ ଫିଲ୍ମ ରିଲିଜ୍ ହେଲା ।
୨୦୦୨- ସ୍ୱିଟ୍ ଫୋସେଟ୍ ପ୍ରଥମକରି ବେଲୁନ୍‌ରେ ବିଶ୍ୱ ଭ୍ରମଣ କଲେ ।
୨୦୦୪- ଭାରତ ଓ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଜାକର୍ତ୍ତାରେ ପରସ୍ପର ମଧ୍ୟରେ ଆଲୋଚନା କଲେ ।
୨୦୧୫- ଫିଲିପିନ୍ସ ଡଙ୍ଗାବୁଡିରେ ୬୨ ଲୋକଙ୍କ ପ୍ରାଣହାନୀ ।



## ସମ୍ପର୍କ ବିଚ୍ଛେଦ ଅଧିକାରୀ

ଏକ ଆଶ୍ଚର୍ଯ୍ୟଜନକ ଚାକିରି ସୁଯୋଗ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଠାରେ ଏକ ଡେଟିଂ କମ୍ପାନୀ 'ଚିଫ୍ ବ୍ରେକଅପ୍ ଅଫିସର' ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି ଏବଂ ଏଥିପାଇଁ ମାସିକ ପ୍ରାୟ ୨.୮ ଲକ୍ଷ ଟଙ୍କାର ମୋଟା ଅଙ୍କର ଦରମା ମଧ୍ୟ ଧାର୍ଯ୍ୟ କରାଯାଇଛି । ସୂଚନା ଅନୁଯାୟୀ, ଏହି ଚାକିରିରେ ମନୋନୀତ ହେବାକୁ ଥିବା ବ୍ୟକ୍ତିଙ୍କୁ ସେହି ଲୋକମାନଙ୍କ ତରଫରୁ ସେମାନଙ୍କ ପାର୍ଟନରଙ୍କୁ ସମ୍ପର୍କ ବିଚ୍ଛେଦ ବା ବ୍ରେକଅପ୍‌ର ଖବର ଦେବାକୁ ହେବ, ଯେଉଁମାନେ ନିଜେ ଏହି କଠିନ ଆଲୋଚନା କରିବାକୁ ସାହସ କରି ପାରୁନାହାନ୍ତି । ଏହି ପଦବୀରେ ଥିବା କର୍ମଚାରୀଙ୍କର ମୁଖ୍ୟ ଦାୟିତ୍ୱ ହେବ କ୍ଲାଏଣ୍ଟଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସମ୍ମାନଜନକ ଏବଂ ସଂବେଦନଶୀଳ ଭାଷା ପ୍ରୟୋଗ କରି ସାମ୍ନା ବ୍ୟକ୍ତିଙ୍କୁ ସମ୍ପର୍କ ଶେଷ ହେବାର ସ୍ପଷ୍ଟ କାରଣ ସହ 'କ୍ଲୋଜର' ଦେବାକୁ ଚେଷ୍ଟା କରିବା । ଏହି ଚାକିରି ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଖରେ ଭଲ ଇମୋସନାଲ ଇଣ୍ଟେଲିଜେନ୍ସ, ଦୃଢ଼ ଯୋଗାଯୋଗ ଦକ୍ଷତା ଏବଂ ଜଟିଳ ପରିସ୍ଥିତିକୁ ସମ୍ଭାଳିବାର କ୍ଷମତା ଥିବା ଆବଶ୍ୟକ ବୋଲି କମ୍ପାନୀ ଦର୍ଶାଇଛି । ଏପରିକି କମ୍ପାନୀ ଏହା ମଧ୍ୟ ପ୍ରକାଶ କରିଛି ଯେ ଯଦି କୌଣସି ଆବେଦନକାରୀ ନିଜ ବ୍ୟକ୍ତିଗତ ଜୀବନରେ ଅତିକମରେ ତିନୋଟି ବ୍ରେକଅପ୍‌ର ସାମ୍ନା କରିସାରିଛନ୍ତି, ତେବେ ସେମାନଙ୍କୁ ଚୟନ ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଯାଇପାରେ । ତେବେ ଚାକିରିଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

## ୪ କାନ ଥିବା ବିଲେଇ

ସୋସିଆଲ ମିଡିଆରେ ଏବେ କଳା ରଙ୍ଗର ଏକ ବିଲେଇ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହାର ମୁଣ୍ଡରେ ଦୁଇଟି ନୁହେଁ ବରଂ ଚାରିଟି କାନ ରହିଛି । ମିଳିଥିବା ସୂଚନା ଅନୁଯାୟୀ, 'ଡୋବି' ନାମକ ଏହି ୭ ମାସର ନିଆରା ବିଲେଇକୁ ପ୍ରଥମ ଦେଖାରେ ଲୋକେ 'ଏଲିଅନ୍ ବିଲେଇ' ବୋଲି ମଧ୍ୟ କହୁଛନ୍ତି । ଏହି ବିଲେଇଟିର ୪କାନ ରହିଛି, ଯାହା ଏହାକୁ ବିରଳ କରିଛି । ଡୋବିର ଏଭଳି ଚାରିଟି କାନ ହେବା ପଛରେ ଏକ ବିରଳ ଜେନେଟିକ୍ ମ୍ୟୁଟେସନ୍ (ବଂଶଗତ ପରିବର୍ତ୍ତନ) କାରଣ ସାଜିଛି । ଯାହା ଯୋଗୁଁ ତାର ମୁଣ୍ଡରେ ଦୁଇଟି ଅତିରିକ୍ତ କାନ ବିକଶିତ ହୋଇଛି । ତେବେ ଏଭଳି ବିରଳ ଶାରୀରିକ ପରିବର୍ତ୍ତନ ସତ୍ତ୍ୱେ ଡୋବି ସମ୍ପୂର୍ଣ୍ଣ ଭାବେ ସୁସ୍ଥ, ସକ୍ରିୟ ଏବଂ ଏନର୍ଜେଟିକ୍ ଅଛି । ସୋସିଆଲ ମିଡିଆରେ ତାର ଭିଡିଓ ଏବଂ ଫଟୋ ସାମ୍ନାକୁ ଆସିବା ପରେ ତାହା ଖୁବ ଭାଇରାଲ ହେବାରେ ଲାଗିଛି । କେହି ତାକୁ ଚାରି କାନ ବା । ଲା । ସୁପରଷ୍ଟା । ର୍ କହୁଛନ୍ତି ତ କେହି ଏଲିଅନ୍ କ୍ୟାଟ୍ ବୋଲି ସମ୍ବୋଧନ କରୁଛନ୍ତି ।



## ଅଜବ ଫ୍ୟାଶନ

ପ୍ୟାରିସ୍ ମେନ୍ସ ଫ୍ୟାଶନ ୱିକ୍‌ର ଶେଷ ଦିନରେ ଏଷ୍ଟୋନିଆର ଜଣାଶୁଣା ର୍‌ୟାପର ଟମୀ କ୍ୟାଶ୍ ନିଜର ଏକ ଅଦ୍ଭୁତ ଲୁକ୍ ଯୋଗୁଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି` ଯେଉଁଠାରେ ସେ ସାରା ଶରୀରରେ ମଳ ଭଳି ଦେଖାଯାଉଥିବା ଏକ ପୋଷାକ ପିନ୍ଧି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଟମୀ ନିଜକୁ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ବାଦାମୀ ରଙ୍ଗର ଏହି ଅଜବ ଫ୍ୟାବ୍ରିକରେ ଢାଙ୍କି ରଖିଥିଲେ ଏବଂ ତାଙ୍କ ହାତରେ ନକଲି ପରିସ୍ରାରେ ଭର୍ତ୍ତି ଏକ ବ୍ୟାଗ୍ ମଧ୍ୟ ଥିଲା । ସେ ମଝିରେ ମଝିରେ ନିଜ ଉପରେ ଟଏଲେଟ୍ ଡିଓଡୋରାଇଜର୍ ସ୍ପ୍ରେ କରୁଥିବାର ଦେଖିବାକୁ ମିଳିଥିଲା । ତେବେ ଟମୀ କ୍ୟାଶ୍ ନିଜର ଏଭଳି ଷ୍ଟଣ୍ଟ ପାଇଁ ପୂର୍ବରୁ ମଧ୍ୟ ବେଶ୍ ପରିଚିତ । ଏହା ପୂର୍ବରୁ ସେ ସାମୁଦ୍ରିକ ଜୀବମାନଙ୍କ ଦ୍ୱାରା ପ୍ରସ୍ତୁତ ଟେବୁଲ୍, ବିଶାଳ ଶେଯ ଏବଂ ଅନ୍ୟାନ୍ୟ ଅନେକ ନିଆରା ଲୁକ୍‌ରେ ଆସି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିସାରିଛନ୍ତି । ତାଙ୍କର ଏହି ଲୁକଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



## ପାପରାଜିଙ୍କ ଉପରେ ରାଗ

ଗୋଲ୍ଡ ଷ୍ଟ୍ରିମ୍ ଆୱାର୍ଡ୍ସ ସେରିମନିରେ ବଲିଉଡ ଅଭିନେତ୍ରୀ ନେହା ଧୂପିଆ ପାପରାଜିଙ୍କ ଉପରେ ପ୍ରବଳ ବର୍ଷିଥିବା ଦେଖିବାକୁ ମିଳୁଛି । ଯେଉଁଠାରେ ସେ ଅଭିନେତ୍ରୀମାନଙ୍କର ପଛପଟୁ ଭିଡିଓ ନେବା ଏବଂ ସେଗୁଡ଼ିକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ବିରୋଧରେ କଡ଼ା ଚେତାବନୀ ଦେଇଛନ୍ତି । ଆୱାର୍ଡ ନେଇ ବାହାରକୁ ଆସୁଥିବା ସମୟରେ କିଛି ଫଟୋଗ୍ରାଫର ନେହାଙ୍କ ଧଳା କେଶକୁ ନେଇ କମେଣ୍ଟ କରିଥିଲେ । ଯାହା ପରେ ସେ ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ ଏଭଳି ଅଭଦ୍ରାମି ଆଉ ଆଦୌ ସହ୍ୟ କରାଯିବ ନାହିଁ । ସେଲିବ୍ରିଟିମାନଙ୍କର ଭୁଲ୍ ଆଙ୍ଗେଲ୍‌ରୁ ଭିଡିଓ କରିବା ତୁରନ୍ତ ବନ୍ଦ ହେବା ଉଚିତ । ସୂଚନାଯୋଗ୍ୟ ଯେ, ନିକଟରେ ସୋନାକ୍ଷୀ ସିହ୍ନା ଏବଂ ଜହିରଙ୍କ ସହ ଦୌଡୁଥିବା ସମୟରେ ନେହାଙ୍କର ଏକ ବ୍ୟାକ୍ ଶଟ୍ ଭିଡିଓ ଭାଇରାଲ ହୋଇଥିଲା, ଯାହାକୁ ନେଇ ସେ ବେଶ୍ ଚିନ୍ତିତ ଥିଲେ । ତେବେ ପାପରାଜିଙ୍କ ଉପରେ କୌଣସି ଅଭିନେତ୍ରୀ ଏହି ଅଭିଯୋଗ ଲଗାଇବା ଏହା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ମଲାଇକା ଆରୋରା ମଧ୍ୟ ଏକ ଇଭେଣ୍ଟ ସମୟରେ ନିଜର ପ୍ରାଇଭେସି ଉଲ୍ଲଙ୍ଘନ ହେବାରୁ ଫଟୋଗ୍ରାଫରମାନଙ୍କୁ କ୍ଲାସ୍ ଲଗାଇଥିଲେ । ଅନ୍ୟପଟେ ଅଭିନେତ୍ରୀ ଜାହ୍ନବୀ କପୁର ମଧ୍ୟ ଏକ ସାକ୍ଷାତକାରରେ କ୍ଷୋଭ ପ୍ରକାଶ କରି କହିଥିଲେ ଯେ କିଛି ପାପରାଜି ସାଧାରଣ ଭିଡିଓ ଉପରେ ଭୁଲ୍ ଆଙ୍ଗେଲ୍‌ର ଫଟୋକୁ କଭର ଫଟୋ ଭାବେ ବ୍ୟବହାର କରି ସେଗୁଡ଼ିକୁ ସେନସେସନାଲ୍ କରିଦିଅନ୍ତି । ଯାହାକି ସେମାନଙ୍କ ସମ୍ମାନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସମ୍ପୂର୍ଣ୍ଣ ବିରୋଧୀ ।





**ମେଷ:** ମାନସିକ ଖୁସି, ବ୍ୟବସାୟରେ ସ୍ୱଳ୍ପଲାଭ, ଦୁରଯାତ୍ରାରେ ସତର୍କ, ଶତ୍ରୁ ସମସ୍ୟାରୁ ମୁକ୍ତି, ପାରିବାରିକ ଖୁସି, ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବନ୍ଧୁବିଦ୍ରୋହ, ଅନୁଷ୍ଠାନରୁ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଦ୍ରବ୍ୟଲାଭ, ବାଣିଜ୍ୟରେ ଲାଭ, ଶୁଭଖବର, ଦାମ୍ପତ୍ୟସୁଖ, ଶତ୍ରୁ ପରାଜିତ, ଭ୍ରମଣସୁଖ, ଶରୀର ସୁସ୍ଥ, ବିଦ୍ୱାନ ମିଳନ, ପରିବାରରେ ଶୁଭ ଆଲୋଚନା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଶୁଭକାର୍ଯ୍ୟରେ ଧନବ୍ୟୟ, ପାରିବାରିକ ଖୁସି, ବିବାଦ ସମାଧାନ, ଶୁଭଖବର, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ଦୂରଯାତ୍ରା, ଦାମ୍ପତ୍ୟଖୁସି, ଶତ୍ରୁରେ ବିଜୟ, ବ୍ୟବସାୟରେ ଲାଭ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଲୋକସମ୍ପର୍କ ବୃଦ୍ଧି, ସ୍ୱଜନେ ବିବାଦ, ସମ୍ମାନିତ, ବନ୍ଧୁଲାଭ, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା ।

**ସିଂହ:** ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଶୁଭଖବର, ହେବାକାର୍ଯ୍ୟ ବିଳମ୍ବ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଶରୀର ସୁସ୍ଥ, ନୂତନ ବ୍ୟବସାୟ, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ଶାନ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ମାନସିକ ଶାନ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ନୂତନ ବାଣିଜ୍ୟରେ ଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ଶୁଭଖବର, ସନ୍ତାନଲାଭ, ଦାମ୍ପତ୍ୟଖୁସି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ତୁଳା:** ଶତ୍ରୁରେ ବିଜୟ, ନୂତନ ଲାଭ, ଶୁଭଖବର, ବ୍ୟବସାୟରେ ଉନ୍ନତି, ଶତ୍ରୁସମସ୍ୟା, ବନ୍ଧୁବିଦ୍ରୋହ, ଶୁଭକାର୍ଯ୍ୟରେ ବିଳମ୍ବ, ଅନୁଷ୍ଠାନରୁ ଲାଭ ଦାମ୍ପତ୍ୟଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସମ୍ମାନବୃଦ୍ଧି, ଭୂସମ୍ପତ୍ତିଲାଭ, ଶୁଭଖବର, ନୂତନ ବ୍ୟବସାୟ, ଦ୍ରବ୍ୟଲାଭ, ଦାମ୍ପତ୍ୟଖୁସି, ଦେବଦର୍ଶନ, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଶୁଭ ଆଲୋଚନା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଗୃହେ ଉତ୍ସବ, ଶୁଭକାର୍ଯ୍ୟରେ ଧନବ୍ୟୟ, ବନ୍ଧୁଲାଭ, ସନ୍ତାନସୁଖ, ଲୋକସମ୍ପର୍କରେ ଉନ୍ନତି, ସୁମିଷ୍ଟ ଭୋଜନ, ବନ୍ଧୁଗୃହକୁ ଯାତ୍ରା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ନୃସିଂହ ।

**ମକର:** ହସଖୁସି, ମାନସିକ ଶାନ୍ତି, ଅର୍ଥସମସ୍ୟା, ଦୂରଯାତ୍ରା ସଫଳ, ସମ୍ପର୍କବୃଦ୍ଧି, ଶତ୍ରୁ ପରାଜିତ, ବ୍ୟବସାୟିକ ଲାଭ, ସମ୍ମାନପ୍ରାପ୍ତି, ସମ୍ପତ୍ତିଲାଭ, ଦାମ୍ପତ୍ୟଖୁସି, ବନ୍ଧୁଦର୍ଶନ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କୁମ୍ଭ:** ମାନସିକ ଶାନ୍ତି, ବ୍ୟବସାୟରେ ଲାଭ, ଶୁଭଖବର, ପାରିବାରିକ ଶାନ୍ତି, ବନ୍ଧୁଗୃହେ ଯାତ୍ରା, ସମ୍ପତ୍ତିଲାଭ, ବ୍ୟକ୍ତିସାହାଯ୍ୟ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, ସନ୍ତାନଲାଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ସରସ୍ୱତୀ ।

**ମୀନ:** କର୍ମକ୍ଷେତ୍ରେ ଅଶାନ୍ତି, ହେବାକାର୍ଯ୍ୟ ବିଳମ୍ବ, ଦୂରଯାତ୍ରା, ବନ୍ଧୁସାହାଯ୍ୟ, ଅତିଥି ସତ୍କାର, ନୂତନ ବ୍ୟବସାୟ, ଦାମ୍ପତ୍ୟକଳହ, ହଠାତ୍ ଧନଲାଭ, ସନ୍ତାନସୁଖ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗୌରୀ ।

**ଆଷାଢ଼ କୃଷ୍ଣପକ୍ଷ ଦ୍ୱିତୀୟା**
**୨.୭.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ" ଲୋକାର୍ପିତ

# ପ୍ରକାଶ ପାଇବ ଓଡ଼ିଶା ରାଜନୀତିର ଅର୍ଦ୍ଧଶତାବ୍ଦୀର ଗୁମର କଥା

ଭୁବନେଶ୍ୱର(ସବ୍ୟୁ) : ଓୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ' ଲୋକାର୍ପିତ ହୋଇଯାଇଛି । ପୁସ୍ତକଟି ଲୋକଲୋଚନକୁ ଆସିବା ପରେ ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ହୋଇଛି । ଆତ୍ମଜୀବନଟି ଓଡିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍ମୋଚନ କରିବ ।

ସଂଘର୍ଷ ଓ ସଫଳତା ଭିତରେ ଶ୍ରୀ ପଟ୍ଟନାୟକ ଯେଉଁ ରାସ୍ତା ଦେଇ ଆସିଛନ୍ତି, ତାହା ଯେତିକି ସ୍ମୃତି ବିଜଡିତ ସେତିକି ଚର୍ଚ୍ଚିତ । ଜଣେ ଶିଳ୍ପପତି ଭାବେ ସେ ଯେତିକି ପରିଚିତ, ଜଣେ ରାଜନେତା ଭାବେ ସେତିକି ଆଦୃତ । ଓଡିଶା ପ୍ରତି ଓଡିଆଙ୍କ ପ୍ରଗତି ପାଇଁ କିଛି କରିବାର ସଦିଚ୍ଛା ତାଙ୍କର କେତେ ସଫଳ ହୋଇଛି, ଆଉ କେତେ ବାକି ଅଛି, ତାହା ସମୟ ସାକ୍ଷୀ ହୋଇ ରହିଛି । ମହାତ୍ମାଗାନ୍ଧୀ, ଜବାହର ଲାଲ୍ ନେହେରୁ, ବିନୋବା ଭାବେଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗ ଦେଇ ଜଣେ ପ୍ରତିଷ୍ଠିତ ରାଜନୀତିଜ୍ଞ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ଓଡିଶା କଂଗ୍ରେସ ପ୍ରତି ତାଙ୍କର ଅବଦାନ ଅନେକ । ସମୟ କେତେବେଳେ କାହାକୁ କେଉଁ ସ୍ଥାନରେ ରଖିବ, ତାହା ପୂର୍ବ




ନିର୍ଦ୍ଧାରିତ । ସରକାର ବଦଳିଲେ ବି ଓଡିଶାର ପରିବର୍ତ୍ତନ ପାଇଁ ତାଙ୍କ ମନରେ ରହିଥିବା ଅସୁମାରୀ ଆଶାକୁ ଯୁବପିଢି ସାକାର କରିବେ ବୋଲି ତାଙ୍କର ଭରସା ରହିଛି । ଜୀବନର କିଛି ଅନୁଭୂତି ଓ ଘଟଣା ଚରିତ୍ରକୁ ନେଇ ସେ ଏହି ଆତ୍ମଜୀବନୀ ରଚନା କରିଛନ୍ତି ।

ଏହି ପୁସ୍ତକକୁ ଜଣେ ସାଧାରଣ ଓଡ଼ିଆର କଥା ଭାବେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିବା ସହ ଓଡିଶାର ବିଭିନ୍ନ କ୍ଷେତ୍ରରୁ ୯ ଜଣ ସାଧାରଣ ଓଡ଼ିଆ ଏହାକୁ ଲୋକାର୍ପିତ କରିଥିଲେ । ସେହି ଅତିଥିମାନଙ୍କ ମଧ୍ୟରେ ଥିଲେ ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହି ଡାକ୍ତରଖାନାରୁ ଫେରିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଚେୟାରମ୍ୟାନ ବାସନ୍ତୀ ମାଝୀ, ନିଜର ଦୃଷ୍ଟିଶକ୍ତି ନଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ମୁସଲମାନ ତରୁଣ ଅଫତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ସାତଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ପ୍ରମୁଖ ।

ପୁସ୍ତକର ସମୀକ୍ଷା କରିଥିଲେ ସାହିତ୍ୟିକ ଦାଶ ବେନହୁର । ସଭାରେ ଶ୍ରୀ ପଟ୍ଟନାୟକ ନିଜର ଲେଖନୀୟ ଅଭିବ୍ୟକ୍ତିରେ ଉଲ୍ଲେଖ କରିଥିଲେ ଯେ, ତାଙ୍କର ଏହି ସାଧାରଣ ଜୀବ କଥାରୁ ଯଦି ଜଣେ ବି ଯୁବକ ପ୍ରେରଣା ପାଇବ ତାଙ୍କ ରଚନା ସାର୍ଥକ ହେବ । ଶ୍ରୀ ପଟ୍ଟନାୟକଙ୍କ ସହ ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର ଏକ ମାର୍ମିକ ଆଲୋଚନା କରିଥିଲେ । ଆମ ଓଡିଶା ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ସଭାରେ ସଭାପତିତ୍ୱ କରିଥିଲେ ଆମ ଓଡିଶାର ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ । ରାଜ୍ୟର ବହୁ ଲେଖକ, କଳାକାର, ବୁଦ୍ଧିଜୀବୀ, ରାଜନେତା ଏହି ସଭାରେ ଉପସ୍ଥିତ ଥିଲେ ।

## ଓଡିଆ ଚଳଚ୍ଚିତ୍ର 'ଆଫାଦକୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଶ୍ରୀମତୀ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ଚଳଚ୍ଚିତ୍ର 'ଆଫାଦକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ । ମାନବିକତାକୁ ପ୍ରେରଣା ଦେବା ଏବଂ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ଚଳଚ୍ଚିତ୍ରରେ ଦୀର୍ଘଦିନ ଧରି ଗୁରୁତର ରୋଗରେ ପୀଡିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗ ଦାନ କରିବା ପାଇଁ ଆଗେଇ ଆସିଛି । ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି ।

## ଯୋଗଧାରୀ ବାଇପାସ୍ ଛକ ନିକଟରେ ରାହାଜାନି

### ଫାର୍ସାରେ ହାଣି ଲୁଟି ନେଲେ ଟଙ୍କା ସହ ସୁନା

ଜଗତସିଂହପୁର, (ସବ୍ୟୁ) : ମଙ୍ଗଳବାର ବିଳମ୍ବିତ ରାତିରେ ଯୋଗଧାରୀ ବାଏପାସ ଛକ ନିକଟରେ ରାହଜାନୀ । ଦୁଇ ମଦ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହ ସୁନା ଚେନ, ମୁଦି ଓ ବ୍ରେସଲେଟ ଲୁଟ କରିଛନ୍ତି ଦୁର୍ବୃତ୍ତ । ଗୁରୁତର ଦୁଇ ବ୍ୟବସାୟୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜଗତସିଂହପୁର ଓ ପରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ମଦ ବ୍ୟବସାୟୀ ହେଲେ ମକୁନ୍ଦପୁର(ପଣ୍ଡାସାହି) ଗ୍ରାମର ପ୍ରଶାନ୍ତ କୁମାର ଚୌଧୁରୀ ଓ ଦୁର୍ଗାବଜାରର ବିଶ୍ୱ ରଂଜନ ସାହୁ । ମଙ୍ଗଳବାର ବିଳମ୍ବିତ ରାତିରେ ଏରସମା ମଦ କାଉଣ୍ଟରରୁ କାର୍ଯ୍ୟ ସାରି କାର ଯୋଗେ ଜଗତସିଂହପୁର ଘରକୁ ଉଭୟ ଫେରୁଥିଲେ ।ବାଇପାସ ଛକ ନିକଟରେ ଗୋଟିଏ ଆପାଚି ଓ ଅନ୍ୟ ଏକ ପଲସର ମୋଟର ସାଇକେଲରେ ୪ଜଣ ଦୁର୍ବୃତ୍ତ ଆସି ମଦ ବ୍ୟବସାୟୀଙ୍କ ଗାଡି ଅଟକାଇ ଥିଲେ । ଗାଡି ଅଟକାଇ ଦୁର୍ବୃତ୍ତ ମାନେ ପାରାଦ୍ୱୀପ ରାସ୍ତା ପଚାରି ଥିଲେ ।ମାତ୍ର କଥା ହେବା ସମୟରେ ଦୁର୍ବୃତ୍ତ ମାନେ ହଠାତ ଏକ ଫାର୍ସା ବାହାର କରି ଉଭୟଙ୍କୁ ହାଣି ପକାଇ ଥିଲେ । ତା ସହିତ ମୁଣ୍ଡରେ ବନ୍ଧୁକ ଲଗାଇ ପାଖରେ ଯାହା ଅଛି ଦେବା ପାଇଁ ଧମକ ଦେଇଥିଲେ । ଉଭୟ ପିନ୍ଧିଥିବା ସୁନା ଚେନ,ବ୍ରେସଲେଟ,ମୁଦି ସହିତ ପାଖରେ ଥିବା ଅଢେଇ ଲକ୍ଷରୁ ଅଧିକ ଟଙ୍କାକୁ ଦୁର୍ବୃତ୍ତମାନେ ନେଇଯାଇଥିଲେ । ଦୁର୍ବୃତ୍ତ ମାନେ ରାହାଯାନୀ କରିବା ପରେ ବାଲିକୁଦା ଅଭିମୁଖେ ଫେରାର ହୋଇଯାଇଥିଲେ । ପୂର୍ବରୁ ଗତ ସୋମବାର ଦିନ ଭୋର ୪ଟା ସମୟରେ ବାଲିକୁଦା ଥାନା ଧନିଷ ଗ୍ରାମର ଜନୈକ ବ୍ୟକ୍ତି କଟକ ଅଭିମୁଖେ ଯାଉଥିବା ବେଳେ ଗତକାଲି ଘଟଣା ପରି ଦୁଇଟି ବାଇକରେ ୪ଜଣ ଦୁର୍ବୃତ୍ତ ଆସି ଗାଡି ଅଟକାଇ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ କରିଥିଲେ ।ଜଗତସିଂହପୁର ଥାନାରେ ଏତଲା ହୋଇଥିଲେ ହେଁ ପୋଲିସ ଦୁର୍ବୃତ୍ତ ମାନଙ୍କୁ ଧରିବାରେ ସକ୍ଷମ ହୋଇପାରି ନାହିଁ ।

# ଜଟଣୀ ପୁଲିସକୁ ମିଳିଲା ସଫଳତା, ଡକାୟତି ଯୋଜନା ପଣ୍ଡ

### ପାଞ୍ଚ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

ଜଟଣୀ, (ସବ୍ୟୁ) : ଜଟଣୀ ଥାନା ପୁଲିସ ପକ୍ଷରୁ ରାତ୍ର କାଳୀନ ପେଟ୍ରୋଲିଂ କରାଯାଉଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବଡଧରଣର ଡକାୟତି ଯୋଜନା ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଖବର ପାଇ ପୁଲିସ ପଣ୍ଡ କରିବା ସହିତ ପାଞ୍ଚଜଣ ଅଭିଯୁକ୍ତଙ୍କୁ ଘଟଣା ସ୍ଥଳରୁ ଗିରଫ କରି ବୁଧବାର କେଶ ନମ୍ବର ୩୬୯/୨୬ ଆଧାରରେ କୋର୍ଟ ଚାଲାଣ କରିଛନ୍ତି । ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ସ୍ୱତନ୍ତ୍ର ଟିମ ମଙ୍ଗଳବାର ରାତ୍ରିକାଳୀନ ପେଟ୍ରୋଲିଂ କରୁଥିବା ବେଳେ, ରାତି ପ୍ରାୟ ୧.୩୦ ମିନିଟ୍ ସମୟରେ ଜଟଣୀର ଚିନ୍ତାମଣି ନଗର ଛକ ନିକଟସ୍ଥ କାଜୁ ପଡ଼ିଆରେ କିଛି ଦୁର୍ବୃତ୍ତ ଏକତ୍ରିତ ହୋଇ ପ୍ଲାଣ୍ଟ ଅଞ୍ଚଳକୁ ଯାଉଥିବା ଯାନବାହାନ ସହ ପଥଚାରୀ ମାନଙ୍କୁ ବଡଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ପୁଲିସ ଟିମ ଅବିଳମ୍ବେ ଘଟଣା ସ୍ଥଳ ଅଭିମୁଖେ ଯାଇ ଚିନ୍ତାମଣି ନଗର ଛକ ନିକଟରେ ଗାଡ଼ି ରଖି ସମସ୍ତେ ଚାଲିଚାଲି କାଜୁ ପଡ଼ିଆ ଅଭିମୁଖେ ଯାଇଥିଲେ । କିଛି ଅସାମାଜିକ ବ୍ୟକ୍ତି ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ କାଜୁ ପଡ଼ିଆ ଭିତରେ



ଏକତ୍ରିତ ହୋଇ ମଦ୍ୟପାନ କରୁଥିବା ଏବଂ ଡକାୟତି ପାଇଁ ଯୋଜନା ପ୍ରସ୍ତୁତି କରୁଥିବା ଦେଖାଯାଇଥିଲା । ପୋଲିସକୁ ଦେଖି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ପୁଲିସ ଦଳ ତୁରନ୍ତ ସେମାନଙ୍କର ପିଛା କରି ପାଞ୍ଚଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ସେହି ପାଞ୍ଚ ଡକାୟତ ମାନେ ହେଲେ ଗଜପତି ନଗର ଅଞ୍ଚଳର ସୋମନାଥ ଜେନା ଓରଫ ଲଣ୍ଡୁ (୧୯), ଏସ ଶେଖର ରାଓ ଓରଫ ଶିବା (୨୨), ରାଜାବଜାରର ୱାହୀଦ ଶାହା ଓରଫ ୱାଉ (୨୨), ଗଜପତି ନଗରର ଅବଦୁଲ ମୁଜାଫର ଅଲ୍ଲୀ ଓରଫ ଗାଜା (୨୦) ଏବଂ ବିଶାଳ ଦାସ ଓରଫ ସୋନୁ (୨୨) । ଅଭିଯୁକ୍ତ ମାନଙ୍କୁ ପଚରାଉଚରା କରାଯିବାରୁ ସେମାନେ ମୋଟରସାଇକେଲ ଚାଳକ, ଚାରିଚକିଆ ଯାନ ଚାଳକ ଏବଂ ଟ୍ରକ୍ ଡ୍ରାଇଭରମାନଙ୍କୁ ଡକାୟତି କରିବା ଉଦ୍ଦେଶ୍ୟରେ ସେଠାରେ ଏକତ୍ରିତ ହୋଇଥିବା ପ୍ରକାଶ କରିଥିଲେ । ପୁଲିସ ଟିମ ଛାନଭିନ କରି ଅଭିଯୁକ୍ତ ମାନଙ୍କ ନିକଟରୁ ବିଭିନ୍ନ ମରଣାସ୍ତ୍ର ସହ ଦୁଇଟି ସ୍କୁଟି ଏବଂ ୩୩ ହଜାର ଟଙ୍କା ଜବତ କରିଥିଲେ । ଅଭିଯୁକ୍ତ ମାନେ ଅଭ୍ୟାଗତ ଅପରାଧୀ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ସୋମନାଥ ଜେନା ଓରଫ ଲାଣ୍ଡୁ ନାମରେ ଜଟଣୀ ଥାନାରେ ୩ ଟି ମାମଲା ରହିଛି । ଅଭିଯୁକ୍ତ ଏସ ଶେଖର ରାଓ ଓରଫ ଶିବା ନାମରେ ଗୋଟିଏ, ଅଭିଯୁକ୍ତ ୱାହିଦ ସାହା ଓରଫ ୱାଓ ନାମରେ ଜଟଣୀ ଓ ଖୋର୍ଦ୍ଧା ରୋଡ଼ ଜିଆରପି ଥାନାରେ ୨ ଟି, ଅଭିଯୁକ୍ତ ଅବଦୁଲ ମୁଜାଫର ଅଲ୍ଲୀ ଓରଫ ଗାଜା ନାମରେ ୨ ଟି ଏବଂ ଅଭିଯୁକ୍ତ ବିଶାଲ ଦାସ ଓରଫ ସୋନୁ ନାମରେ ଗୋଟିଏ ମାମଲା ରହିଛି ବୋଲି ଥାନାଧିକାରୀ ଶ୍ରୀ ବିଶ୍ୱାଳ କହିଛନ୍ତି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲିଛି ।

## ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ, ଉପାସରେ ଫେରିଲେ ଛାତ୍ରଛାତ୍ରୀ

ଗୋପ,(ସବ୍ୟୁ): ମଙ୍ଗଳବାର ମଧ୍ୟାହ୍ନ ଗୋଟାଏର ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀମତୀ ଭବମ ପ୍ରଧାନ ଅଚାନକ ଗୋପ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଥିବା ବ୍ରଜବନ୍ଧୁ ନୋଡାଲ ପ୍ରାଥମିକ ସ୍କୁଲରେ ପହଞ୍ଚି ମଧ୍ୟାହ୍ନ ଭୋଜନ ବନ୍ଦ ନେଇ ଅଚାନକ ଚଢ଼ାଉ କରିଥିଲେ । ଏହି ନୋଡାଲ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କ ଲାଗି ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନ ଥିବା ଜାଣିବାକୁ ପାଇଥିଲେ । କାହିଁକି ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନାହିଁ ଛାତ୍ରଛାତ୍ରୀମାନେ କଣ ଖାଇଲେ ଶିକ୍ଷାଧିକାରୀ ଶ୍ରୀମତୀ ପ୍ରଧାନ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପଚାରି ଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର କାହାରି ପାଖରେ ନଥିଲା । ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଥିବା ସ୍କୁଲରେ ଯଦି ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ପାରୁ ନାହିଁ ତା ହେଲେ ଏହି ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା କିପରି ଚାଲିଥିବ ସେ ସଂପର୍କରେ ଅସନ୍ତୋଷ ପ୍ରକାଶ କରିବା ସହ ନୂତନ ଭାବେ ଯୋଗ ଦେଇ ଥିବା ବ୍ଲକ ଶିକ୍ଷା ଅଧିକାରୀ ଦେବି ଲାଲ ମଲ୍ଲିକଙ୍କୁ ଏପରି ଅବ୍ୟବସ୍ଥା ସଂପର୍କରେ ଅବଗତ କରିଥିଲେ । ବୁଧବାର ପୂର୍ବାହ୍ନରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ବ୍ରଜବନ୍ଧୁ ନୋଡାଲ ସ୍କୁଲରେ ପହଞ୍ଚି ମଧ୍ୟାହ୍ନ ଭୋଜନ ରୋଷେଇ କାହିଁକି ହୋଇନାହିଁ ସେ ସଂପର୍କରେ ତଦନ୍ତ କରିବା ସହ ପ୍ରଧାନଶିକ୍ଷୟିତ୍ରୀ ଙ୍କୁ କାରଣ ଦର୍ଶାଅ ନୋଟିସ ମାଗିଥିବା ଜଣା ପଡ଼ିଛି । ବ୍ରଜବନ୍ଧୁ ନୋଡାଲ ସ୍କୁଲ ରେ ମଧ୍ୟାହ୍ନ ଭୋଜନ ରୋଷେଇ ଘଟଣା ସଂପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଦେବି ଲାଲ ମଲ୍ଲିକଙ୍କୁ ପଚାରିବାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ସପୃକ୍ତ ପ୍ରଧାନଶିକ୍ଷୟିତ୍ରୀ ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । କାରଣ ଦର୍ଶାଅ ରିପୋର୍ଟ ଆସିବା ପରେ ଅନ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

## ନଷ୍ଟ କରାଗଲା ଲକ୍ଷାଧିକ ଟଙ୍କାର ଜବତ ନିଶାଦ୍ରବ୍ୟ

ସୋର,(ସବ୍ୟୁ) : ସୋର ଠାରେ ତିନି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଯଥା କ୍ରମେ ବରୁଣ ଗୁଣ୍ଟୁପାଲି, ପ୍ରତ୍ୟୁଷ ଦିବାକର ଓ ମନୋଜ ରାଉତ, ବାଲେଶ୍ୱର ଅବକାରୀ ଅଧିକ୍ଷକ ସେକ ଆସିଫ ଅଲ୍ଲୀ, ମୟୂରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁର,ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟଜ୍ୟୋତି ଦାଶ, ତପସ୍ୱିନୀ କଅଁରଙ୍କ ସହ ବାଲେଶ୍ୱର ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ , ସୋର ଥାନାଧିକାରୀ ଦେବରାଜ ଜେନା ପ୍ରମୁଖ ଉପସ୍ଥିତ ରହି ଜବତ କରାଯାଇଥିବା ନିଶା ସାମଗ୍ରୀକୁ କୋର୍ଟଙ୍କ ନିର୍ଦ୍ଦେଶରେ ନଷ୍ଟ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାରୁ ମୋଟ ୧୧ ଟି କେଶରେ ୨୩୮ କେଜି ଗଞ୍ଜେଇ, ୧୧ କେଜି ବ୍ରାଉନ ସୁଗାର, ମୟୂରଭଞ୍ଜ ଜିଲ୍ଲାରୁ ୮ଟି କେଶରେ ୯୩୮ କେଜି ଗଞ୍ଜେଇ ଓ ଭଦ୍ରକ ଜିଲ୍ଲାରୁ ୪ଟି କେଶରେ ୧୨୬ କେଜି ଗଞ୍ଜେଇ ନଷ୍ଟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତିନି ଜିଲ୍ଲାର ସମସ୍ତ ଥାନାର ଅଧିକାରୀ, ଅବକାରୀ ବିଭାଗର ଅଧିକାରୀ ଏବଂ ଡିସପୋଜାଲ ଟିମ, ସ୍ଥାନୀୟ ଜନସାଧାରଣ,ସମାଜସେବୀ ଉପସ୍ଥିତ ରହି ଥିଲେ ।

## କେନ୍ଦୁଆ ପଞ୍ଚାୟତ ଗୃହ ମାମଲା : ଜିଲ୍ଲାପାଳଙ୍କ ପରେ ବିଡିଓଙ୍କୁ ଫେରାଦ

ବେତନଟୀ ,(ସବ୍ୟୁ) : ଦୀର୍ଘ ଦଶ ବର୍ଷ ଧରି କେନ୍ଦୁଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣରେ ଅନିଶ୍ଚିତତା ପାଇଁ ପଞ୍ଚାୟତ ବାସୀ ଦ୍ୱନ୍ଦ୍ୱରେ ରହିଛନ୍ତି । ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ସ୍ଥାନ ନିରୁପଣ ହେବା ପୁଣି ସେହି ସ୍ଥାନକୁ ବାଦ ଦେଇ ପୁଣି ଅନ୍ୟ ସ୍ଥାନକୁ ଚିହ୍ନଟ କରିବା ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ସ୍ଥାନୀୟ ବିଧାୟକ ବିବାଦୀୟ ସ୍ଥାନ ଭାବେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୂମିପୂଜନ କରିବା ଘଟଣା ବିବାଦ ସୃଷ୍ଟି କରିଥିଲା । ଏହିଭଳି ବିବାଦ ପାଇଁ ନୂତନ ଗୃହ ନିର୍ମାଣ ହୋଇ ପାରିଲା ନାହିଁ । ଏହାକୁ ନେଇ ଏକ ସପ୍ତାହ ପୂର୍ବରୁ ଶତୃଘ୍ନ ସିଂ ଙ୍କ ନେତୃତ୍ୱରେ କିଛି ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ଦୁଃଖ ଜଣାଇଥିଲେ । ଏହାପରେ ସୋମବାର ଦିନ ବେତନଟୀ ବିଡିଓ ମୁନା ସେଠୀଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ । ମାତ୍ର ପ୍ରତିଉତ୍ତରରେ ବିଡିଓ କହିଲେ ତମ ଭିତରେ ଝଗଡା ଲାଗୁଛ ଏଣୁ ହୋଇ ପାରିବ ନାହିଁ । ମାତ୍ର କେନ୍ଦୁଆ ପଞ୍ଚାୟତ ବାସୀ କହିଲେ ଆପଣ ତହସିଲଦାରଙ୍କୁ ଚିଠି କରନ୍ତୁ ସେ ଗ୍ରାମବାସୀଙ୍କୁ ନେଇ ସ୍ଥାନ ନିରୁପଣ କରିବେ । ଏହା ପରେ ବିଡିଓ ଏକ ନୋଟିସ କରିବେ ତାପରେ ଗାଇଡ ଲାଇନ ଅନୁସାରେ ସ୍ଥାନ ନିରୁପଣ କରାଯିବ । ଏହିଭଳି ୧୦ ବର୍ଷ ଧରି ଗୃହ ନିର୍ମାଣରେ ଅନିଶ୍ଚିତତା ଲାଗି ରହିଥିବାରୁ ଉଦବେଗ ପ୍ରକାଶ ପାଇଛି ।

## ଓଡ଼ିଶାର ଗର୍ବ ନନ୍ଦନକାନନ, ସନ୍ଧ୍ୟା ହେଲେ ଘନ ଅନ୍ଧାର

ବାରଙ୍ଗ, (ସବ୍ୟୁ): ଓଡ଼ିଶାର ଗର୍ବ, ଦେଶ ବିଦେଶର ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ମୁଖ୍ୟ ଫାଟକ ସନ୍ଧ୍ୟାରୁ ସଂପୂର୍ଣ୍ଣ ଅନ୍ଧାରରେ । ଗେଟ ସମ୍ମୁଖର ଆଲୋକ ବ୍ୟବସ୍ଥା ସଂପୂର୍ଣ୍ଣ ଠପ । ଗୋଟିଏ ବି ଲାଇଟ ଜଳୁନି । ସନ୍ଧ୍ୟା ପରେ ଉଦ୍ୟାନରୁ ବାହାରୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଦୋକାନୀମାନେ ମୋବାଇଲ ଟର୍ଚ୍ଚ ଜାଳି ଯାତାୟାତ କରୁଛନ୍ତି । ମୁଖ୍ୟ ଫାଟକ ପରି ଏକ ସମ୍ବେଦନଶୀଳ ସ୍ଥାନରେ ଏଭଳି ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଏହା ପ୍ରଥମ ଥର ନୁହେଁ । କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ବାରମ୍ବାର ଏଭଳି ସ୍ଥିତି ଉପୁଜୁଛି ବୋଲି ଅଭିଯୋଗ ହେଉଛି । ଯାହାକୁ ନେଇ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ବା ସୃଷ୍ଟି କରିଛି । ପର୍ଯ୍ୟଟକଙ୍କ ସୁରକ୍ଷା କଥା କିଏ ବୁଝିବ? ଅନ୍ଧାରରେ ଦୁର୍ଘଟଣା ଘଟିଲେ ଦାୟୀ କିଏ?ଜଣେ ଦର୍ଶକ କହିଛନ୍ତି, ନନ୍ଦନକାନନ ଆମ ପରିଚୟ । ଏଠି ଗେଟ ଆଗରେ ହିଁ ଯଦି ଆଲୁଅ ନଥିବ, ତେବେ ପର୍ଯ୍ୟଟନ ବିକାଶର କଥା କେବଳ ପ୍ରଚାର ବୋଲି କହିବାକୁ ପଡିବ । ଉଦ୍ୟାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ । ତୁରନ୍ତ ଆଲୋକ ବ୍ୟବସ୍ଥା ସଜାଡିବା ସହ ଏଭଳି ଅବହେଳା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି ।

## ମାଣତ୍ରୀ ଔଷଧ ଦୋକାନରେ ଚଢ଼ାଉ

ବେତନଟୀ ,(ସବ୍ୟୁ) :ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ମାଣତ୍ରୀ ବଜାର ଅଞ୍ଚଳରେ ଥିବା ଔଷଧ ଦୋକାନ ଉପରେ ବୁଧବାର ଚଢ଼ାଉ ହୋଇଛି । ଜିଲ୍ଲା ଔଷଧ ନିୟନ୍ତ୍ରକ ଅଧିକାରୀଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ ବୁଧବାର ପୂର୍ବାହ୍ନରେ ମାଣତ୍ରୀ ବଜାର ଠାରେ ପହଞ୍ଚି କ୍ରୀଷ୍ଣା ମେଡିକାଲ ଷ୍ଟୋର ଓ ନିକଟସ୍ଥ ମାନଗୋବିନ୍ଦପୁର ଠାରେ ଥିବା ଶ୍ରୀହରି ମେଡ଼ିସିନ ଷ୍ଟୋର ଉପରେ ରେଡ କରି ଔଷଧ ଓ କାଗଜପତ୍ର ଯାଞ୍ଚ କରିଥିଲେ । ସୁରକ୍ଷା ଦୃଷ୍ଟିରୁ ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସୁକାନ୍ତ କୁମାର ନାୟକ ପୋଲିସ ଟିମ ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ସୂଚନା ମିଳିଛି ।

## ମଇଁଷି ବିବାଦରୁ ବୃଦ୍ଧଙ୍କୁ ପିଟିପିଟି ହତ୍ୟା

ନୟାଗଡ଼ ,(ସବ୍ୟୁ) : ବିଲ ହୁଡ଼ାରେ ମଇଁଷି ନେବାକୁ ବାରଣ କରିବାରୁ ବୃଦ୍ଧଙ୍କୁ ପିଟି ପିଟି ମାରିଦେଲେ । ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପାଣ୍ଡେରିପାଟଣା ଗାଁରେ । ସୂଚନା ଅନୁସାରେ ପାଣ୍ଡେରିପାଟଣା ଗାଁର ପୀତବାସ ଖଟୁଆଙ୍କ ଜମି ହୁଡ଼ାରେ ବାଘେରା ଗାଁର ବାନାମ୍ବର ପରିଡ଼ା ସବୁବେଳେ ମଇଁଷି ନବା ଆଣିବା କରୁଥିଲେ । ୧୫ ଦିନ ତଳେ ଏହାକୁ ପୀତବାସ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିଲା ।ଏ ନେଇ ମାମଲା ଥାନା ପର୍ଯ୍ୟନ୍ତ ମଧ୍ୟ ଯାଇଥିଲା । ଗତକାଲି ପୀତବାସ ବାଘେରା ଗାଁରେ ଚା ପିଉଥିବାବେଳେ ବାନାମ୍ବର ଓ ତାଙ୍କର କିଛି ସହଯୋଗୀ ପୀତବାସଙ୍କୁ ଉଠାଇ ନେଇଥିଲେ । କିଛି ଦୂରରେ ମରଣାନ୍ତକ ଆକ୍ରମଣ କରି ଛାଡ଼ି ଚାଲିଯାଇଥିଲେ । ଗୁରୁତର ଅବସ୍ଥାରେ ଘର ଲୋକେ ପୀତବାସଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଇଟାମାଟି ପୁଲିସ ୨୨୮/୨୦୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ରେଳ ଚାକିରି ଠକେଇ ମାମଲା : ଅଭିଯୁକ୍ତ ଗିରଫ

କେନ୍ଦୁଝର, (ଜିପ୍ର/ସବ୍ୟୁ) : କେନ୍ଦୁଝର ସଦର ପୋଲିସ ଚାକିରି ଦେବାକୁ କହି ପ୍ରାୟ ୧୦ଲକ୍ଷ ( ୯ ଲକ୍ଷ ୯ ୯ ହଜାର) ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ, ପଣ୍ଡୁଆ ଗ୍ରାମର ଅମ୍ବୁଜ କୁମାର ଜେନାଙ୍କ ପୁଅ ସ୍ମୃତି ଶେଖର ଜେନା (୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ଜଣେ ଚାକିରି ଆଶାୟୀଙ୍କ ପରିବାରକୁ ନିଜକୁ ରେଳବାଇ ମହାପ୍ରବନ୍ଧକଙ୍କ ବ୍ୟକ୍ତିଗତ ସହାୟକ ଭାବେ ପରିଚୟ ଦେଇ ପୂର୍ବତଟ ରେଳବାଇରେ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଠକିଥିଲେ ବୋଲି ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ କହିଛନ୍ତି । କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଜଡ଼ିପଦା ଗ୍ରାମର ମଙ୍ଗଳ ଓରାମ (୬୧),ଙ୍କ ଝିଅକୁ ସରକାରୀ ଚାକିରି ଯୋଗାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ମୋଟ ୯ଲକ୍ଷ ୯୮ହଜାର ୯୭୭ଟଙ୍କା ଦେବାକୁ ପ୍ରବର୍ତ୍ତାଇଥିଲେ । ଅଭିଯୁକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟଙ୍କା ଦୁଇଟି ବ୍ୟାଙ୍କ ଆକାଉଣ୍ଟରେ ଡିସେମ୍ବର ୨୦୨୩ ରୁ ଏପ୍ରିଲ ୨୦୨୪ ମଧ୍ୟରେ ଜମା କରାଯାଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଅଭିଯୋଗକାରୀଙ୍କ ବିଶ୍ୱାସ ହାସଲ କରିବା ପାଇଁ, ଅଭିଯୁକ୍ତ ଅଭିଯୋଗକାରୀଙ୍କ ଝିଅଙ୍କ ନାମରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ପଦବୀ ପାଇଁ ପୂର୍ବତଟ ରେଳବାଇର ନକଲି ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ କୌଣସି ନିଯୁକ୍ତି ପ୍ରଦାନ କରାଯାଇ ନଥିଲା । ଶେଷରେ ଅଭିଯୋଗକାରୀଙ୍କୁ ଠକିଥିଲା । ଏହାକୁ ନେଇ ଅଭିଯୋଗ କାରି ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ କେସ ନମ୍ବର ୩୬୧ ତାରିଖ ୦୧.୦୬.୨୦୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟ କରି, ତଦନ୍ତକାରୀ ଦଳ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ପାଖଡ ଗ୍ରାମଠାରେ



ଏକ ଭଡା ଘରେ ଖୋଜାଖୋଜି କରିଥିଲେ, ଯେଉଁଠାରେ ତାଙ୍କୁ ଗିରଫ କରାଯାଇଥିଲା ବୋଲି ପୋଲିସ କହିଛି । ପଚରାଉଚରା ସମୟରେ, ଅଭିଯୁକ୍ତ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ । ତଦନ୍ତ ସମୟରେ, ପୋଲିସ ନକଲି ନିଯୁକ୍ତି ପତ୍ର, ବ୍ୟାଙ୍କ ଜମା ସ୍ଲିପ ଏବଂ କାରବାର ରେକର୍ଡ ଜବତ କରିଥିଲା । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି ।

## ୩.୨୫ କୋଟି ଠକେଇ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୩.୨୫ କୋଟି ଠକେଇ ଅଭିଯୋଗରେ ୟୁକୋ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ଶିବପ୍ରସାଦ ଦାସଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ଶିବପ୍ରସାଦ କଟକ ଓଲ୍ଡ ସେକ୍ରେଟାରିଏଟ୍ ୟୁକୋବ୍ୟାଙ୍କ ଶାଖାର ମ୍ୟାନେଜର ଥିବାବେଳେ ଏହି ଠକେଇ କରିଥିବା ଇଓଡବ୍ଲ୍ୟୁ କହିଛି । ୟୁକୋବ୍ୟାଙ୍କର ଜୋନାଲ ମୁଖ୍ୟ ଶ୍ରୀମତୀ ବର୍ଷା ଏତଲା କରିବା ପରେ ଇଓଡବ୍ଲ୍ୟୁ ତଦନ୍ତ କରି ଶିବପ୍ରସାଦଙ୍କୁ କଟକ ତ୍ରିଶୂଳିଆସ୍ଥିତ ତାଙ୍କ ଘରୁ ଗିରଫ କରିଛି । ସେ ୨୨ଟି କାର୍ ଲୋନ୍ ଓ ଦୁଇଟି ବ୍ୟବସାୟ ଲୋନ ଦେଇଥିଲେ । ଯେଉଁଥିରେ କାଗଜପତ୍ର ନଥାଇ ୩ କୋଟି ୨୫ଲକ୍ଷ ୪୩ ହଜାର ଟଙ୍କା ଋଣ ମଞ୍ଜୁର କରିଥିଲେ । ୨୦୨୧



ମସିହାରୁ ୨୦୨୪ ମସିହା ଏବଂ ତା'ପରେ ୨୦୨୪ରୁ ୨୦୨୫ ମଧ୍ୟରେ ସେ ଦେଇଥିବା ଋଣ ସବୁ ପରିଶୋଧ ହେଲାନାହିଁ । କଟକରୁ ଶିବପ୍ରସାଦ ସାଲେପୁର ବ୍ରାଞ୍ଚକୁ ଯାଇଥିଲେ ମଧ୍ୟ ଏହିପରି ଅନୈତିକ କାର୍ଯ୍ୟ କରିଥିବା ଅଡିଟ୍‌ରୁ ଜଣାପଡିବା ପରେ ତାଙ୍କ ବିରୋଧରେ ଏତଲା ହୋଇଥିଲା । ଏତଲା ଅନୁଯାୟୀ ଇଓଡବ୍ଲ୍ୟୁ ଶିବପ୍ରସାଦଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଜିଲ୍ଲାପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ, (ସବ୍ୟୁ) : ମଙ୍ଗଳବାର ଦିନ ପୁରୀ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ଦୀର୍ଘଦିନ କାର୍ଯ୍ୟ କରିବା ପରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଡ ମହାପାତ୍ରଙ୍କୁ ସେବା ନିବୃତ୍ତ ଅବସରରେ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିବା ସହ ଡ ମହାପାତ୍ର ଜଣେ ଦକ୍ଷ, କର୍ତ୍ତବ୍ୟ ନିଷ୍ଠ, ନିଷ୍ଠାପର ଓ ମିଷ୍ଟଭାଷୀ ଅଧିକାରୀ ଥିଲେ ବୋଲି କହିଥିଲେ । ରାଜସ୍ୱ ପରି ଏକ ଗୁରୁତ୍ୱ ପୂର୍ଣ୍ଣ ବିଭାଗକୁ ସେ ସୁଚାରୁ ରୁପେ ନିର୍ବାହ କରିଥିଲେ ।ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟରେ ତାଙ୍କର ଅବଦାନ ସ୍ମରଣୀୟ ବୋଲି କହିବା ସହ ଅବସର ପରବର୍ତ୍ତୀ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁସ୍ଥ, ନୀରୋଗ ଓ ଆନନ୍ଦ ଦାୟକ ହେଉ ବୋଲି କାମନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ



ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଡ ମହାପାତ୍ରଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁଖରେ ଅତିବାହିତ ହେଉ ବୋଲି କାମନା କରିଥିଲେ ।ନିଜ ପ୍ରତିକ୍ରିୟା ରେ ଅତିରିକ୍ତ ଜିଲ୍ଲାପାଳ ଡ ମହାପାତ୍ର ନିଜ ଦାୟିତ୍ୱକୁ ସଠିକ ଭାବେ ନିର୍ବାହରେ ସମସ୍ତ ଙ୍କ ସହଯୋଗ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଡେପୁଟି କଲେକ୍ଟର ବୃନ୍ଦ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଓଡ଼ିଶାରେ ବିଜେପି ଶକ୍ତିଶାଳୀ ହେଉଛି : ମନମୋହନ

## ବିଜେପିରେ ଯୋଗଦେଲେ ମଞ୍ଜୁଲତା, ମୁକ୍ତିକାନ୍ତ

ଭୁବନେଶ୍ୱର, (ସବ୍ୟୁ) : ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ବୁଧବାର ଭଦ୍ରକର ପୂର୍ବତନ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ ତଥା ଭଦ୍ରକ ଜିଲ୍ଲାର ବରିଷ୍ଠ ନେତା ଶଶୀ କୁମାର ସାହୁ ପ୍ରମୁଖ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଯୋଗଦେଇ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି।



ବିଜେପି ଶାସନରେ ସଂକଳ୍ପରୁ ସିଦ୍ଧି କାରଣରୁ ସମସ୍ତେ ବିଜେପିରେ ଯୋଗ ଦେଉଛନ୍ତି। ଦେଶର ୨୨ ରାଜ୍ୟରେ ବିଜେପି ଏବଂ ଏନ୍‌ଡିଏ ସରକାର ଅଛି।ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମକୁ ସଂକଳ୍ପ ନେବାକୁ ହେବ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ବିଜେଡିର ପୂର୍ବତନ ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ସିମୁଳିଆ ବିଧାନସଭା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ସାହୁ, ବାସୁଦେବପୁର ପୌରପରିଷଦ ପୂର୍ବତନ ପୌରାଧ୍ୟକ୍ଷା ଅଞ୍ଜୁଲତା ମହାନ୍ତି, ବାସୁଦେବପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ପ୍ରଭାତୀ ମଣ୍ଡଳ, ଚାନ୍ଦବାଲୀ ନିର୍ବାଚନମଣ୍ଡଳୀର ପ୍ରତାପ ଚନ୍ଦ୍ର ବେହେରା, ଅଲେଖ ଚନ୍ଦ୍ର ବଳ, ଆଲୋକ ବଳ, ଅଭିମନ୍ୟୁ ବଳ, ଉତମ କୁମାର ବଳ, ସବୀନ ନାୟକଙ୍କ ସମେତ ଜିଲ୍ଲାର ବାସୁଦେବପୁର, ତିହିଡି, ଧାମନଗର, ବ୍ଲକର ଶତାଧିକ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ବିଜେଡିର ପୂର୍ବତନ ମହିଳା ସାଧାରଣ ସମ୍ପାଦିକା ରୁବିନା ପରିଡା, ପୂର୍ବତନ କର୍ପୋରେଟର ନିର୍ମଳ ରାଉତ, ସମାଜସେବୀ ପ୍ରଦୀପ୍ତ ପରିଡା, ରମେଶ ଚନ୍ଦ୍ର ବିହାରୀ, ଚନ୍ଦ୍ରଜିତ ରାଉତରାୟ, ତପସ୍ୱିନୀ ମହାନ୍ତି, ସଚଳା ପରିଡା, ମଞ୍ଜୁ ସ୍ୱାଇଁ, ସରସ୍ୱତୀ ପରିଡା, ମୀନତି ଦାସ, ପ୍ରତିମା ପାତ୍ର, ସଞ୍ଜୁକ୍ତା ସ୍ୱାଇଁ, ସ୍ୱାତୀ ଖିଲାର, ପ୍ରିୟଦର୍ଶନୀ ପରିଡା, ଶ୍ରୀ ଜି.ଶ୍ରୀନିବାସ, ସମାଜସେବୀ ଲିପିସା ମହାନ୍ତି ପ୍ରମୁଖ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

### ସନ୍ଦେହ, ସମ୍ଭାବନା ଆଧାରରେ

## ହତ୍ୟା ମାମଲାକୁ ପ୍ରମାଣ କରାଯାଇ ପାରିବ ନାହିଁ: ହାଇକୋର୍ଟ

କଟକ, (ସବ୍ୟୁ): ଡାଆଣୀ ସନ୍ଦେହରେ ଜଣେ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଆସାମୀ ଛୋଟୁରାମ ମହନ୍ତକୁ ହାଇକୋର୍ଟ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ସନ୍ଦେହ, ସମ୍ଭାବନା ଆଧାରରେ କୌଣସି ହତ୍ୟା ମାମଲାକୁ ପ୍ରମାଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ମତ ଦେଇଛନ୍ତି। ଏଥିସହ ଜାମିନ୍‌ରେ ଥିବା ଆସାମୀ ଛୋଟୁରାମ ମହନ୍ତଙ୍କୁ ଛାଡ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ବାରିପଦା ଆଡହକ୍ ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଆଦେଶକୁ ରଦ୍ଦ କରିବା ଅବସରରେ ଏହି ରାୟ ଦେଇଛନ୍ତି। ମହୁଲପଡ଼ା ଥାନା ଅନ୍ତର୍ଗତ ଅଭିଯୁକ୍ତ ଛୋଟୁରାମ ମହନ୍ତ ଡାଆଣୀ ସନ୍ଦେହରେ ଠାକୁରୀ ମହନ୍ତଙ୍କୁ ୨୦୦୨ ମସିହା ଜୁନ୍ ୨୧ ତାରିଖରେ ହତ୍ୟା କରିଥିଲା। ଏ ସଂକ୍ରାନ୍ତରେ ଠାକୁରୀ ମହନ୍ତଙ୍କ ପୁଅ ମହୁଲପଡ଼ା ଥାନାରେ ଏତଲା ଦେଇଥିଲା । ଏହି ଏତଲା ଆଧାରରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲା। ମାମଲାର ଶୁଣାଣି ବାରିପଦା ଆଡହକ୍ ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇଥିଲା । ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଦାଲତ ୨୦୦୪ ମସିହା ମାର୍ଚ୍ଚ ୧୦ ତାରିଖରେ ଏହି ମାମଲାରେ ରାୟ ପ୍ରକାଶ କରି ଅଭିଯୁକ୍ତ ଛୋଟୁରାମ ମହନ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ଶୁଣାଣି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଏହି ହତ୍ୟା ଘଟଣା ସମ୍ପୂର୍ଣ ସନ୍ଦେହରୁ ଊର୍ଦ୍ଧ୍ୱରେ ନାହିଁ । ନିମ୍ନ ଅଦାଲତ ମୃତକଙ୍କ ପୁଅ ମାମଲା କରିଥିବାରୁ ସେଥିରେ ଭାସିଯାଇ ଏହାକୁ ସମ୍ପୂର୍ଣ ବିଶ୍ୱାସକୁ ନେଇ ଯାଇଛନ୍ତି କିନ୍ତୁ ଏହି ଘଟଣାରେ ପ୍ରମାଣ ସମ୍ପୂର୍ଣ ଗ୍ରହଣଯୋଗ୍ୟ ହୋଇପାରି ନାହିଁ । ତେଣୁ ଯଥେଷ୍ଟ ପ୍ରମାଣ ନଥିବାରୁ କେବଳ ପୁଅ ଏତଲା ଦେଇଥିବା ଆଧାରରେ ଅଭିଯୁକ୍ତକୁ ଏହି ହତ୍ୟା ଘଟଣା ପାଇଁ ଦାୟୀ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି।

# ଜାତୀୟ ଡାକ୍ତର ଦିବସରେ ଆନ୍ଦୋଳନକୁ ଓହ୍ଲାଇଲେ ଡାକ୍ତର

ଖୋର୍ଦ୍ଧା, (ସବ୍ୟୁ) : ସାରା ରାଜ୍ୟରେ ଓଡିଶା ମେଡିକାଲ ସର୍ଭିସ୍‌ଆସୋସିଏସନ୍ (ଓମ୍‌ସା) ପକ୍ଷରୁ ବିଭିନ୍ନ ଦାବିନେଇ ଡାକ୍ତରମାନେ ପ୍ରତିବାଦ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ମୁଖ୍ୟ ଡାକ୍ତରମାନେ ଆଜି କରିଥିଲେ। ତେବେ ଓମସାର ରାଜ୍ୟ ନେତୃତ୍ୱଙ୍କ ନିଷ୍ପତି ଅନୁସାରେ ପରବର୍ତୀ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ଦରମା ସଂରଚନା ଅନୁଯାୟୀ ଯୋଗ୍ୟତା ତାରିଖ ଠାରୁ ଡିଏସିପି ଲାଗୁ, ସମସ୍ତ ଗ୍ରେଡ୍ ର ଡାକ୍ତରମାନଙ୍କ ପାଇଁ ଅନୁପାତିକ ଭାବେ




### ୧୦ଦଫା ଦାବିରେ ଓମ୍‌ସାର ପ୍ରତିବାଦ

ଓମସାର ଦାବିକୁ ସମର୍ଥନ କରି ଓମସାର ଜିଲ୍ଲା ଶାଖା ସଭାପତି ତଥା ଡିଏମ୍‌ଓ ଡା. ଶ୍ୟାମା ପ୍ରସନ୍ନ ମିତ୍ରଙ୍କ ନେତୃତ୍ୱରେ କାର୍ଯ୍ୟବନ୍ଦ କରି ପ୍ରତିବାଦ କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ରୋଗୀ ସେବା କିପରି ବ୍ୟାଘାତ ନହେବ ସେ ନେଇ ଆଲୋଚନା କ୍ୟାଡର ପୁନର୍ଗଠନ, ସୁପର ସ୍ପେଶାଲିଷ୍ଟ, ସ୍ପେଶାଲିଷ୍ଟ, ଡିପ୍ଲୋମାଧାରୀ ଡାକ୍ତରଙ୍କ ପାଇଁ ଅତିରିକ୍ତ ପ୍ରୋତ୍ସାହନ ଭତା, ଦୁର୍ଗମ ଅଂଚଳରେ କାର୍ଯ୍ୟରତ ଡାକ୍ତରମାନଙ୍କ ପାଇଁ ୩ ବର୍ଷିଆ ଏକ୍ସିଟ୍ ପଲିସି, ଦାନ୍ତ ଡାକ୍ତରଙ୍କୁ ମଧ ଡିଏସିପି, ସ୍ପେଶାଲିଷ୍ଟ ଆଲାଉନ୍ସ ପ୍ରଦାନ କରିବା, ଭୁବନେଶ୍ୱରରେ କେବଳ ଓଏମ୍‌ଏଚସି କ୍ୟାଡର ପାଇଁ ଏକ ସ୍ୱତନ୍ତ୍ର ଦ୍ୱିତୀୟ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ କରିବା, ଓପିଏସସି ମାଧ୍ୟମରେ ପ୍ରତିବର୍ଷ ନିୟମିତ ଡାକ୍ତର ନିଯୁକ୍ତି କରିବା, ଓଡ଼ିଶା ମେଡିକେୟାର ଆକ୍ଟ'ର କଡ଼ାକଡ଼ି ଅନୁପାଳନ ଓ ସଂଶୋଧନ କରାଯାଉ, ଆଡହକ (ଅସ୍ଥାୟୀ) ଡାକ୍ତରମାନଙ୍କ ଚାକିରି ନିୟମିତ କରିବା, ସ୍ୱାସ୍ଥ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଏକ ସାମଗ୍ରିକ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା ପ୍ରମୁଖ ୧୦ଗୋଟି ଦାବି ରହିଛି। ତେବେ ଦୀର୍ଘଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଡାକ୍ତରମାନେ ଦାବି ଜଣାଇ ଆନ୍ଦୋଳନ କରି ଆସୁଥିଲେ। ଗତ ଜାନୁଆରୀରେ ସରକାରଙ୍କ ପ୍ରତିଶ୍ରୁତି ଯୋଗୁଁ ସଂଘ ଆନ୍ଦୋଳନ ସ୍ଥଗିତ ରଖିଥିଲା। କିନ୍ତୁ ଗତ ୬ମାସ ମଧ୍ୟରେ କୌଣସି ସୁଫଳ କିମ୍ବା ଲିଖିତ ପ୍ରତିଶ୍ରୁତି ନମିଳିବାରୁ ବୁଧବାର ଠାରୁ ପୁନର୍ବାର ସଂଘ ଆନ୍ଦୋଳନ କୁ ଓହ୍ଲାଇଛି।

### ବିଧାନସଭାରେ କଫିଟେବୁଲ ବୁକ୍ ଉନ୍ମୋଚିତ ଏବଂ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ

## ପୂର୍ବତନ ବିଧାୟକମାନେ ବହୁଳ ଭାବେ ଉପକୃତ ହେବେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , (ସବ୍ୟୁ) : ବିଧାନ ସଭା ପକ୍ଷରୁ ପ୍ରସ୍ତୁତ ଦୁଇଟି ମୂଲ୍ୟବାନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଫିଟେବୁଲ ବୁକ ଉନ୍ମୋଚନ କରିବା ସହିତ ଗୋଟିଏ ନୂଆ ଫିଜିଓଥେରାପି ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ନେତୃତ୍ୱରେ ବିଗତ ଦୁଇ ବର୍ଷ ଭିତରେ ବିଧାନ ସଭାରେ ଅନେକ ଐତିହାସିକ ଘଟଣା ଘଟି ଯାଇଛି । ଅନେକ ପ୍ରଭାବଶାଳୀ ଆଇନ ପାରିତ ହେବା ସହ ବିଧାନସଭାର ସମସ୍ତ ପ୍ରକ୍ରିୟା ଡିଜିଟାଇଜ କରାଯାଇପାରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଣି କହିଥିଲେ ଯେ ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଧାନ ସଭାର ଦୁଇ ବର୍ଷର କାର୍ଯ୍ୟକଳାପକୁ ନିଖୁଣ ଭାବରେ ଫଟୋଚିତ୍ର ମାଧ୍ୟମରେ ପ୍ରକାଶ କରାଯାଇଛି ଏବଂ ଏହି ଦୁଇଟି ପୁସ୍ତକରେ ବିଧାନ ସଭାର ବିଭିନ୍ନ କାର୍ଯ୍ୟକ୍ରମ ସଠିକ୍ ଭାବେ ଚିତ୍ରଣ କରାଯାଇଛି । ପୁସ୍ତକ ସଂପର୍କରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବିଗତ ଦୁଇ ବର୍ଷ ମଧ୍ୟରେ ନୂତନ ବିଧାୟକମାନଙ୍କ ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିର ଓ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ସୁନ୍ଦର ଚିତ୍ର ଏଥିରେ ସ୍ଥାନ ପାଇଛି । ଆଗାମୀ ଦିନରେ ଏହି ପୁସ୍ତକ ଆମ ଯୁବପିଢ଼ି ଓ ଗବେଷକମାନଙ୍କ ପାଇଁ ଏକ ଅମୂଲ୍ୟ ପୁସ୍ତକ ହେବା ସହିତ ଓଡ଼ିଶା ବିଧାନସଭାର ଯଶ ଓ ଗୌରବକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବିଧାନ ସଭା ପରିସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ




ନୂଆ ଭାବେ ଆରମ୍ଭ ହୋଇଥିବା ଫିଜିଓଥେରାପି ସେଣ୍ଟରରେ କ୍ୟାପିଟାଲ ହସ୍ପିଟାଲ ଏବଂ ଡାକ୍ତର ଓ ପାରାମେଡିକାଲ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହି ଫିଜିଓଥେରାପି କେନ୍ଦ୍ର ମାଧ୍ୟମରେ ସମସ୍ତ ବିଧାୟକ, ପୂର୍ବତନ ବିଧାୟକ ସେମାନଙ୍କ ସମ୍ପର୍କୀୟ ଏବଂ ଓଡ଼ିଶା ବିଧାନ ସଭା ଅଧିକାରୀ ଓ କର୍ମଚାରୀମାନେ ଉପକୃତ ହେବେ ବୋଲି କହିଛନ୍ତି । ପୂର୍ବତନ ବିଧାୟକମାନେ ଏହା ମାଧ୍ୟମରେ ବହୁଳ ଭାବେ ଉପକୃତ ହେବେ ବୋଲି ସେ ଖୁସି ବ୍ୟକ୍ତ କରିଛନ୍ତି । ବାଚସ୍ପତି ଶ୍ରୀମତୀ ପାଢ଼ୀ ନିଜ ବକ୍ତବ୍ୟରେ ପୁସ୍ତକ ସଂପର୍କରେ ଅଭିମତ ରଖି କହିଛନ୍ତି ଯେ କଫି ଟେବୁଲ୍ ବୁକ୍‌ରେ ବିଗତ ଦୁଇବର୍ଷରେ ବିଧାନସଭାର କାର୍ଯ୍ୟକ୍ରମ ସମ୍ବଳିତ ଫଟୋଚିତ୍ର ସ୍ଥାନ ପାଇଛି । ନୂତନ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ବିଧାନସଭାରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ, ଜନକଲ୍ୟାଣକାରୀ ଆଇନ ପ୍ରସ୍ତୁତ କାର୍ଯ୍ୟକ୍ରମ, ପାଟନା, ଲକ୍ଷ୍ନୌ, ଜୟପୁର ଓ ମୁମ୍ବାଇ ଠାରେ ଅନୁଷ୍ଠିତ ସର୍ବଭାରତୀୟ ପିଠାସୀନ ଅଧିକାରୀମାନଙ୍କର ସମ୍ମିଳନୀ ସମ୍ପର୍କିତ ବିଶଦ ଫଟୋ ଓ ତଥ୍ୟ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିଧାୟକଗଣ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଡାନାସୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇଲାଇଟ ୧୧ ଚାମ୍ପିଅନ

କଟକ,(ସବ୍ୟୁ): ଗ୍ରେଟର ବିଡାନାସୀ ସ୍ପୋର୍ଟସ କ୍ଲବ୍ ପକ୍ଷରୁ 'ବିଡାନାସୀ କପ୍ ୨୦୨୬' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଡ଼ାନାସୀ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉଭୟ ଦଳ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲାବେଳେ ଇଲାଇଟ ୧୧ ଚାମ୍ପିଅନ ହୋଇଥିଲା ଓ ଦିଭାଇନ ୱାରିଅର୍ସ ରନର୍ସ ଅପ୍ ହୋଇଛନ୍ତି। ସମସ୍ତ ମ୍ୟାଚ୍ ଦର୍ଶକମାନଙ୍କ ପାଇଁ ୟୁଟ୍ୟୁବ୍‌ରେ ସିଧାପ୍ରସାରଣ ବ୍ୟବସ୍ଥା ହୋଇଥିଲା। କଟକ ମେୟର ସୁଭାଷ ଚନ୍ଦ୍ର ସିଂହ, ଓଡ଼ିଶା ପୋଲିସ୍ ଅଫିସର୍ସ




ଆସୋସିଏସନ୍ ସଭାପତି ଅସିତ କୁମାର ଜେନା, କଟକ ଜିଲ୍ଲା ସରକାରୀ ପ୍ଲିଡର ଆଇନଜୀବୀ ରାମକୃଷ୍ଣ ରଥ ଏବଂ ସମାଜସେବୀ ସୁରେଶ ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ଦିନ ଖେଳ ସମାପ୍ତିରେ ଅଲ୍ ଓଡ଼ିଶା ୱାଟର ଡିପାର୍ଟମେଣ୍ଟ ସଚିବ ମନୋଜ କୁମାର ମହାନ୍ତି, କ୍ଲବ୍ ର ଉପଦେଷ୍ଟା ଆଇନଜୀବୀ ଜଗନ୍ନାଥ ମହାନ୍ତି, ସମାଜସେବୀ ବିଜୟ ବେହେରା, ଜ୍ୟୋତି ରଞ୍ଜନ କର ଓ ରାମଚନ୍ଦ୍ର ଦାସ ପୁରସ୍କାର ବିତରଣ କରିଥିଲେ । ମଦନ ଦାସ ପ୍ଲେୟର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଓ ବେଷ୍ଟ ବ୍ୟାଟସମ୍ୟାନ୍ ଏବଂ ସୂର୍ଯ୍ୟନାରାୟଣ ସାହୁ ବେଷ୍ଟ ବୋଲର୍ ଭାବେ ପୁରସ୍କୃତ ହୋଇଥିଲେ।

### ◆ ଚିଠା ଭୋଟର ତାଲିକା ପ୍ରକାଶନ ନେଇ

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍ ଗୋପାଲନଙ୍କ ଅଧକ୍ଷତାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା।କୌଣସି ବି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ଯେପରି ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ



### ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ରହେ, ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି। ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ୦୫ ଜୁଲାଇ ରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ୦୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ -ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ, ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ।ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଲନ ,ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର ,ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ,ଶ୍ରୀମତୀ ଅନାମିକା ସିଂ ଙ୍କ ସମେତ ରାଜନୈତିକ ଦଳଗୁଡିକର ପ୍ରତିନିଧିମାନେ ଯୋଗଦେଇଥିଲେ।

## ତାମିଲନାଡୁ ଗ୍ୟାସ ଲିକ ଘଟଣା ଦଲାଲ ବିରୋଧରେ ଏତଲା

କେନ୍ଦୁଝର (ଜିପ୍ର) : ତାମିଲନାଡୁ ଗ୍ୟାସ ଲିକ ଘଟଣାରେ ହରିଚନ୍ଦନପୁର ବ୍ଲକ ଖରବା ଗ୍ରାମର ଭୀମ ଜୁଆଙ୍ଗଙ୍କ ଝିଅ ଅଞ୍ଜଳି ଜୁଆଙ୍ଗ (୨୧)ଙ୍କର ମୃତ୍ୟୁ ଘଟିଛି । କେନ୍ଦୁଝରରୁ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ଏହାବ୍ୟତୀତ ଅନୁଗୁଳ ଖମାରର ଜଣକର ମୃତ୍ୟୁ ହୋଇଥିବାରୁ ସମୁଦାୟ ମୃତ୍ୟୁ ସଂଖ୍ୟା ୧୪ ଛୁଇଁଛି । ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ସାଂଘାତିକ ଅଭିଯୋଗ ସାମନାକୁ ଆସିଛି । ଜୁଆଙ୍ଗ ନାବାଳିକାଙ୍କୁ କାରଖାନାରେ କାମ କରାଇବା ପାଇଁ ସେମାନଙ୍କ ଆଧାରକାର୍ଡ ସମେତ ବିଭିନ୍ନ ପରିଚୟପତ୍ରକୁ ଜାଲିଆତି କରାଯାଇଛି । ଏ ସଂପର୍କରେ ତେଲକୋଇ ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ଶ୍ରମିକ ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ବିରୋଧରେ ଶ୍ରମ ବିଭାଗ ପକ୍ଷରୁ ତେଲକୋଇ ଥାନାରେ ଏତଲା ଦିଆଯାଇଛି । ଏହାଛଡ଼ା ବେଆଇନ ଶ୍ରମିକ ନିଯୁକ୍ତି, ମାନବ ଚାଲାଣ ଓ ଜାଲିଆତି ଅଭିଯୋଗର ଅଧିକ ତଦନ୍ତ ପାଇଁ ସ୍ୱତନ୍ତ୍ର ପୁଲିସ ଟିମ ଖୁବ୍‌ଶୀଘ୍ର ତାମିଲନା ଯିବ । ହରିଚନ୍ଦନପୁର ଓ ନୟାକୋଟ ଥାନାରେ ମଧ୍ୟ ସମାନଧରଣର ମାମଲା ରୁଜୁ ହେବ ବୋଲି ଜଣାପଡ଼ିଛି । ତେଲକୋଇ ସହକାରୀ ଶ୍ରମ ଅଧିକାରୀଙ୍କ ପକ୍ଷରୁ ଥାନା ଅଧିକାରୀଙ୍କୁ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି ଯେ ଶ୍ରୀକାନ୍ତ ଜୁଆଙ୍ଗ ଉଚ୍ଚ ବେତନ ଓ ଭଲ ଚାକିରିର ପ୍ରଲୋଭନ ଦେଖାଇ ୨୦୨୫ ଅକ୍ଟୋବରରେ ଅନେକ ଶ୍ରମିକଙ୍କୁ ତାମିଲନା ପଠାଇଥିଲା । ସେମାନଙ୍କ ମଧ୍ୟରେ କିଛି ନାବାଳିକା ରହିଛନ୍ତି । ବୟସ୍କ ମହିଳାଙ୍କ ଆଧାରକାର୍ଡ ବ୍ୟବହାର କରି ସେମାନଙ୍କୁ ସାବାଳିକା ଦର୍ଶାଯାଇ କାରଖାନାରେ ନିଯୁକ୍ତି ଦିଆଯାଇଥିଲା। ରଙ୍ଗମାଟିଆ ଗ୍ରାମର ନାବାଳିକା ଯାମିନୀ ଜୁଆଙ୍ଗଙ୍କୁ ବଲାଣିପଶି ଗ୍ରାମର ମହିଳା ପାର୍ବତୀ ଜୁଆଙ୍ଗ ବୋଲି ଦର୍ଶାଯାଇଥିଲା । ବିଷାକ୍ତ ଆମୋନିଆ ଗ୍ୟାସ ସଂସ୍ପର୍ଶରେ ଆସି ଯାମିନୀଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

### ବେଦାନ୍ତ ଆଲୁମିନିୟମର ଜାତୀୟ ଡକ୍ଟର ଦିବସ

## ସ୍ୱାସ୍ଥ୍ୟସେବା ପଦକ୍ଷେପଗୁଡ଼ିକ ଗ୍ରାମୀଣ ୭ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ଡକ୍ଟର ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଗ୍ରାମୀଣ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରୁଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଉଛି । ଏହାର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ଅଂଶ ଭାବରେ, କମ୍ପାନୀ ଏହାର ବ୍ୟାପକ ହସ୍ପିଟାଲ, ମୋବାଇଲ୍ ହେଲ୍‌ଥ ୟୁନିଟ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର ମାଧ୍ୟମରେ ଅନେକ ଆଗଧାଡ଼ିର ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କୁ ନିୟୋଜିତ କରିଛି, ଯାହା ଓଡ଼ିଶା ଏବଂ ଛତିଶଗଡ଼ର ୭ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଆଗକୁ ବଢାଇଛି। ଚିକିତ୍ସା ବୃତ୍ତିଗତଙ୍କ



ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି, ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଏବଂ ଆମ ସମ୍ପ୍ରଦାୟର ଜୀବନର ଗୁଣବତ୍ତା ଉନ୍ନତ କରିବାରେ ଡାକ୍ତରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଝାରସୁଗୁଡ଼ାରେ, କମ୍ପାନୀର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ୧୮,୦୦୦ ରୁ ଅଧିକ ହିତାଧିକାରୀଙ୍କୁ ଦ୍ୱାରଦେଶରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି, ଯେତେବେଳେ ଯକ୍ଷ୍ମା, ମ୍ୟାଲେରିଆ, ମଧୁମେହ, କର୍କଟ ଏବଂ ହୃଦରୋଗ ସ୍ୱାସ୍ଥ୍ୟ ଉପରେ ସଚେତନତା ପଦକ୍ଷେପ ୨.୮ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଥିଲା। ଏହି ସମୟରେ, ବେଦାନ୍ତ ଆଲୁମିନିୟମ ଦ୍ୱାରା ବ୍ୟାପକ ଭାବରେ ସମର୍ଥିତ ଝାରସୁଗୁଡାର ଜିଲ୍ଲା ସାଟେଲାଇଟ୍ ହସ୍ପିଟାଲ ୧.୧୭ ଲକ୍ଷରୁ ଅଧିକ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରିଛି। ଏହି ପ୍ରୟାସଗୁଡ଼ିକୁ ପୂରଣ କରି, ବେଦାନ୍ତ ଲାଞ୍ଜିଗଡର ପ୍ରମୁଖ ପ୍ରକଳ୍ପ ଆରୋଗ୍ୟ ଲାଞ୍ଜିଗଡର ବେଦାନ୍ତ ହସ୍ପିଟାଲ, ମୋବାଇଲ୍ ହେଲ୍‌ଥ ୟୁନିଟ୍, ମେଗା ହେଲ୍ଥ କ୍ୟାମ୍ପ, ଜରୁରୀକାଳୀନ ଚିକିତ୍ସା ସହାୟତା ଏବଂ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ୧.୩୦ ଲକ୍ଷରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ପ୍ରତି ମାସରେ କଳାହାଣ୍ଡି ଏବଂ ରାୟଗଡାର ୬୫ରୁ ଅଧିକ ଗାଁର ଲୋକଙ୍କୁ ସହାୟତା କରୁଛି। ସ୍ୱାସ୍ଥ୍ୟସେବା ବୃତ୍ତିଗତ, ସରକାରୀ ପ୍ରତିଷ୍ଠାନ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାମ କରି ବେଦାନ୍ତ ଆଲୁମିନିୟମ୍ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ବିସ୍ତାର କରିବା ଏବଂ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକରେ ସୁସ୍ଥ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବା ଜାରି ରଖିଛି।

## ଆଦେଶ ଗୋୟଲ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂଆ କୁଳାଧକ୍ଷ

କଟକ, (ସ୍ୱପ୍ର): ବିଶ୍ୱ ନେତୃତ୍ୱ, ମାନବ ସମ୍ବଳ ପରିଚାଳନା ଓ ସଂଗଠନ ନିର୍ମାଣ କ୍ଷେତ୍ରରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ସମ୍ପନ୍ନ ବିଶିଷ୍ଟ କର୍ପୋରେଟ୍ ବ୍ୟକ୍ତିତ୍ୱ ଆଦେଶ ଗୋୟଲ ବୁଧବାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂତନ କୁଳାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦାୟୀ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ଆୟୋଜିତ ବିଦାୟୀ ସମାରୋହରେ ତାଙ୍କୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ବିଟ୍ସ ପିଲାନିରୁ ପରିଚାଳନା ଅଧ୍ୟୟନରେ ସ୍ନାତକୋତ୍ତର ଉପାଧି ହାସଲ କରିଥିବା ଶ୍ରୀ ଗୋୟଲଙ୍କର ବିଶ୍ୱର ପାଞ୍ଚଟି ମହାଦେଶରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି । ସେ ହ୍ୟୁଜେସ୍ ସଫ୍ଟୱେୟାର ସିଷ୍ଟମର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଏବଂ ମୁଖ୍ୟ ସୂଚନା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ନେତୃତ୍ୱରେ କମ୍ପାନୀ ୧୦ ହଜାରରୁ ଅଧିକ କର୍ମଚାରୀ ବିଶିଷ୍ଟ ସଂସ୍ଥାରେ ପରିଣତ ହେବା ସହ ସଫଳତାର ସହ ପ୍ରାରମ୍ଭିକ ସାର୍ବଜନିକ ଅଂଶଧନ ପ୍ରଦାନ (ଆଇପିଓ) ସମ୍ପନ୍ନ କରିଥିଲା । ପରବର୍ତ୍ତୀ ସମୟରେ ସେ ଟାଟା କମ୍ୟୁନିକେସନ୍ସରେ ୧୪ ବର୍ଷ ଧରି ବୈଶ୍ୱିକ ମାନବ ସମ୍ବଳ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ । ଏହି ଅବଧିରେ ୪୦ଟି ଦେଶରେ କାର୍ଯ୍ୟରତ ୧୫ ହଜାରରୁ ଅଧିକ କର୍ମଚାରୀଙ୍କ ମାନବ ସମ୍ବଳ ପରିଚାଳନାର ନେତୃତ୍ୱ ନେଇଥିଲେ । ତାଙ୍କ କାର୍ଯ୍ୟକୁ ନେଇ ରଚିତ ଦୁଇଟି ଆନ୍ତର୍ଜାତିକ ପ୍ରସିଦ୍ଧ ପୁସ୍ତକ"ଟାଲେଣ୍ଟ ୱିନ୍ସ'ଏବଂ "ଦ ଇନ୍ସାଇଡ୍ ଗିଗ୍'ରେ ତାଙ୍କ ସଫଳତାର ଉଲ୍ଲେଖ ରହିଛି । ନିଜ କର୍ମଜୀବନର ପ୍ରାରମ୍ଭରେ ସେ ସି-ଡଟରେ ଭାରତର ଦୂରସଂଚାର ବିପ୍ଳବର ଅନ୍ୟତମ ପ୍ରଣେତା ସାମ୍ ପିତ୍ରୋଡାଙ୍କ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ । ବର୍ତ୍ତମାନ ସେ ସ୍ୱାୟାର ଏଆଇ, ରାଇପଲ୍ ଏଆଇ ଏବଂ ୱାର୍ଲ୍ଡର ଫୋରମ୍ ଫର୍ ଏଥିକ୍ସ ଇନ୍ ବିଜନେସର ପରାମର୍ଶଦାତା ମଣ୍ଡଳୀର ସଦସ୍ୟ ଅଛନ୍ତି । ଏହା ସହିତ ସେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ



ଦ ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେସନର ଟ୍ରଷ୍ଟି ଓ ସ୍ୱେଚ୍ଛାସେବୀ ଶିକ୍ଷକ ଭାବେ ନେତୃତ୍ୱ ବିକାଶ, ସୁଖମୟ ଜୀବନ ଓ ସାମଗ୍ରିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଶ୍ରୀ ଗୋୟଲଙ୍କ ଅଭିଜ୍ଞତା ଓ ନେତୃତ୍ୱ ବିଶ୍ୱବିଦ୍ୟାଳୟକୁ ନୂତନ ଉଚ୍ଚତାକୁ ନେବ ବୋଲି ବିଦାୟୀ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜ ପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଆଶା ବ୍ୟକ୍ତ କରିଛନ୍ତି ।

## ରାଜ୍ୟବ୍ୟାପୀ ଓମସା'ର କାର୍ଯ୍ୟବନ୍ଦ ଆନ୍ଦୋଳନ

# ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ସେବା ଠପ୍

ବାରିପଦା, (ସବ୍ୟୁ) : ଆଜିଠୁ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ । ଅନିର୍ଦ୍ଦିଷ୍ଟକାଳ ପାଇଁ ରାଜ୍ୟରେ ରୋଗୀ ସେବା ବନ୍ଦ । ୧୦ ଦଫା ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା) ଆହ୍ୱାନ କମିଟିର ଆହ୍ୱାନ କ୍ରମେ ଆଜି ଅର୍ଥାତ ଜୁଲାଇ ୧ ତାରିଖ ଠାରୁ ସମସ୍ତ ସରକାରୀ ଚିକିତ୍ସାଳୟରେ ଡାକ୍ତରମାନେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଚଳିତ ଆନ୍ଦୋଳନରେ ସାଧାରଣ ଚିକିତ୍ସା ସହିତ ଜରୁରୀକାଳୀନ ସେବାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଛି, ଯାହା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି । ଓମସା'ର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇଛି ।



ସଂଘ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଡାକ୍ତରମାନଙ୍କର ଦୀର୍ଘଦିନର ନ୍ୟାୟସଙ୍ଗତ ଏବଂ ବୈଧ ଦାବିଗୁଡ଼ିକ ପ୍ରତି ସରକାର ଓ ପ୍ରଶାସନ ଲଗାତାର ଭାବେ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ସକାରାତ୍ମକ ପଦକ୍ଷେପ ନିଆନଯିବାରୁ ବାଧ୍ୟ ହୋଇ ସଂଘ ଏହି ଚରମ ନିଷ୍ପତ୍ତି ଗ୍ରହଣ କରିଛି । ଏକ ଉତ୍ତମ କାର୍ଯ୍ୟ ପରିବେଶ, କର୍ମଚାରୀଙ୍କ ସମ୍ମାନ ଏବଂ ରୋଗୀଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ସେବା ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଆନ୍ଦୋଳନ ଯୋଗୁଁ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସା ପ୍ରତିଷ୍ଠାନରେ କୌଣସି ସେବା ଉପଲବ୍ଧ ହେବ ନାହିଁ । ବିଶେଷ କରି ଓପିଡି ବା ବାହ୍ୟ ରୋଗୀ ବିଭାଗ, ଆଇପିଡି ବା ଆନ୍ତଃରୋଗୀ ବିଭାଗ, ନିର୍ଦ୍ଧାରିତ ଚିକିତ୍ସା ଓ ଅପରେସନ ପ୍ରକ୍ରିୟା,ନିଦାନମୂଳକ ସେବା (ଯଥା: ରକ୍ତ ପରୀକ୍ଷା, ଏକ୍ସ-ରେ ଇତ୍ୟାଦି), ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିବାକୁ ଓମସା ନିର୍ଦ୍ଦେଶ ଦେଇଛି ।

ଆନ୍ଦୋଳନ ଯୋଗୁଁ ଜନସାଧାରଣ ଓ ରୋଗୀମାନଙ୍କର ଯେଉଁ ଅସୁବିଧା ହେଉଛି, ସେଥିପାଇଁ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି । ଏହାସହିତ ନିଜର ହକ୍, ନ୍ୟାୟ ଏବଂ ସ୍ୱାସ୍ଥ୍ୟ ସେବାର ସମ୍ମାନ ପାଇଁ ଚାଲିଥିବା ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଓଡ଼ିଶାବାସୀଙ୍କୁ ଓମସା ନିବେଦନ କରିଛି । ମୟୂରଭଞ୍ଜ ଜିଲ୍ଲାର ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ଶହ ଶହ ଗରିବ ରୋଗୀ ଏହି ଧର୍ମଘଟ ଯୋଗୁଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ଜରୁରୀକାଳୀନ ସେବା ବନ୍ଦ ରହିଥିବାରୁ ସ୍ଥିତି ଅତି ସଂଗୀନ ରୂପ ଧାରଣ କରିବା ଆଶଙ୍କା ପ୍ରକାଶ ପାଇଛି । ଏଭଳି ସ୍ଥିତିରେ ସରକାର ଓମସା ସହିତ ଆଲୋଚନା କରି କେବେ ଏବଂ କିଭଳି ସମାଧାନର ପନ୍ଥା ବାହାର କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଡ୍ରିମ୍ସ ଆଇଟିଆଇରେ ଗ୍ରାଜୁଏସନ୍ ଡେ

କଟକ, (ସ୍ୱପ୍ର): ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ ଡ୍ରିମ୍ସ ଆଇଟିଆଇରେ ଗ୍ରାଜୁଏସନ୍ ଡେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହୁଣ୍ଡାଇ ମୋଟର୍ସ ଇଣ୍ଡିଆ ଫାଉଣ୍ଡେସନ୍ ର ନିଜସ୍ୱ ଦକ୍ଷତା ବିକାଶ ଅଭିଯାନ ଆଧାରିତ ଏହି କାର୍ଯ୍ୟକ୍ରମରେ ସଫଳତାର ସହ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଥିବା ଡ୍ରିମ୍ସ ଆଇଟିଆଇ ଏମ୍‌ଏମ୍‌ଭି ବିଭାଗର ଛାତ୍ରମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ହୁଣ୍ଡାଇ ମୋଟର୍ସ, ଗୁରୁଗାଁଓର ସିନିୟର ମ୍ୟାନେଜର ଶୁଭମ୍ ଗୁପ୍ତା ମୁଖ୍ୟଅତିଥି ଭାବରେ ଯୋଗଦେଇ ମୋଟରଯାନ ନିର୍ମାଣ ଓ ଗ୍ରାହକ ସେବା କ୍ଷେତ୍ରରେ ହୁଣ୍ଡାଇ ମୋଟର୍ସର ଉତ୍କର୍ଷ ଓ ବିଶ୍ୱସନୀୟତା ସର୍ବାଗ୍ରେ ରହିଥିବା ଉଲ୍ଲେଖ କରି



ଏହି କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିବା ପ୍ରଶିକ୍ଷାର୍ଥୀ ନିଜର ଦକ୍ଷତା ଆଧାରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ଦିଗଦର୍ଶନ ଦେଇଥିଲେ ।

ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଚିନ୍ମୟୀ ରଥ ମୁଖ୍ୟଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଅଧୀକୃତ ବିକ୍ରେତା ଓଏସ୍‌ଏଲ ହୁଣ୍ଡାଇ ଓ ପ୍ରିମିୟର ହୁଣ୍ଡାଇର ମ୍ୟାନେଜର ମିହିର କୁମାର ନାୟକ ଓ ସତ୍ୟ ରଂଜନ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଡ୍ରିମ୍ସ ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ପ୍ରଶିକ୍ଷକ ତପସ୍ୱୀ କୁମାର ଆଚାର୍ଯ୍ୟ, ବିଶ୍ୱଭୂଷଣ ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷାନୁଷ୍ଠାନର ସମସ୍ତ ପ୍ରଶିକ୍ଷକ ଉପସ୍ଥିତ ଥିଲେ ।

## ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ-ପ୍ଲାଷ୍ଟିକ ମୁକ୍ତ ଅଭିଯାନ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବାଲୁଙ୍କେଶ୍ୱର ମନ୍ଦିର ଛକ, ଆଗା ସାହି ଛକ, ଖାସ୍ପା ସାହି ଏବଂ ବଡ଼ ବଜାର ପରିବା ମାର୍କେଟ ଠାରେ ଏକ ବ୍ୟାପକ ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଡେପୁଟି କମିଶନର ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇଥିଲେ । ଏହି ସମୟରେ ବିଧାୟକ କେ. ଅନୀଲ କୁମାର ପରିବା ବ୍ୟବସାୟୀ, ହୋଟେଲ ମାଲିକ, ଗ୍ରାହକ ଏବଂ ସାଧାରଣ ଜନତାଙ୍କୁ ପଲିଥିନର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ ପଲିଥିନ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ । ତେଣୁ ସମସ୍ତେ କପଡ଼ା ବ୍ୟାଗ ବ୍ୟବହାର କରି ପରିବେଶ ସୁରକ୍ଷାରେ ସହଯୋଗ କରିବା ଉଚିତ । ଆଗାମୀ ଦିନରେ ବ୍ରହ୍ମପୁର ସହରକୁ ସମ୍ପୂର୍ଣ୍ଣ ପଲିଥିନ ମୁକ୍ତ କରିବା ଦିଗରେ କଡ଼ା ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ । ଏହି ଅଭିଯାନ ଅବସରରେ ବିଧାୟକ ବଜାରରେ ଉପସ୍ଥିତ ସାଧାରଣ ଲୋକଙ୍କୁ କପଡ଼ା ବ୍ୟାଗ ବଣ୍ଟନ କରି ପଲିଥିନ ବର୍ଜନ କରିବାକୁ ଅନୁରୋଧ କରିଥିଲେ ।

## ମୋବାଇଲ ଲୁଟେରାକୁ ଛେଚିଲେ ଲୋକେ

ବ୍ରହ୍ମପୁର, (ସବ୍ୟୁ) : ସହରରେ ବାରମ୍ବାର ମୋବାଇଲ୍ ଝାମ୍ପି ନେଉଥିବା ଜଣେ ଅଭ୍ୟାସଗତ ଅପରାଧୀକୁ ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରିଛି। ସେ ହେଲେ ବଡବଜାର ଥାନା ଅନ୍ତର୍ଗତ ଉତ୍ତରାମୁଖୀ ସାହିର ଶ୍ରୀଧର କୁମାର ସାହୁ(୨୦)। ପୁଲିସ ତାଙ୍କ ନିକଟରୁ ଚୋରି ମୋବାଇଲ ଓ ବାଇକ ଜବତ କରିଛି। ବ୍ରହ୍ମପୁର ହରିଡ଼ାଖଣ୍ଡି ଅଞ୍ଚଳର ଲକ୍ଷ୍ମୀନଗର ଛକ ନିକଟରେ ଜଣେ ଯୁବକ ବିନା ନମ୍ବର ପ୍ଲେଟ୍ ଥିବା ଏକ ବାଇକରେ ସନ୍ଦେହଜନକ ଭାବେ ବୁଲିବା ସହ ଚୋରା ମୋବାଇଲ୍ ବିକ୍ରି କରିବାକୁ ଚେଷ୍ଟା କରୁଥିଲା । ସ୍ଥାନୀୟ ଲୋକେ ସନ୍ଦେହ କରି ଉକ୍ତ ଯୁବକକୁ କାବୁ କରିବା ପରେ ମାଡ ମାରିଥିଲେ। ଖବରପାଇ ପୁଲିସ ପହଞ୍ଚି ଲୋକଙ୍କ କବଳରୁ ତାକୁ ଉଦ୍ଧାର କରିଥିଲା । ଅଭିଯୁକ୍ତ ଶ୍ରୀଧରକୁ ପଚରାଉଚରା ବେଳେ ସେ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ମୋବାଇଲ୍ ଝାମ୍ପିବା ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲା। କିଛି ଦିନ ତଳେ ଏମକେସିଜି ମେଡିକାଲରୁ ଏହି ବାଇକଟି ଚୋରି କରିଥିବା ପୁଲିସକୁ ଜଣାଇଥିଲା। ଲୋକଙ୍କ ମାଡ଼ରେ ଆହତ ହୋଇଥିବାରୁ ତାକୁ ପ୍ରଥମେ ଚିକିତ୍ସା ପାଇଁ ବ୍ରହ୍ମପୁର ସିଟି ହସପିଟାଲକୁ ନିଆଯାଇଥିଲା । ଚିକିତ୍ସା ପରେ ତାକୁ ଅଦାଲତ ଚାଲାଣ କରାଯାଇଛି। ପୂର୍ବରୁ ତା' ନାଁରେ ଚୋରି, ରାହାଜାନି ଭଳି ଅନେକ ମାମଲା ରହିଛି ।

## ବୁଗୁଡ଼ା ଶିଶୁ ମନ୍ଦିରରେ ନୂତନ ପ୍ରଧାନାଚାର୍ଯ୍ୟଙ୍କ ଯୋଗଦାନ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ପ୍ରଧାନାଚାର୍ଯ୍ୟ ଭାବେ ଚଣ୍ଡୀ ପ୍ରସାଦ ବେହେରା ଯୋଗ ଦେଇଥିବା ଜଣାଯାଇଛ । ସେ ପୂର୍ବରୁ ହିଞ୍ଜିଳିକାଟୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନାଚାର୍ଯ୍ୟ ଭାବେ କାର୍ଯ୍ୟରତ ଥିଲେ । ସେ ବୁଗୁଡ଼ା ଶିଶୁ ମନ୍ଦିରରେ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁଜୀ ଓ ଗୁରୁମାଙ୍କ ସମେତ ଅନ୍ୟ ସେବାବ୍ରତୀମାନେ ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରିଥିଲେ । ତେବେ ଦାୟିତ୍ୱ ଗ୍ରହଣ ପରେ ସେ ପରିବର୍ତ୍ତିତ ପାଠ୍ୟକ୍ରମ ଆଧାରରେ ଶିଶୁ ମନ୍ଦିରର ଶୈକ୍ଷିକ ଅଭିବୃଦ୍ଧି ସାଙ୍ଗକୁ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉଦ୍ୟମ ଜାରି ରଖିବେ ବୋଲି ମତବ୍ୟକ୍ତ କରିଥିଲେ ।

## ୧୪ ଚୋରା ସାଇକଲ ଜବତ, ଅଭ୍ୟାସଗତ ଚୋର ଗିରଫ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭ୍ୟାସଗତ ସାଇକେଲ ଚୋରକୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୪ଟି ଚୋରା ସାଇକଲ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୋଇଲୁଣ୍ଡିର ପ୍ରଭାକର ମହାରଣା(୫୮)। ବ୍ରହ୍ମପୁର ସୁବାରାଓ ଛକ ନିକଟରେ ଥିବା ଏକ ମହିଳା ହଷ୍ଟେଲସମ୍ମୁଖରୁ ଜଣେ ଯୁବତୀଙ୍କ ସାଇକଲ ଚୋରି ହୋଇ ଯାଇଥିଲା। ସେ ଘଟଣା ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତକାଲି ଥାନାର ଏକ ଟିମ ଖୋଡାସିଂ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ପ୍ରଭାକର ଏକ ନୂଆ ସାଇକଲ ଧରି ଯାଉଥିବା ପୁଲିସ ଦେଖିବାକୁ ପାଇଥିଲା। ପୂର୍ବରୁ ପ୍ରଭାକର ସାଇକଲ ଚୋରି ମାମଲାରେ ବାରମ୍ବାର ଗିରଫ ହୋଇଥିବାରୁ ପୁଲିସ ତା' ଉପରେ ସନ୍ଦେହ କରି ତାକୁ ଅଟକାଇ ପଚରାଉଚରା କରିଥିଲା। ସେ ଚଳାଉଥିବା ସାଇକଲଟି ତାର ବୋଲି ପ୍ରମାଣ ଦେଇପାରିନଥିଲା। ପୁଲିସ ତାକୁ ଥାନାକୁ ନେଇ ପଚରାଉଚରା ବେଳେ ସେ ବିଭିନ୍ନ ଅଞ୍ଚଳରୁ ୧୪ଟି ସାଇକଲ ଚୋରି କରି ଥାନା ପଛପାଖ ଅଞ୍ଚଳରେ ଥିବା ବୈଦ୍ୟନାଥ କଲୋନୀରେ ଲୁଚାଇ ରଖିଥିବା ସୂଚନା ଦେଇଥିଲା। ସେହି କ୍ରମରେ ପୁଲିସ ବୈଦ୍ୟନାଥ କଲୋନୀକୁ ଯାଇ ଏକ ପରିତ୍ୟକ୍ତ ସ୍ଥାନରୁ ୧୪ଟି ଚୋରା ସାଇକଲ ଜବତ କରିଥିଲା। ଅଭିଯୁକ୍ତ ପ୍ରଭାକରକୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି। ତା ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୮ ରୁ ଅଧିକ ମାମଲା ରହିଛି।

## ବାଣରେ ନିଆଁରେ ଜଳିଗଲା ଷ୍ଟେଜ, ନଥିଲା ଅନୁମତି

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମରେ ଯାତ୍ରାରେ ରାମାୟଣରେ ନାଟକ ଚାଲି ଥିବା ବେଳେ ଏକ ଅଘଟଣ ଘଟିଛି । ବାଣ ଫୁଟି ନିଆଁ ଲାଗି ଜଳିଗଲା ଷ୍ଟେଜ ଓ ଲାଇଟ ଆଣ୍ଡ ସାଉଣ୍ଡ ସଂସ୍ଥାର ବିଦ୍ୟୁତ ତାର ଓ ମେସିନ ଜଳିଯାଇଥିଲା । ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି । କୁକୁଡ଼ାଖଣ୍ଡି ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଛି । କିନ୍ତୁ ଏଠି ପ୍ରଶ୍ନ ଉଙ୍କି ମାରୁଛି ଯେ ଯାତ୍ରା କମିଟି ପକ୍ଷରୁ ଅଗ୍ନିଶମ ବିଭାଗରୁ କାହିଁକି ଅଣା ଯାଇଥିଲା ଅନୁମତି । କାହା ଅନୁକମ୍ପାରେ ଏଭଳି ବେଆଇନ ଭାବେ ନାଟକ ଅନୁଷ୍ଠିତ ହେଉଥିଲା ସେ ଦିଗରେ ପୋଲିସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

ମଙ୍ଗଳବାର କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ ଓ ସଦର ଥାନାଧିକାରୀ ସନ୍ତୋଷ ବେହେରା ଉକ୍ତ ଗ୍ରାମରେ ପହଞ୍ଚି ତିନିଦିନ ଧରି ଚାଲିବାକୁ ଥିବା ନାଟକ ବନ୍ଦ କରିବା ପାଇଁ ଗ୍ରାମ୍ୟ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ରାମ ନାଟକ ବନ୍ଦ ହୋଇଯାଇଛି । ଅନ୍ୟପଟେ ଘଟଣା ପରେ ଗ୍ରାମରେ ବୈଠକ କରି ନାଟକ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସରପଞ୍ଚ ଅନିଲ ଗୌଡ଼ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ୨୦୨୫ ମସିହାରେ ଗ୍ରାମରେ ଏକ ଶିବ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଚଳିତବର୍ଷ ପ୍ରଥମ ବାର୍ଷିକ ଉତ୍ସବ ପାଳନ ଅବସରରେ ଗ୍ରାମରେ ସୋମବାର ଠାରୁ ବୁଧବାର ତିନିଦିନ ଧରି ଗ୍ରାମରେ ରାମାୟଣ ନାଟକ ପରିବେଷଣ ପାଇଁ ନିଷ୍ପତ୍ତି ହୋଇଥିଲା । ସୋମବାର ବିଳମ୍ବିତ ରାତ୍ର ନାଟକ ପରିବେଷଣ ବେଳେ ବାଣ ଫୁଟାଯାଇଥିଲା । ନିକଟରେ ମହଜୁଦ ଥିବା କିଛି ବାଣ ଉପରେ ଫୁଟା ବାଣର ନିଆଁ ଝୁଲ ପଡିଯିବାରୁ ତାହା ଫୁଟିବାରେ ଲାଗିଥିଲା । ଦେଖୁ ଦେଖୁ ଚାରିଆଡେ ନିଆଁ ବ୍ୟାପି ଯାଇଥିଲା । କୁକୁଡ଼ାଖଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ବହୁ ପ୍ରତୀକ୍ଷିତ ସାନ୍ତାଳୀ ୱେବ୍‌ସାଇଟ୍ ସାନ୍ତାଲ୍ ଭଏସେସର ଶୁଭାରମ୍ଭ



ବାରିପଦା, (ସବ୍ୟୁ) : ବହୁ ପ୍ରତୀକ୍ଷିତ ସାନ୍ତାଳୀ ଡିଜିଟାଲ ପୋର୍ଟାଲ ସାନ୍ତାଲ୍ ଭଏସେସ ହୁଲ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନଲାଇନ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭାରମ୍ଭ ହୋଇଛି । ସାନ୍ତାଳୀ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ଡିଜିଟାଲ ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାର-ପ୍ରସାର ଦିଗରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି ।

ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଭାରତ, ନେପାଳ ଓ ବାଂଲାଦେଶର ବିଭିନ୍ନ ସମ୍ପାଦକ, ଅବଦାନକାରୀ ଏବଂ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀମାନେ ଯୋଗ ଦେଇଥିଲେ । ଏହି ତିନୋଟି ଦେଶର ସାନ୍ତାଳୀ ସମ୍ପ୍ରଦାୟର ସମ୍ମିଳିତ ପ୍ରୟାସରେ ଏହି ପୋର୍ଟାଲ କରଜୟାମ କରାଯାଇଛି। ସାନ୍ତାଲ୍ ଭଏସେସ ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପରିଚାଳିତ ଏକ ୱେବସାଇଟ୍, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସାନ୍ତାଳୀ ଭାଷା, ସଂସ୍କୃତି, ଇତିହାସ, ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମକାଳୀନ ଘଟଣାବଳୀ ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟକୁ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ ପହଞ୍ଚାଇବା।

ଏହି ଅବସରରେ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀ ରାମଜିତ ଟୁଡୁ କହିଥିଲେ ଯେ ସମ୍ପ୍ରତି ଡିଜିଟାଲ ଯୁଗରେ ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଣ୍ଟରନେଟରେ ଅନୁପସ୍ଥିତ ଥିବାରୁ, ସେହି ଅଭାବକୁ ପୂରଣ କରିବା ଏହି ପୋର୍ଟାଲର ମୂଳ ଲକ୍ଷ୍ୟ । ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ମୂଲ୍ୟବାନ ତଥ୍ୟ ଏପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ନାହିଁ ।

ଏହି ତଥ୍ୟଗୁଡ଼ିକୁ ସଂଗ୍ରହ, ସଂରକ୍ଷଣ ଓ ବିଶ୍ୱସମ୍ମୁଖରେ ଉପସ୍ଥାପନ କରିବା ସାନ୍ତାଲ୍ ଭଏସେସର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ଏହି ପୋର୍ଟାଲର ପରାମର୍ଶଦାତା ମଣ୍ଡଳୀରେ ଭାରତର ଆର. ଅଶ୍ୱିନୀ ବଞ୍ଜନ ମୁର୍ମୁ, ରାମଜିତ ଟୁଡୁ ଓ ଫାଗୁ ବାସ୍କେ ଥିବାବେଳେ, ବାଂଲାଦେଶରୁ ମାନିକ ସୋରେନ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଏହାସହ ନେପାଳର ଶିବୁ ମୁର୍ମୁ ଏବଂ ବାଂଲାଦେଶର ଆଲବର୍ଟସ ଟୁଡୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଆଞ୍ଚଳିକ ସମନ୍ୱୟ ଓ ବିଷୟବସ୍ତୁ ବିକାଶରେ ସହଯୋଗ କରିବେ ୱେବସାଇଟ୍‌ର ମୁଖ୍ୟ ସମ୍ପାଦକ କାରିଆ ବାସ୍କେ ଥିବାବେଳେ, ବୋଦି ବାସ୍କି, ପ୍ରଶାନ୍ତ ହେମ୍ବ୍ରମ, ସୁଭାଷ କିସ୍କୁ, ବିଜେନ୍ଦ୍ର ହାଁସଦାଃ ଏବଂ ଶେଖର ମୁର୍ମୁ, ପଶ୍ଚିମବଙ୍ଗ ଓ ଓଡ଼ିଶା ଝାଡ଼ଖଣ୍ଡରୁ ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି ।

ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ସାନ୍ତାଲ୍ ଭଏସେସ ସାନ୍ତାଳ ସମାଜର ଇତିହାସ, ଐତିହ୍ୟ, ସଫଳତା ଓ ସମକାଳୀନ ଘଟଣାବଳୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସର୍ବାଧିକ ବିଶ୍ୱସନୀୟ ଇଂରାଜୀ ଡିଜିଟାଲ ପୋର୍ଟାଲ ହେବାର ଲକ୍ଷ୍ୟ ରଖିଛି ।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତରେଶ୍ୱର ହାଡି ସାହିର ବାସୁଦେବ ବେହେରା ଓରଫ ଗଉରା। ଗତକାଲି ଦିନ ୨ଟା ବେଳେ ଏହି ସାହିର ବସନ୍ତ କୁମାର ବେହେରାଙ୍କୁ ଅଭିଯୁକ୍ତ ବାସୁଦେବ ନିଜ ଘରକୁ ଡାକିଥିଲେ। ସେ ପହଞ୍ଚିବା ପରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଅଭିଯୁକ୍ତ ବାସୁଦେବ ତାଙ୍କ ଉପରକୁ ବୋମା ମାଡ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ବସନ୍ତ ଗୁରୁତର ଆହତ ହୋଇ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଦନ୍ତ କରିଥିଲା। ଆଜି ଅଭିଯୁକ୍ତ ବାସୁଦେବକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ଧରାକୋଟ ଥାନାରେ ନିଶା ମୁକ୍ତ ଓଡ଼ିଶା ଅଭିଯାନ

ଧରାକୋଟ, (ସବ୍ୟୁ) : ଧରାକୋଟ ଥାନାରେ ନିଶା ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଭାଷି ମାଧ୍ୟମରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଧରାକୋଟ ବ୍ଲକ ଡ୍ରାଇଭର ମହାସଂଘର ସଦସ୍ୟ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଥାନା ଅଧିକାରୀ ଅଞ୍ଜଳି ବେହେରା, ସବ୍ ଇନ୍ସପେକଟର ସସ୍ମିତା ପଣ୍ଡା, ଅନିଲ ଶବର ପ୍ରମୁଖ ପରିଚାଳନା କରିଥିବାବେଳେ ଥାନାର ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ। ଏହି ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମରେ ଆମ ପୋଲିସ ସମିତି ସଭ୍ୟ, ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗଦେଇ ନିଶା ନିବାରଣ ପାଇଁ ଶପଥ ନେଇ ଥିଲେ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ

# ସାନଆର୍ଯ୍ୟପଲ୍ଲୀ ବିଦ୍ୟାଳୟରେ ଭିତ୍ତିଭୂମିର ଉନ୍ନତିକରଣ କାର୍ଯ୍ୟକ୍ରମ




ଛତ୍ରପୁର, (ସବ୍ୟୁ) : ଗୋପାଳପୁର ବନ୍ଦରର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ବ୍ଲକର ସର୍ବାଧିକ ସଂଖ୍ୟକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ସାନ ଆର୍ଯ୍ୟପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ, ସ୍ୱଚ୍ଛ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଶିକ୍ଷା ପରିବେଶ ସୃଷ୍ଟି ଲକ୍ଷ୍ୟରେ ବିଭିନ୍ନ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟକ୍ରମ ଲୋକାର୍ପଣ କରାଯାଇଛି। ଆଦାନୀ ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟର ଖେଳ ପଡ଼ିଆର ବିକାଶ, ଛାତ୍ରୀମାନଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ, ହାତ ଧୋଇବା ବ୍ୟବସ୍ଥା, ବିଦ୍ୟାଳୟ କୋଠାର ଫାଟ ମରାମତି ଓ ରଙ୍ଗକାମ ଆଦି କରାଯାଇଛି । ଏହାସହ ବିଦ୍ୟାଳୟରେ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ୭୫ ଇଞ୍ଚ ବିଶିଷ୍ଟ ଏକ ଏଲଇଡି ଇଣ୍ଟରଆକଟିଭ ପ୍ୟାନେଲ ସ୍ଥାପନ କରାଯାଇଛି ଯାହା ସ୍ମାର୍ଟ ଶ୍ରେଣୀଗୃହ ଭାବେ ପାଠପଢ଼ାକୁ ଅଧିକ ଆକର୍ଷଣୀୟ ଓ ପ୍ରଭାବଶାଳୀ କରିପାରିବ । ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା ।

ଏକ ସ୍ୱତନ୍ତ୍ର ଲୋକାର୍ପଣ ଉତ୍ସବରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଣୀ ସୁଚିତ୍ରା ପାଣିଗ୍ରାହୀ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା ଏବଂ ଗୋପାଳପୁର ବନ୍ଦରର ବିଜନେସ ହେଡ ପ୍ରଶାନ୍ତ ପାତ୍ର ମିଳିତ ଭାବେ ଏହି ଭିତ୍ତିଭୂମିଗୁଡିକର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଆଦାନୀ ଫାଉଣ୍ଡେସନର ଅଧିକାରୀମାନେ ଉପସ୍ଥିତ ଥିଲେ । ସଭାକୁ ସମ୍ବୋଧିତ କରି ବ୍ଲକ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀ ଆଦାନୀ ଫାଉଣ୍ଡେସନର ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଗୋପାଳପୁର ବନ୍ଦରର ବିଜନେସ ହେଡ ପ୍ରଶାନ୍ତ ପାତ୍ର କହିଥିଲେ ଯେ, ଆଦାନୀ ଫାଉଣ୍ଡେସନ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଏବଂ ସମୁଦାୟ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛି । ଛାତ୍ରଛାତ୍ରୀମାନଙ୍କ ପାଇଁ ଉନ୍ନତ ଶିକ୍ଷା ପରିବେଶ ସୃଷ୍ଟି କରିବା ହେଉଛି ଫାଉଣ୍ଡେସନର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ । ଗୋପାଳପୁର ବନ୍ଦର ପାରିପାର୍ଶ୍ୱିକ ଅଞ୍ଚଳରେ ଏଭଳି ଜନହିତକର ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ କହିଥିଲେ ।

## କାଳିପଲ୍ଲୀ ଚାଷୀଙ୍କୁ ନୂଆ ପରିଚୟ ଦେଉଛି କିଆଫୁଲ

# ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ସୁଦୃଢ ହେଉଛି ଜୀବିକା

ବ୍ରହ୍ମପୁର, (ସବ୍ୟୁ): ଗାଁରୁ ସହର ଯାଏ କିଆ ଫୁଲର ବାସ୍ନା ବିଷୟରେ କିଏ ବା ନ ଜାଣେ । ମନ୍ଦିରରେ ଠାକୁର ପୂଜା ଠାରୁ ଆରମ୍ଭ କରି ଘର ସଜ୍ଜା ପର୍ଯ୍ୟନ୍ତ ସବୁଠି ମହକୁ ଥାଏ କିଆ ଫୁଲର ବାସ୍ନା । ସେଥିପାଇଁ କଥା କଥାରେ ଲୋକେ କୁହନ୍ତି, କିଆ ଫୁଲ ପରି ବାସୁଛି। ଏହି ଫୁଲ ଭରପୁର ମାତ୍ରାରେ ଉପଲବ୍ଧ ରହିଛି ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଏବଂ ଏହି ଫୁଲ ଚାଷକରି ଓ ଏହାର ଅତର ପ୍ରସ୍ତୁତ କରି ଲାଭବାନ ହେଉଛନ୍ତି ଅନେକ ଚାଷୀ । ଖାଲି ଯେ କେବଳ ଫୁଲ ଚାଷ କରୁଛନ୍ତି ତା' ନୁହେଁ ବରଂ ଅନେକ ଏହି କିଆ ବା କେଓ୍ୱଡ଼ା ଫୁଲ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରି ଏହାର ଅତର ପ୍ରସ୍ତୁତ କରୁଛନ୍ତି । ଏହା ବାହାର ଦେଶକୁ ମଧ୍ୟ ରପ୍ତାନୀ କରୁଛନ୍ତି ।

ଏହି କ୍ରମରେ, ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ଗ୍ରାମର ଯୁବଚାଷୀମାନେ କିଆ ଫୁଲ ଅତର ବ୍ୟବସାୟ ଆରମ୍ଭ କରି ଅଞ୍ଚଳ ପାଇଁ ସାଜିଛନ୍ତି ଉଦାହରଣ । ସ୍ଥାନୀୟ ଅଞ୍ଚଳରେ ସାମାଜିକ ଉନ୍ନତିମୂଳକ କାର୍ଯ୍ୟ କରିଆସୁଥିବା ଟାଟା ଷ୍ଟିଲ ଫାଉଣ୍ଡେସନର ସହଯୋଗରେ ଏହି ଯୁବଚାଷୀ ମାନେ ସଫଳତାର ସହ ପ୍ରତିଷ୍ଠା କରିଛନ୍ତି । ଏକ କିଆ/କେଓ୍ୱଡ଼ା ଫୁଲ ପ୍ରକ୍ରିୟାକରଣ ୟୁନିଟ୍ । ବିଶ୍ୱ ବଜାର,



ବିଶେଷ କରି ଆରବ ଦେଶ ଗୁଡ଼ିକରେ ଏହାର ଅନେକ ଚାହିଦା ଥିବାରୁ, ଏହି ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଏହି ଯୁବଗୋଷ୍ଠୀ। ଫାଉଣ୍ଡେସନର ସହଯୋଗରେ କାଳିପଲ୍ଲୀ ଗାଁରେ ୨୦ଟି ପରିବାରର ୧୧୫ଜଣଙ୍କୁ ନେଇ ଗଠନ କରାଯାଇଛି କାଳିପଲ୍ଲୀୟୁଥ୍ କେଓ୍ୱଡ଼ା ସୋସାଇଟି । ୨୦୨୩ ମସିହାଠାରୁ କାର୍ଯ୍ୟକ୍ଷମ ହୋଇଆସୁଥିବା ଏହି ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଫାଉଣ୍ଡେସନ ଏକକାଳୀନ ଭାବେ ୨୯ ଲକ୍ଷ ୭୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଛି । ସ୍ଥାନୀୟ ସମ୍ବଳର ସୁବିନିଯୋଗ କରି ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସ୍ୱାବଲମ୍ବୀ ହେବାରେ ସହଯୋଗ କରିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ପ୍ରତିବଦ୍ଧ ରହିଛି ଏବଂ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଲୋକମାନଙ୍କୁ ସ୍ଥାୟୀ ସମୃଦ୍ଧି ଆଡ଼କୁ ଅଗ୍ରସର ହେବାକୁ ସାହାଯ୍ୟ କରୁଛୁ ବୋଲି କହିଛନ୍ତି, ଟାଟା ଷ୍ଟିଲ ଫାଉଣ୍ଡେସନର ଗୋପାଳପୁର ୟୁନିଟ୍ ମୁଖ୍ୟ ଡ. ଜୟନ୍ତ କୁମାର ତ୍ରିପାଠୀ ।

ପୂର୍ବରୁ ସୋସାଇଟି ସଦସ୍ୟ ମାନେ କେବଳ କିଆ ଫୁଲ ବିକ୍ରିରେ ସିମୀତ ଥିବାବେଳେ, ଏହି ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ଦ୍ୱାରା ନିଜେ କିଆ ଫୁଲରୁ ଅତର ପ୍ରସ୍ତୁତ କରି ଢେର୍ ଅଧିକ ବ୍ୟବସାୟ କରିପାରୁଛନ୍ତି । ଆଗରୁ ଆମକୁ କିଆ ଫୁଲ ବିକ୍ରି ପାଇଁ ଏଜେଣ୍ଟ ମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଏବେ ଆମେ ନିଜେ ଏହାର ପ୍ରକ୍ରିୟା କରଣ କରି ଭଲ ଲାଭ ପାଇପାରୁଛୁ ବୋଲି କହିଛନ୍ତି କାଳିପଲ୍ଲୀ ୟୁଥ୍ କେଓ୍ୱଡ଼ା ସୋସାଇଟିର ସଭାପତି ବଙ୍ଗାରି ଶ୍ରୀନିବାସ ।

କାଳିପଲ୍ଲୀରେ କେଓ୍ୱଡ଼ା ଉତ୍ପାଦନ ମାର୍ଚ୍ଚରୁ ସେପେଟମ୍ବର ମାସ ଓ ନଭେମ୍ବରରୁ ଜାନୁଆରୀ ମାସ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ହେଉଥିବା ବେଳେ ଏଥିରେ ସଦସ୍ୟ ମାନଙ୍କର ସମ୍ପୂର୍ଣ୍ଣ ପରିବାର ନିୟୋଜିତ ରହିଥାନ୍ତି । ତେବେ ଗତ ଉତ୍ପାଦନ ଋତୁରେ ୨୨ କେଜି କେଓ୍ୱଡ଼ା ରୁହ୍ (ସୁଗନ୍ଧିତ ତେଲ) ପ୍ରସ୍ତୁତ କରି ୨୦ ଲକ୍ଷ ୪୦ ହଜାର ଟଙ୍କାର ଲାଭ ପାଇପାରିଛି ଏହି ସୋସାଇଟି । ଏହି କେଓ୍ୱଡ଼ା ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ଦ୍ୱାରା ଆମର ଆର୍ଥିକ ଅବସ୍ଥା ଅଧିକ ସୁଦୃଢ଼ ହେବାସହ ଭବିଷ୍ୟତକୁ ନେଇ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି କହିଛନ୍ତି ସୋସାଇଟିର ସମ୍ପାଦକ ବି. ଧରମା ରାଓ ।

# ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗରେ ରାସ୍ତା ଦୁର୍ନୀତି ତଦନ୍ତ ଆରମ୍ଭ

ପଟ୍ଟାମୁଣ୍ଡାଇ ,(ସବ୍ୟୁ) : ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗର ୧୬ନଂ କେନାଲର ବାମ ପଟ ସେବା ବନ୍ଧରେ ୨୫ଲକ୍ଷ ୮୫ହଜାର ୬ଶହ ୧୧ଟଙ୍କା ବ୍ୟୟ ବରାଦରେ ମାତ୍ର ୬୦୦ ମିଟର ମୋରମ ରାସ୍ତା ନିର୍ମାଣ ପାଇଁଏକ ରାସ୍ତା କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତି ପ୍ରତିବାଦରେ ଶାସନ ପଞ୍ଚାୟତ ବାସୀ ଆମରଣ ଆରମ୍ଭ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଜିଓ ଟ୍ୟାଗ ଫୋଟୋ ଏବଂ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଚଳିତ ମେ ଓ ଜୁନ ମାସରେ ମାଟି କାମ ହୋଇଥିବା ସ୍ପଷ୍ଟ ପ୍ରମାଣିତ ହେଉଥିବା ବେଳେ ବର୍ଷେ ପୂର୍ବରୁ ରାସ୍ତାରେ କୌଣସି ମାଟି ପକା ଯାଇ ନଥିଲେବି ମାଟି ପକେଇବା ପାଇଁ ଠିକାଦାରଙ୍କୁ ଲକ୍ଷ ଲକ୍ଷ ଟଙ୍କା କାହିଁକି ମିଥ୍ୟା ବିଲଓ୍ୱ କରି ପୈଠ କରାଯାଇଥିଲା ଏବଂ ଯଦି ଅନଗୋଇଙ୍ଗ ପ୍ରୋଜେକଫ ଥିଲା ତାହେଲେ ପୂର୍ବରୁ ଦୁଇ ଦୁଇଥର ଅନଶନରେ ବସିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ଅନଶନକାରୀଙ୍କୁ ଏହା ଜଣାଇ ନଥିଲେ ବୋଲି ଅନଶନକାରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ।

ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଗ୍ରାମବାସୀଙ୍କୁ ମିଥ୍ୟା ତଥ୍ୟ ପ୍ରଦାନ କରାଯାଇ ସରକାରୀ ଅନୁଦାନ ଅର୍ଥକୁ ହଡପ କରାଯାଉ ଥିବାରୁ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗିରଫ କରିବାକୁ ଅନଶନ କାରୀ ଜିଦ ଧରି ବସିଥିଲେ ।ଅନଶନର ପଞ୍ଚମ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଏସ ପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ରେ ପହଂଚି ଅନଶନକାରୀଙ୍କୁ ଡାକି ସେମାନଙ୍କ ଦାବୀ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଜିଲ୍ଲାପାଳ ଅନଶନକାରୀଙ୍କ ଦାବୀ ଅନୁଯାୟୀ ୧୬ନଂ କେନାଲ ରାସ୍ତା ନିର୍ମାଣ ନେଇ ହୋଇଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ ପାଇଁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଲେଖିବା ପରେ ମୁଖ୍ୟଯନ୍ତ୍ରୀ ଏହି ରାସ୍ତା ନିର୍ମାଣ ସମ୍ପର୍କରେ ତଦନ୍ତ ପାଇଁ ଏକ ୫ ଜଣିଆ କମିଟି ଗଠନ କରିଥିବା ଓ କମିଟି ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନଶନକାରୀଙ୍କୁ ଜଣାଇଥିଲେ । ତଦନୁସାରେ ଗତ ମଙ୍ଗଳବାର ଦିନ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ଚଣ୍ଡିଖୋଲ ଜୋନ ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ ନାୟକ ଙ୍କ ଅଧକ୍ଷତାରେ ଯାଜପୁର ଜଳସମ୍ପଦ ବିଭାଗର ଏସ ଇ ଇଂ ରନିାକର ଦଳେଇ ,କେନ୍ଦ୍ରାପଡା ଏସ ଇ ଇଂ ରାକେଶ ମଲିକ ,ଯାଜପୁର ସବଡିଭିଜନ ର ସହ ନିର୍ବାହୀ ଯନ୍ତ୍ରୀ ଇଂ ଅନ୍ତର୍ଯ୍ୟାମୀ ମହାନ୍ତି ,ଆଲି ଏମବ୍ୟାଙ୍କମେଣ୍ଟ ଡିଭିଜନ ର କନିଷ୍ଠ ଯନ୍ତ୍ରୀ ଗୋରାଶଶୀ ସାହୁ ପ୍ରମୁଖ ସଦସ୍ୟଙ୍କୁ ନେଇ ଗଠିତ ଟେକ୍ନିକାଲ ଟିମ କ୍ଷେତ୍ର ପରିଦର୍ଶନ କରି ରାସ୍ତା କାର୍ଯ୍ୟର ତଦନ୍ତ ଆରମ୍ଭ କରିଛନ୍ତି ।ତଦନ୍ତ ବେଳେ ମାତ୍ର ଅଳ୍ପ ଦିନ ତଳେ ରାସ୍ତା ପାଶ୍ୱର୍ରେ ମାଟି ପଡିଥିବା ଏବଂ ଅତି ନିମ୍ନ ମାନର ମୋରମ ପଡିଥିବା ତଦନ୍ତକାରୀ ଟିମ ଦେଖିବାକୁ ପାଇଥିଲେ ।ମୁଖ୍ୟଯନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ତାପରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ କରାଯିବ ବୋଲି ତଦନ୍ତକାରୀ ଦଳ ପ୍ରକାଶ କରିଛନ୍ତି ।

# ପଦାରେ ପଡ଼ିଲା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଉଦ୍ୟମ





ମାହାଙ୍ଗା, (ସବ୍ୟୁ): ଶିକ୍ଷକମାନଙ୍କୁ ପ୍ରବଳ ଗ୍ରୀଷ୍ମ ସମୟରେ ପ୍ରଶିକ୍ଷଣକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଚାଞ୍ଚଲ୍ୟକର ଖବର ପ୍ରକାଶ ପାଇଥିଲା । ପ୍ରଶିକ୍ଷଣ ସମୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶୁଘାତର ଶିକାର ଘଟଣାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗୀୟ ମନ୍ତ୍ରୀଙ୍କୁ ଅଘଟଣ ପାଇଁ ଦାୟୀ ରହିବେ ବୋଲି ପ୍ରକାଶିତ ଖବର ମାହାଙ୍ଗାରେ ଚର୍ଚ୍ଚାର ବିଷୟ ପାଲଟିଥିଲା ।

ସୂଚନା ଯୋଗ୍ୟ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ୯୬୮ ତା୧୯.୦୫.୨୦୨୬ରିଖ ଅନୁଯାୟୀ ୫ଦିନିଆ ଓସିଏଫ୍ - ଏଏସ୍‌ଇ ୨୦୨୫ ପ୍ରଶିକ୍ଷଣ ଶିବିର ତା ୨୧.୦୫.୨୦୨୬ରିଖରୁ ତା ୨୬.୦୫.୨୦୨୬ରିଖ ପର୍ଯ୍ୟନ୍ତ ଆର୍‌ଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠପଦା ଓ ପିଏମ୍‌ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା । ତା୨୧.୦୫.୨୦୨୬ରିଖରେ ଦିନ ସାଢ଼େ ୧୧ଟା ବେଳେ ପ୍ରଶିକ୍ଷଣ ସାରି ପିଏମ୍‌ଶ୍ରୀ ଝାଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟକୁ ସବଳକଣା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜୀବନଜ୍ୟୋତି ସେନାପତି ଘରକୁ ଫେରୁଥିଲା ବେଳେ ଅଂଶୁଘାତର ଶିକାର ହୋଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ ।

ସେହିପରି ଗୌଡଗୋପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରମଣୀ ରାଉତ ପ୍ରଶିକ୍ଷଣ ସମୟରେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତରବରିଆ ଭାବରେ ଅଟୋରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଏହି ଘଟଣା ଜନସୁଣାଣୀ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକରଣ କରାଯାଇଥିଲା । ଗୋପାଳପୁର ଅଂଚଳର ବିକ୍ରମକେଶରୀ ନାଥ ଅଭିଯୋଗ କରିଥିଲେ । ମଣ୍ଡଳଶିକ୍ଷାଧିକାରୀ ମାହାଙ୍ଗା ପତ୍ରସଂଖ୍ୟା ୧୧୮୫ ତା୩୦.୦୬.୨୦୨୬ରିଖରେ ପ୍ରଦାନ ଉତ୍ତରରେ ଦର୍ଶାଯାଇଥିଲା ଯେ ପ୍ରଶିକ୍ଷଣ ପାଇଁ ବିଦ୍ୟାଳୟରେ ଲାଗିଥିବା ସିଲିଙ୍ଗ ଫ୍ୟାନ୍ ସହିତ ଷ୍ଟାଣ୍ଡ ଫ୍ୟାନ୍, କୁଲର, ପିଇବା ପାଇଁ ପାଣି ସହିତ ଓଆର୍‌ଏସ୍ ପ୍ରଚୁର ପରିମାଣରେ ମହଜୁତ ରଖାଯାଇଥିଲା ।

ଏଠାରେ ପ୍ରଶ୍ନ ଉଠେ ପିଏମ୍‌ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ସମୟରେ କେତୋଟି ଷ୍ଟାଣ୍ଡ ଫ୍ୟାନ୍ ଓ କେତୋଟି କୁଲର ଲାଗିଥିଲା ତାହା ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିବ । ଷ୍ଟାଣ୍ଡ ଫ୍ୟାନ୍ ଓ କୁଲର ଭଡା ବାବଦରେ କେତେଟଙ୍କା ବିଦ୍ୟାଳୟ ଖର୍ଚ୍ଚ କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଘଟଣାକୁ ଚପାଇଦେବା ପାଇଁ ବ୍ଲକ ଶିକ୍ଷାଧିକାରିଣୀଙ୍କ ଏହା ଏକ ଚାଲ୍ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହେଲାଣି ।

ଅପରପକ୍ଷରେ ସବଳକଣା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଂଶୁଘାତରେ ଶିକାର ହୋଇ ପ୍ରଶିକ୍ଷଣ ସମୟରେ ଅନୁପସ୍ଥିତ ରହିଥିଲେ, ସେ ତଥ୍ୟ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଜାଣିପାରିଲା ନାହିଁ କିପରି ? ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିକଟରେ ଦାବି କରାଯାଇଛି ।

# ଏରେଡ଼ାବାଲି ପଠାରେ ୯ ଶହରୁ ଊର୍ଦ୍ଧ୍ୱ ଟ୍ରିପ ହାଇଓ୍ୱା ବାଲି ଜବତ

ନାଉଗାଁ, (ସବ୍ୟୁ) : ବାଲୁବଜ୍ର ଅଭିଯାନକୁ ପୁଣି ଜୋରଦାର କରିଛି ଜିଲ୍ଲା ପ୍ରଶାସନ ଓ ପୁଲିସ । ବିରିଡ଼ି ପରେ ମଙ୍ଗଳବାର ନାଉଗାଁ ତହସିଲ ଅନ୍ତର୍ଗତ ଏରେଡ଼ା ଅଞ୍ଚଳର ଦୁଇ ଜାଗାରୁ ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଟ୍ରିପ ହାଇଓ୍ୱା ବାଲିକୁ ଜବତ କରାଯାଇଛି ।କେତେକ ଲୋକଙ୍କ ବ୍ୟକ୍ତିଗତ ଜମିରେ ଏହି ବିପୁଳ ପରିମାଣର ବାଲିକୁ ଗଚ୍ଛିତ ରଖାଯାଇଛି ।ଏହି ଜମି ମାଲିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ କହିଛନ୍ତି ।ଏହି ବାଲି ଏରେଡା ଗ୍ରାମର ୧୩ ପ୍ଲଟର ୧ ଏକର ୨୭ ଡିସିମିଲ ବେସରକାରୀ ଜମିରେ ଗଦା ହୋଇଥିବା ଜଣାଯାଇଛି ।ସୂଚନା ଅନୁସାରେ ନାଉଗାଁ ତହସିଲ ଅନ୍ତର୍ଗତ ଏରେଡାର ଦୁଇଟି ଜାଗାର ପର୍ଯ୍ୟାପ୍ତ ବାଲି ମହଜୁଦ ଥିବା ଜଣାପଡ଼ିଥିଲା । ତତ୍କାଳ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ ଏହି ଦୁଇ ବାଲି ପାହାଡ଼କୁ ଜବତ କରିବା ସହ ସେଠାରେ ନାଲି ପତାକା ପୋତି ଦେଇଛନ୍ତି ।ପ୍ରାୟତଃ ଦେବୀନଦୀରୁ ଏସବୁ ବାଲି ଉତ୍ତୋଳନ ହୋଇଥିବାର ସନ୍ଦେହ କରାଯାଉଛି । ମାଫିଆମାନେ ବେଶ ଚତୁରତାର ସରକାରୀ ପରିବର୍ତ୍ତେ ଘରୋଇ ମାଲିକାନରେ ଥିବା ଜମିରେ ଏହି ବାଲିକୁ ଗଚ୍ଛିତ ରଖିଛନ୍ତି । ସଂପ୍ରତି ଜମି ମାଲିକ ଚିହ୍ନଟ ନେଇ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷଙ୍କୁ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି ।କାରଣ ଆଖ ପାଖର ଅନେକ ଲୋକ ଏଦିଗରେ ସହଯୋଗ କରୁନାହାନ୍ତି । ତେବେ ଯେଉଁ ଅନୁପାତରେ ବାଲିର ପାହାଡ଼ ସୃଷ୍ଟି କରାଯାଇଛି ସେଥିନେଇ ପ୍ରଥମେ ଜମି ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ତରାଇ କହିଛନ୍ତି ।ଅନ୍ୟପଟରେ ନାଉଗାଁ ତହସିଲଦାର ଶ୍ରୀ ବଡୁଙ୍କ ଦ୍ୱାରା ବାଲି ଗଦା ହୋଇଥିବା ଜମିର ପ୍ଲଟକୁ ଚିହ୍ନଟ କରାଯାଇ ମାଇନିଙ୍ଗ ବିଭାଗକୁ ରିପୋର୍ଟ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି ।

# ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛି : ଆକାଶ



ବ୍ୟାସନଗର, (ଜିପ୍ର): ଗତ ବିଧାନସଭା ନିର୍ବାଚନ ସମୟରେ କୋରେଇବାସୀଙ୍କୁ ମୁଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଦିଗରେ ସକ୍ଷମ ହୋଇଛି। ଯାହାବି ବାକିଆ ରହିଛି, ତାହା ଆଗାମି ଦିନରେ ପୂରଣ କରିବା ଦିଗରେ ମୁଁ କାର୍ଯ୍ୟ କରୁଛି ବୋଲି ବୁଧବାର ଦିନ ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରେଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ଆକାଶ ଦାସନାୟକ ସୂଚନା ଦେଇଛନ୍ତି। କୋରେଇ ବ୍ଲକ୍ ଜହ୍ନା ପଞ୍ଚାୟତର ଯୁବନେତା ପ୍ରୀତିରଞ୍ଜନ ସାହୁ ଏବଂ ବିଜେପି ସଭାପତି ଜଗଦିଶ ସାହୁଙ୍କ ନେତୃତ୍ୱରେ ଜହ୍ନା ଗ୍ରାମପଞ୍ଚାୟତର ଜହ୍ନା, ଛୋଟରାୟପୁର, ତାଲୁଗାଁ, ନରପଦା, ତଲୁରୀ, ଜହ୍ନକଣା ଆଦି ଗ୍ରାମର ଶତାଧିକ ନେତା ଓ କର୍ମୀ ବିଜେଡ଼ି ଛାଡି ବିଜେପିରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ ।

କୋରେଇ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ୍ ଲକ୍ଷ୍ମୀନଗର ପଞ୍ଚାୟତର ବିଜେପି ସଭାପତି ପ୍ରଫୁଲ୍ଲ କୁମାର ସାହୁ ଓ ସରପଂଚ ସର୍ବେଶ୍ୱର ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀନଗର ପଞ୍ଚାୟତର ତରାପୁର, ଭିକିପୁର, ଲକ୍ଷ୍ମୀନଗର, କୃଷ୍ଣନଗର, ରାଧାନଗର ଆଦି ଗ୍ରାମର ଶତାଧିକ ନେତା ଓ କର୍ମୀ ବିଜେଡ଼ି ଛାଡି ବିଜେପିରେ ଯୋଗଦାନ କରିଥିଲେ ।

ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଜହ୍ନା ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ତଥା ଜହ୍ନା ସୋସାଇଟି ସଭାପତି ନିତ୍ୟାନନ୍ଦ ସାହୁ, ଯୁବନେତା ପ୍ରମୋଦ କୁମାର ଖୁଂଟିଆ, ଜହ୍ନା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ନାରାୟଣ ବୋଇତାଇ, ନାରାୟଣ ସାହୁ,ପୂର୍ବତନ ବିଜେଡି ସଭାପତି ମାଧବ ରାଉତ, ପଦ୍ମନାଭ ମଲ୍ଲିକ, ବାଇଧର ମଲ୍ଲିକ, ଅକ୍ଷୟ ବିଶ୍ୱାଳ, ଦାମୋଦର ପାଢ଼ୀ, ନୃସିଂହ ସାହୁ, ଅଶୋକ ବାରିକ, ରମେଶ ସାହୁ, ନିହାର ରଞ୍ଜନ ସାହୁ, ବିଜୟ ମଲ୍ଲିକ, ସୋମନାଥ ଦାସ,ପ୍ରମୁଖ ବିଜେଡି ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି ।

ସେହିପରି ଲକ୍ଷ୍ମୀନଗର ପଞ୍ଚାୟତରୁ ଶତାଧିକ ବିଜେଡ଼ି କର୍ମୀ ଆଜି ଆକାଶଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ବିଜେପି ମହିଳା ସଭାପତି ଦିପ୍ତିମୟୀ କୁଅଁର, କୋରେଇ ବିଧାୟକଙ୍କ ପ୍ରତିନିଧି ଧନେଶ୍ୱର ବାରିକ, ରସୁଲପୁର ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ହିଙ୍ଗୁଳା ମଣ୍ଡଳ ସଭାପତି ବିନୋଦ ମହାରଣା, ଜହ୍ନା ସରପଂଚ ସଂଯୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭଦ୍ରେଶ୍ୱର ଥାନା ପରିସରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ

ମାହାଙ୍ଗା (ସବ୍ୟୁ): ଓଡ଼ିଶା ପୋଲିସର ରାଜ୍ୟସ୍ତରୀୟ ନିଶାମୁକ୍ତ ଅଭିଯାନ ଭଦେଶ୍ୱର ଥାନା ପକ୍ଷରୁ ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଆମେ ସମସ୍ତେ ମିଳିମିଶି ନିଶାମୁକ୍ତ ସମାଜ ଗଢ଼ିବା ଓ ନିଶାକୁ ପରିତ୍ୟାଗ କରି ସୁସ୍ଥ, ସୁନ୍ଦର, ସଚେତନ ଓଡ଼ିଶା ଗଠନରେ ସହଯୋଗ କରିବା ନିଶାମୁକ୍ତ ଓଡ଼ିଶା ଅଭିଯାନ ଗଠନ ପାଇଁ ଥାନା ଅଧିକାରିଣୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପୋଲିସ ଡିଜି ଓ୍ୱାଇ.ବି ଖୁରାନିଆ ଏହି ନିଶାମୁକ୍ତ ଅଭିଯାନକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଥାନାରେ ଅନୁଷ୍ଠିତ ନିଶାମୁକ୍ତ ଅଭିଯାନକୁ ପରିଚାଳନା କରିଥିଲେ । ଭଦ୍ରେଶ୍ୱର ଥାନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ଦୁଃଖୀଶ୍ୟାମ ସାହୁ, ଶ୍ୟାମସୁନ୍ଦର ସାହୁ, ଗଙ୍ଗାଧର କଅଁର, ଏସ୍‌ଆଇ ନାରାୟଣ ବେଶ୍ରା, ହୋମ୍‌ଗାର୍ଡ ଅନିଲ କୁମାର ଦାସ, ସୁନିଲ କୁମାର ଆଚାର୍ଯ୍ୟ, ଧନଞ୍ଜୟ ମହାପାତ୍ର, ତପନ କୁମାର ସାହୁ, ଅକ୍ଷୟ କୁମାର ଦାସ, ଦିପକ କୁମାର ରାଉତ, ରାକେଶ କୁମାର ନାୟକ, ଦେବସ୍ମିତା ସାମଲ, ପଙ୍କଜ ସିଂହ, ହିମାଂଶୁ ଶେଖର ପ୍ରଧାନ, ସନ୍ତୋଷ କୁମାର ମିଶ୍ର, ବିଜୟ କୁମାର ସାମଲ, କନେଷ୍ଟବଲ ଅକ୍ଷୟ ଦାସ, ସିଏପିଏଫ୍ ମୋହନ ନାୟକ, ଚନ୍ଦନ ବେହେରା, ଆର୍ ଜ୍ୟୋତି ମଲ୍ଲିକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ରାକକିଶୋର ମିଶ୍ର, ବିଜୟ କୁଅଁର, ବିଶ୍ୱଜିତ୍ ମହାପାତ୍ର, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସୌମ୍ୟରଂଜନ ପଣ୍ଡା, ପ୍ରଦିପ୍ତ କୁମାର ନାଥଶର୍ମା, କେଶବ ଚନ୍ଦ୍ର ପ୍ରଧାନଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ ଯୋଗଦେଇ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ପାଠ କରିଥିଲେ ।

# ରାଜକନିକା ଥାନା ପକ୍ଷରୁ ନିଶା ମୁକ୍ତ ଓଡିଶା ଅଭିଯାନ

ରାଜକନିକା,(ସବ୍ୟୁ) : ରାଜକନିକା ଥାନା ପକ୍ଷରୁ ଆଜି ନିଶା ମୁକ୍ତ ଓଡିଶା ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ରାଜକନିକା ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ମଲିକଙ୍କ ସଂଯୋଜନାରେ ରାଜକନିକା ଅଞ୍ଚଳର ଯୁବବର୍ଗ ଓ ବରିଷ୍ଠ ଭ୍ୟକ୍ତି ମାନଙ୍କୁ ନେଇ ଥାନା ପରିସରରେ ଏକ ସଭାର ଆୟଜନ କରି କେମିତି ନିଶା ଠାରୁ ଯୁବଗୋଷ୍ଠୀ ଦୁରେଇ ରହିବେ ଓ ସମାଜର ମଙ୍ଗଳ ହେବ ତାହାକୁ ଆଲୋଚନା କରିଥିଲେ । ପୋଲିସର ଏପରି ସୁନ୍ଦର ପ୍ରୟାସକୁ ଯୁବବର୍ଗ ମାନେ ପ୍ରଶଂସା କରିଛନ୍ତି।

# ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସମ୍ଭାଷଣ ଶିବିର




ଯାଜପୁର,(ସବ୍ୟୁ) : ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ କପାସି ଠାରେ ଥିବା ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଶିବିର ଉତ୍ସବର ଅଧକ୍ଷ ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହିତ ଅଧ୍ୟାପକ ଧୀରେନ୍ଦ୍ର କୁମାର ତ୍ରିପାଠୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ଏହାପରେ କାର୍ଯ୍ୟକ୍ରମର ସଂଯୋଜକ ତଥା ମହାବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ବରାଳ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ୩୫ଦିନିଆ ସଂସ୍କୃତ ସମ୍ଭାଷଣ ଶିବିରର ଅନୁଷ୍ଠିତ ଓ ସଫଳତା ସମ୍ପର୍କରେ ଆଲୋକଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଲୋକଭାଷା ପ୍ରଚାର ସମିତିର ରାଜ୍ୟ ସଂଯୋଜକ ବିଭୂତି ନାରାୟଣ କର ସମସ୍ତ ଭାରତବର୍ଷରେ ଲୋକଭାଷା ମାଧ୍ୟମରେ ସରଳ ସଂସ୍କୃତରେ କଥୋପକଥନ ପାଇଁ ପ୍ରଚାର ପ୍ରସାର ସଂପର୍କରେ ଆଲୋଚନା ସହିତ ଉକ୍ତ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।

ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରାଧାନ ପଣ୍ଡିତ ତଥା ରାଜ୍ୟ ସଂସ୍କୃତ ମହାମଣ୍ଡଳର ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତ ଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟରେ ଇଣ୍ଟର୍ନସିପ୍‌ରେ ଭାଗନେଇଥିବା ଛାତ୍ର ଓ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ କୃତି ପ୍ରତିଯେଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଶାସ୍ତ୍ରୀ ୩ୟ ବର୍ଷର ଛାତ୍ରୀ କାଦମ୍ବିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ସୁଜାତା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଡାକ୍ତରଙ୍କ ଧର୍ମଘଟ : ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

ମାହାଙ୍ଗା ,(ସବ୍ୟୁ): ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଧର୍ମଘଟ ଯୋଗୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି । ଡାକ୍ତରମାନେ ନଆସିବା ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ଠିକ୍ ଭାବରେ ହୋଇପାରି ନଥିଲା । ସକାଳ ୮ଟାରୁ ଦିନ ୧ଟା ମଧ୍ୟରେ କେବଳ ହୋମିଓପାଥିକ୍ ଆୟୁଷ ଡାକ୍ତର ଜଣକ ଉପସ୍ଥିତ ରହିଥିବା ଜଣାପଡିଥିଲା । ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଚାଳନା ନିମନ୍ତେ ଭାରପ୍ରାପ୍ତ ଅଧିକ୍ଷକ ନିର୍ଦ୍ଦେଶ ନଂ୧୦୬୬ ତା ୩୦.୦୬.୨୦୨୬ରିଖରେ ୧ତାରିଖ ଠାରୁ ୭ତାରିଖ ପର୍ଯ୍ୟନ୍ତ କେଉଁ କେଉଁ ଚୁକ୍ତିଭିତ୍ତିକ ଡାକ୍ତର ଡିଉଟି କରିବେ ସେ ସଂପର୍କରେ ନିର୍ଦ୍ଦେଶ ଦେଇଥିଲେ । ହେଲେ ତା୧.୦୭.୨୦୨୬ରିଖରେ ଚୁକ୍ତି ଅଜିତ୍ ସିଂଙ୍କୁ ସକାଳ ଓପିଡି ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ସନ୍ଧ୍ୟା ସମୟରେ ଦିନ ୧ଟାରୁ ସନ୍ଧ୍ୟା ୫ଟା ଏବଂ ରାତିରେ ସନ୍ଧ୍ୟା ୫ଟାରୁ ୨ତାରିଖ ସକାଳ ୮ଟା ଏବଂ ୨ତାରିଖ ଦିନ ପୁଣି ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି କିଭଳି ଏପରି ନିର୍ଦ୍ଦେଶ ଦିଆଯାଇଛି ।

ଏଠାରେ ପ୍ରଶ୍ନଉଠୁଛୁ ୩ଜଣ ଚୁକ୍ତିଭିତ୍ତିକ ଏଲୋପାଥିକ ଡାକ୍ତର ଥାଉ ଥାଉ ଜଣେ ଡାକ୍ତରଙ୍କୁ କିଭଳି ୨୮ ଘଣ୍ଟା କାର୍ଯ୍ୟ କରିବାକୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ନିଜ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି ।

ଏ ସଂପର୍କରେ କଟକ ଜିଲ୍ଲା ସ୍ୱାସ୍ଥ୍ୟଅଧିକାରୀ (ସିଡିଏମ୍‌ଓ) ଯୋଗାଯୋଗ କରିବାରୁ ସେ ଉତ୍ତର ଦେଇଥିଲେ ଯେ ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଡାକ୍ତର ଅଜିତ୍ ସିଂ ଡିଉଟି କରିଥିଲେ । ସେ ଦିନ ୩ଟା ବେଳେ ଡାକ୍ତରଖାନାରେ ବିଶ୍ରାମ ନେଇଛନ୍ତି । ତେବେ ପ୍ରଶ୍ନଉଠୁଛି ଯେ ଡାକ୍ତରଖାନାର ସିସିଟିଭି ଫୁଟେଜ୍ ତଦାରଖ କରିଲେ ଜଣାପଡିବ ଯେ ସଂପୃକ୍ତ ଡାକ୍ତର କେତୋଟାରୁ କେତେଟା ପର୍ଯ୍ୟନ୍ତ ଓପିଡିରେ ରୋଗି ଚିକିତ୍ସା କରିଛନ୍ତି ।କେବଳ ସେତିକି ନୁହେଁ ମାହାଙ୍ଗା ଅଂଚଳରେଥିବାଅଧିକାଂଶପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବା ସହ ମାହାଙ୍ଗାରେ ରୋଗୀସେବାକୁ ନେଇ ସୃଷ୍ଟି ହୋଇଥିବା ଅଚଳବସ୍ଥାରେ ସଂପୃକ୍ତି ଥିବା ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

# ହାଇସ୍କୁଲ୍ ସମସ୍ୟା ଅନୁଧ୍ୟାନ କଲେ ବିଧାୟକ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତରେ ଥିବା ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ହାଇସ୍କୁଲ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ପରିଦର୍ଶନ କରି ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଦୀର୍ଘଦିନ ହେଲା ଉଚ୍ଚ ବିଦ୍ୟାଳୟର ଦୁଇ ମହଲା କୋଠା ନିର୍ମାଣ ସରିଥିଲେ ମଧ୍ୟ ଠିକାଦାର ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ପାଇନଥିବାରୁ ନିର୍ମାଣାଧିନ କୋଠାକୁ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଉନାହିଁ । ଯାହାଫଳରେ ଛାତ୍ର/ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏହି ସମସ୍ୟାକୁ ସମାଧାନ କରିବା ପାଇଁ ପ୍ରଧାନ ଶିକ୍ଷକ ଓ ସରପଞ୍ଚ ବିଧାୟକଙ୍କ ସହିତ ଆଲୋଚନା କରିଛନ୍ତି ।ଏହି ଅବସରରେ ହାଇସ୍କୁଲର ଗଣିତ ଶିକ୍ଷକ ଦିବାକର ପ୍ରଧାନ ଅବସର ନେଉଥିବାରୁ ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କସ୍ତୁରୀ ଚରଣ ପ୍ରଧାନ, ଜ୍ଞାନ ରଂଜନ ମହାନ୍ତି, ସରପଞ୍ଚ କଳ୍ପନା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସଂସ୍କୃତ ଶିକ୍ଷକ ପ୍ରଭାକର ସାର୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥ ଉପରେ ଟ୍ରକ ପାର୍କିଂ: ବଢୁଛି ଦୁର୍ଘଟଣା

କେନ୍ଦ୍ରାପଡା ,(ସବ୍ୟୁ) : ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ରାସ୍ତାକାମ ପ୍ରଶସ୍ତିକରଣ କାର୍ଯ୍ୟ ସରିଥିବାବେଳେ ଟ୍ରକ ଚାଳକମାନେ ରାସ୍ତା ଉପରେ ଗାଡି ପାର୍କିଂ କରିବା ଦ୍ୱାରା ଦୁର୍ଘଟଣା ବଢୁଛି ।

ପଞ୍ଚୁପାଣ୍ଡବଠାରୁ ମଶାକଣି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଟ୍ରକ ଚାଳକମାନେ ମନ ମୁତାବିକ୍ ଟ୍ରକ୍ ରଖୁଥିବାରୁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଏପରିକି ଜରୁରୀକାଳୀନ ଗାଡି, ଆମ୍ବୁଲାନ୍ସ, ଦମକଳ, ସ୍କୁଲ୍ ଗାଡି ଓ ଅନ୍ୟାନ୍ୟ ଗାଡି ଗୁଡ଼ିକ ସମୟ ଭିତରେ ନ ପହଁଚିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚାଳକମାନେ ରାସ୍ତା ଉପରେ ଗାଡିକୁ ରଖି ଘଣ୍ଟା ଘଣ୍ଟା ଧରି ଗାଡି ଛାଡି ପଳାଉଛନ୍ତି । ଯାହାଫଳରେ ରାତିରେ ଯିବା ଆସିବା ସମୟରେ ମଟର ସାଇକେଲ୍ ଆରୋହୀଠାରୁ ଆରମ୍ଭକରି ଅନ୍ୟଗାଡି ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଜାତୀୟ ରାଜପଥ ଉପରେ ରଖୁଥିବା ଗାଡି ଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ସାଧାରଣ ଜନତାଙ୍କ ପକ୍ଷରୁ ଦାବି ହେଉଛି ।

# ଖବରକାଗଜ ବିତରକଙ୍କ ପତ୍ନୀ ବିୟୋଗ

ସାଲେପୁର,(ସବ୍ୟୁ) : ସାଲେପୁର ଅଞ୍ଚଳର ଖବର କାଗଜ ହକର ନିରଞ୍ଜନ ବାରିକଙ୍କ ପତ୍ନୀ ଭାରତୀ ବାରିକ(୩୫)ଙ୍କ ମଙ୍ଗଳବାର ଦିନ ପରଲାକ ଘଟିଛି ।ତାଙ୍କ ପରଲୋକାର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଦୀର୍ଘଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ । ତାଙ୍କର ମୃତ ଶରୀରର ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କର ବଡ ଝିଅ ଜସ୍ମିନ ବାରିକ ମୁଖାଗ୍ନି ଦେଇଥିଲେ । ତାଙ୍କର ବିୟୋଗରେ ବିବେକାନନ୍ଦ ଭୂୟାଁ, ପ୍ରମୋଦ କୁମାର ଭୂୟାଁ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ହୃଷିକେଶ ମଲ୍ଲିକ, ଶାରଦା ପଣ୍ଡା, ବିରଞ୍ଚି ନାରାୟଣ କର,ଅରବିନ୍ଦ ଭୂୟାଁ, ପ୍ରଦୀପ ପରିଜା, ଶିଶିର କୁମାର ଦାଶ, ପ୍ରଫୁଲ୍ଲ କୁମାର ମିଶ୍ର, ଚିତ୍ତରଞ୍ଜନ ମୁଦୁଲି, ପ୍ରତ୍ୟୁଷ ମହାନ୍ତି, ପ୍ରଦୀପ କୁମାର କର, ମିନାର ବେହେରା ସମେତ ହକର ଭାଇ ପୁରୁଷୋତ୍ତମ ବେହେରା, ବାବାଜୀ ବେହେରା, ପ୍ରମୋଦ ଦାସ ସମେତ ସାଲେପୁର ସବୁ ହକର ଭାଇ ମାନେ ଗଭୀର ଶୋକପ୍ରକାଶ କରିଛନ୍ତି। ତାଙ୍କର ତିନି ଝିଅ ଥିବା ଜଣାଯାଇଛି ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଫକିରାବାଦ ଉର୍ଦ୍ଦୁ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ମନସୁର୍ ଅଲ୍ଲୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପୂର୍ବତନ ଶିକ୍ଷକ ନେତା ତଥା କବି ହେମନ୍ତ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଓଡିଶା ଉର୍ଦ୍ଦୁ ବୋର୍ଡର ପୂର୍ବତନ ସଂପାଦକ ଡଃ. ସୟଦ୍ ଅତା ମୋହିଉଦ୍ଦିନ୍ ମୁଖ୍ୟ ବକ୍ତା, କେନ୍ଦ୍ରାପଡା ବ୍ଲକ ଶିକ୍ଷା ଅଧିକାରୀ ଓ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ, ସ୍ୱତନ୍ତ୍ର ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ଦେବଦତ୍ତ ଶତପଥୀ, ଅଲସ୍ତାର ସଭାପତି ଧନେଶ୍ୱର ପାତ୍ର, ଉତ୍କଳ ପ୍ରାଇମେରୀ ସ୍କୁଲର ଶିକ୍ଷକ ନେତା ଭ୍ରମର ବର ରାଉତ, ପୂର୍ବତନ ସ୍କୁଲ୍ ଇନିସ୍ପେକ୍ଟର କାଶୀନାଥ ରାଉତରାୟ, ମାର୍ଶାଘାଇର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଭାଗିରଥି ନନ୍ଦ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

ଅବସର ନେଉଥିବାରୁ ପ୍ରଧାନ ଶିକ୍ଷକ ଶ୍ରୀ ଅଲ୍ଲୀଙ୍କୁ ଛାତ୍ର/ଛାତ୍ରୀ, ଅଭିଭାବକ ଓ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଲଡି ଉର୍ଦ୍ଦୁ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ବରକତ୍ ଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ମହୋତ୍ସବ ପାଳିତ

ରାଜନଗର ,(ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକସିଂଙ୍ଗଡାପାଳ ପ୍ରୋଜେକଫ ପ୍ରାଇମେରୀ ସ୍କୁଲପରିସର ରେ ଗୁପ୍ତି ସେକ୍ସନ ବନବିଭାଗ ତରଫରୁ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ବନ ମହୋତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜନା ବେହେରା, ସୁପ୍ରଭା ମଣ୍ଡଳ,ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇ, ବନରକ୍ଷୀ ବିଶ୍ୱ ରଞ୍ଜନ ତରାଇ, ଦେବ ପ୍ରସାଦ ମୁଣ୍ଡା, ଅଞ୍ଜନା ବେହେରା, ସ୍କୁଲ ପରିଚାଳନା କମିଟି ସଦସ୍ୟ , ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ସିଙ୍ଗଡ଼ା ପାଳ ଗ୍ରାମବାସୀ ସାମିଲ୍‌ହୋଇଥିଲେ । ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ ।

ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ କିସମ ର ବୃକ୍ଷ ରୋପଣ କରାଯାଇଥିଲା ।ଆୟୋଜିତ କାର୍ଯ୍ୟକ୍ରମରେ ଗୁପ୍ତି ବନପାଳ ବିଭୁତି ତରାଇ ସିଙ୍ଗ ପ୍ରୋଜେକଫ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ବେହେରା ବନ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କ ରେ ଉପସ୍ଥିତ ଛାତ୍ରୀଛାତ୍ର ଙ୍କୁ ସୂଚନା ପ୍ରଦାନ କରିଥିଲେ ।ସୂଚନା ଯୋଗ୍ୟ ରାଜନଗର ବନଖଣ୍ଡ ଅଧୀନସ୍ଥ କନିକା ବନ୍ୟଜୀବ ବନାଞ୍ଚଳ ରେ ଆଜି ବନ ମହୋତ୍ସବ ସପ୍ତାହ ଉଦଘାଟିତ କରାଯାଇଛି । କନିକା ବନାଞ୍ଚଳର ଏ.ସି.ଏଫ ଶ୍ରୀ ମାନସ କୁମାର ଦାସ ସବୁଜ ପତାକା ପ୍ରଦର୍ଶନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।ବନାଞ୍ଚଳ ଅଧୀନସ୍ଥ ରଗଡ଼ାପାଟିଆ ନର୍ସରୀ, କୋଇଲିପୁର ନର୍ସରୀ, ପଟାପାରିଆ ନର୍ସରୀ ମାନଙ୍କରେ ଚାରା ବିତରଣ କରାଯାଇଛି ।ସବୁଜ ରଥ ଜରିଆରେ ଗାଁ ଗାଁ ବୁଲି , ଘରେ ଘରେ ଚାରା ବଣ୍ଟନ କରିବା ସହିତ ବୃକ୍ଷର ମାହାତ୍ମ୍ୟ ସମ୍ପର୍କ ରେ ଲୋକ ମାନଙ୍କୁ ସଚେତନତା ର ବାର୍ତ୍ତା ପହଞ୍ଚା ଯାଇଛି ।ଏହି କାର୍ଯ୍ୟକ୍ରମରେ ବନପାଳ ଓ ବନରକ୍ଷୀ ମାନେ ଯୋଗ ଦେଇଥିଲେ ।

# କୁରାଙ୍ଗ ଶାସନରେ ୩୫ ଲକ୍ଷ ଟଙ୍କାର ନୂତନ ପଞ୍ଚାୟତ ଭବନ ଶିଳାନ୍ୟାସ



ଫୁଲନଖରା,(ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକର ୩୩ ନମ୍ବର ଜୋନ ଅଧୀନ କୁରାଙ୍ଗ ଶାସନ ଗ୍ରାମ ପଞ୍ଚାୟତରେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଗ୍ରାମ ପଞ୍ଚାୟତ ଭବନର ଶିଳାନ୍ୟାସ କାର୍ଯ୍ୟକ୍ରମ ଉତ୍ସବମୁଖର ପରିବେଶରେ ସମ୍ପନ୍ନ ହୋଇଛି । ବହୁଦିନର ଦାବି ପୂରଣ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା । ଏହି ନୂତନ ପଞ୍ଚାୟତ ଭବନ ନିର୍ମାଣ ହେଲେ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ସେବା ଅଧିକ ସୁବିଧାଜନକ ଭାବେ ମିଳିବା ସହ ପ୍ରଶାସନିକ କାର୍ଯ୍ୟକଳାପ ମଧ୍ୟ ଅଧିକ ସୁଚାରୁ ଭାବେ ପରିଚାଳିତ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ନିଆଳି ବିଧାନସଭା କ୍ଷେତ୍ରର ବିଧାୟକ ଇଂ. ଛବି ମଲ୍ଲିକଙ୍କ ପ୍ରୟାସ ଓ ବିକାଶମୂଳକ ଦୃଷ୍ଟିଭଙ୍ଗୀ ଯୋଗୁଁ ଏହି ପ୍ରକଳ୍ପ ବାସ୍ତବ ରୂପ ନେଇପାରିଛି । ଅଞ୍ଚଳର ମୌଳିକ ସୁବିଧା ବୃଦ୍ଧି, ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ଲୋକମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସେ ସବୁବେଳେ ପ୍ରାଥମିକତା ଦେଇ ଆସୁଛନ୍ତି ବୋଲି ଉପସ୍ଥିତ ଅନେକ ବକ୍ତା ମତ ପ୍ରକାଶ କରିଥିଲେ । ଅଞ୍ଚଳରେ ରାସ୍ତାଘାଟ, ଶିକ୍ଷା, ପାନୀୟ ଜଳ, ସ୍ୱାସ୍ଥ୍ୟ ଏବଂ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଉଛି । ଏହି ଶିଳାନ୍ୟାସ ଉତ୍ସବରେ ନିଆଳି ବିଧାୟକଙ୍କ ପ୍ରତିନିଧି ତଥା ଦୃଢ଼ ସଂଗଠକ ଧୀରେନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଧାୟକ ଇଂ. ଛବି ମଲ୍ଲିକ ସବୁବେଳେ ଜନସାଧାରଣଙ୍କ ଆବଶ୍ୟକତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି । ଗ୍ରାମାଞ୍ଚଳରେ ଆଧୁନିକ ଭିତ୍ତିଭୂମି ଗଢ଼ି ତୋଳିବା, ସରକାରୀ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ପ୍ରତ୍ୟେକ ପଞ୍ଚାୟତର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ହେଉଛି ତାଙ୍କର ପ୍ରମୁଖ ଲକ୍ଷ୍ୟ । ଆଗାମୀ ଦିନରେ ମଧ୍ୟ ନିଆଳି ନିର୍ବାଚନମଣ୍ଡଳୀରେ ଆହୁରି ଅନେକ ଜନହିତକର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର, ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ପଞ୍ଚାୟତ ଭବନ ଗ୍ରାମର ବିକାଶ ଯାତ୍ରାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅଭିରାମ ପାତ୍ର, ସୁବ୍ରତ ବିଶ୍ୱାଳ, ଆଲୋକ ପାତ୍ର, ସନ୍ତୋଷ ସାହୁ, ବିଜୟ କୁମାର ସାହୁ, ଅଶୋକ ସାହୁ, ବିଜୟ ମଲ୍ଲିକ, ଆଲୋକ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସେହିପରି ଗୌରାଙ୍ଗ ଚରଣ ପାତ୍ର, ବିଜୟ ପ୍ରଧାନ, ବିକାଶ ସାହୁ, ପ୍ରଦୀପ ସୁନ୍ଦରାୟ, ନିରୋଧ ଜେନା, ଜୟନ୍ତ କୁମାର ଜେନା, ତୁଷାରକାନ୍ତ ଜେନା, ଅକ୍ଷୟ ଦଳାଇ, ଯତୀନ୍ଦ୍ର ସାହୁ, ସନ୍ଦୀପ ବାରିକ, ଲୋକନାଥ ମହାନ୍ତି, ଅଶୋକ ଦାସ, ପ୍ରତାପ ପଣ୍ଡା, ମନମୋହନ ପାତ୍ର ପ୍ରମୁଖ ଉପସ୍ଥିତ ରହି ବିକାଶମୂଳକ ପଦକ୍ଷେପକୁ ସ୍ୱାଗତ କରିଥିଲେ । ଶିଳାନ୍ୟାସ ଉତ୍ସବରେ ବହୁ ସଂଖ୍ୟକ ଗ୍ରାମବାସୀ, ଯୁବକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ନୂତନ ପଞ୍ଚାୟତ ଭବନ ନିର୍ମାଣ ଦ୍ୱାରା ଗ୍ରାମର ପ୍ରଶାସନିକ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଲୋକଙ୍କ କାମ ସହଜରେ ସମ୍ପନ୍ନ ହେବ ବୋଲି ଆଶା ପ୍ରକାଶ କରିଥିଲେ । ସେମାନେ ଆଗାମୀ ଦିନରେ ମଧ୍ୟ ଏଭଳି ଜନକଲ୍ୟାଣମୂଳକ ପ୍ରକଳ୍ପ ନିଆଳି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଉ ବୋଲି ଆଶା ବ୍ୟକ୍ତ କରିଥିଲେ ।

# ଗଞ୍ଜେଇ ଜବତ: ଗାଡ଼ି ସହ ଜଣେ ଅଟକ



ଗଣିଆ,(ସବ୍ୟୁ): ଓଡ଼ିଶାର କୋରାପୁଟ ଜିଲ୍ଲା ରୁ ଜିଲ୍ଲା ବାହାରକୁ ବହୁ ପରିମାଣରେ ଗଂଜେଇ ଚାଲାଣ ହେଉଛି । ଏ ନେଇ ଗଣିଆ ପୋଲିସ ଗଂଜେଇ ଚୋରା ଚାଲାଣ ଉପରେ ନଜର ରଖି ସଫଳତା ପାଇଥିବା ସୁଚନା ମିଳିଛି । ମିଳିଥିବା ସୁଚନା ଅନୁସାରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ଓ ଏଏସଆଇ ସାହା ଆଲାମ ଖାନ ଛାମୁଣ୍ଡିଆ ରାସ୍ତାରେ ପେଟ୍ରୋଲିଂ କରୁଥିବା ବେଳେ ଦଶିପୁର ତୋଟା ନିକଟରୁ କି୧୩.୫୦୦ଗ୍ରାମ ଗଂଜେଇ ସହିତ ଜଣକୁ ଗିରଫ କରିଛନ୍ତି । ଗିରଫ ହୋଇଥିବା ବ୍ୟକ୍ତି ହେଲେ କଟକ ଜିଲା ନରସିଂହପୁର ଥାନା ଅର୍ନ୍ତଗତ ଲେମ୍ବୁଓ ଗ୍ରାମର ସୁଧାକର ସାହୁ(୬୦) । ସେ ଓଡି ୦୨ କେ ୫୩୩୧ ନମ୍ବର ବିଶିଷ୍ଟ ବାଇକରେ ଗୋଟିଏ ଜରିବସ୍ତାରେ ଗଂଜେଇ ଧରି ଆସୁଥିବା ବେଳେ ଥାନା ଅଧିକାରୀ ତାକୁ ଅଟକାଇ ଗଂଜେଇ ସହିତ ବାଇକଟିକୁ ଜବତ କରି ଥାନାକୁ ଆଣିଥିଲେ । ସୁଧାକର ଗଂଜେଇ ଫୁଲବାଣୀରୁ ଆଣି ନରସିଂହପୁର ଯାଉଥିବା କହିଥିଲେ । ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ଗୋଛି ଉପସ୍ଥିତ ଥିଲେ । ଆସନ୍ତା କାଲି ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁଚନା ଦେଇଛନ୍ତି ।

# ନୂତନ ନିଯୁକ୍ତ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇଙ୍କୁ କଂଗ୍ରେସ ଭବନରେ ଭବ୍ୟ ସ୍ୱାଗତ




ଭୁବନେଶ୍ୱର ,(ସବ୍ୟୁ): ବୁଧବାରଦିନି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂତନ ପିସିସି ପ୍ରଭାରୀ ଭାବରେ ସ୍ୱାଗତ କରାଯାଇଛି । କଂଗ୍ରେସ ଭବନଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ସମସ୍ତ ବରିଷ୍ଠ ନେତୃବୃନ୍ଦ, ମହିଳା,ଯୁବ ଓ ଛାତ୍ର ନେତୃବୃନ୍ଦଙ୍କୁ ସମ୍ବୋଧିତ କରି ନୂତନ ପ୍ରଭାରୀ ଶ୍ରୀ ଦେଶାଇ କହିଲେ, ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ନିଜେ ଶୃଙ୍ଖଳିତ ରହିଲେ ଦଳ ଆପେ ଶୃଙ୍ଖଳିତ ଓ ଶକ୍ତିଶାଳୀ ହୋଇଯିବ । ଏବଂ ଶ୍ରୀ ଦେଶାଇ କହିଲେ ଯେ, ମୁଁ ନିଜେ ଶୃଙ୍ଖଳିତ ରହିବି ଏବଂ ଆଶା କରିବି ଯେ ଦଳର ବରିଷ୍ଠ ନେତୃଗଣ ମଧ୍ୟ ଶୃଙ୍ଖଳିତ ରହିବେ । ପିସିସି ସଭାପତି ଭକ୍ତ ଚରଣ ଦାସ ଶ୍ରୀ ଦେଶାଇଙ୍କୁ ସ୍ୱାଗତ କରି କହିଲେ ଯେ, ରାଜ୍ୟରେ ଦଳ ନୂତନ ଉତ୍ସାହ ଓ ଶକ୍ତିର ସହ ଆଗକୁ ବଢୁଥିବାବେଳେ ମାନନୀୟ ରାହୁଲ ଗାନ୍ଧୀଙ୍କ ପରାମର୍ଶ କ୍ରମେ ଜଣେ ତୃଣମୂଳ ସ୍ତରରୁ ଆଗକୁ ଆସିଥିବା ଜଣେ ପରିଶ୍ରମୀ ନେତାଙ୍କୁ ଓଡିଶା ପ୍ରଭାରୀ ରୂପେ ନିଯୁକ୍ତ କରିବା ଦଳ ପାଇଁ ଅନେକ ଆଶା ଓ ବିଶ୍ୱାସ ସୃଷ୍ଟି କରିଛି ।ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ନେତୃବୃନ୍ଦଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, କଂଗ୍ରେସ ଦଳ ବିଧାୟକ ନେତା ରାମଚନ୍ଦ୍ର କାଡମ, ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ବାଚସ୍ପତି କିଶୋର ପଟେଲ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଉପସଭାପତି ସନ୍ତୋଷ ସିଂ ସାଲୁଜା, ଡଃ ଲଲାଟେନ୍ଦୁ ମହାପାତ୍ର, ସସ୍ମିତା ବେହେରା, ବିଧାୟକ ତାରାପ୍ରସାଦ ବାହିନୀପତି, ଜାତୀୟ ମହିଳା କଂଗ୍ରେସ ସମ୍ପାଦିକା ରୀତା ପଣ୍ଡା, ପିସିସି କୋଷାଧକ୍ଷ ସିଦ୍ଧାର୍ଥ ଦାଶ, ବିଧାୟକ ମଙ୍ଗୁ ଖିଲ, ପବିତ୍ର ସାଉଁତା, ନୀଳମାଧ ହିକକା, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯୁବନେତାୟାଶୀର ନାଓ୍ୱାଜ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, କିଷାନ କଂଗ୍ରେସ ଅଧକ୍ଷ ଅଭୟ ସାହୁ, ଶିବାନନ୍ଦ ରାୟ, ଗଣମାଧମ ଅଧକ୍ଷ ଅରବିନ୍ଦ ଦାସ, ସାମାଜିକ ଗଣମାଧମ ଅଧକ୍ଷ ବିଶ୍ୱଜିତ ମହାନ୍ତି, ସହ ଅଧକ୍ଷ ସନ୍ତୋଷ ପ୍ରଧାନ, ସୁଦର୍ଶନ ଦାସ, ସୁଧାଂଶୁ ଦେଓ, ସୋନାଲି ସାହୁ ପ୍ରମୁଖ ଶ୍ରୀ ଦେଶାଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ବାଗଦେବୀ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ



ବାଲିପାଟଣା,(ସବ୍ୟୁ) : ବାଲିପାଟଣା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଗଦେବୀ ବିଦ୍ୟାମନ୍ଦିରର ୩୪ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏହି ଅନୁଷ୍ଠାନ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା, ନୈତିକ ମୂଲ୍ୟବୋଧ ଓ ସାଂସ୍କୃତିକ ପରମ୍ପରାର ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଆସୁଛି ।ପ୍ରତିଷ୍ଠା ଦିବସ ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ କୁନି କୁନି ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ଦେଶାତ୍ମବୋଧକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଅତିଥି ଓ ଅଭିଭାବକଙ୍କୁ ମୁଗ୍ଧ କରିଥିଲେ । ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନ ସହ ଶିକ୍ଷା, ଶୃଙ୍ଖଳା ଓ ସଂସ୍କାରର ସମନ୍ୱୟ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ।ଅନୁଷ୍ଠିତ ସଭାରେ ସଭାପତି ଦିଲ୍ଲୀପ କୁମାର ଓଝା, ସମ୍ପାଦକ ଅଭିମନ୍ୟୁ ନାୟକ, ଅଧକ୍ଷା ପବିତ୍ରା ଦାସ ଓ ନିର୍ଦ୍ଦେଶକ ଗଙ୍ଗାଧର ଓଝା ଉପସ୍ଥିତ ରହି ବିଦ୍ୟାଳୟର ଶିକ୍ଷାଗତ ଅଗ୍ରଗତି ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢିବା ସହିତ ଜଣେ ଜଣେ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ଅଧ୍ୟବସାୟ ଓ ଉତ୍ତମ ଚରିତ୍ର ଗଠନ ମାଧ୍ୟମରେ ସମାଜ ଓ ଦେଶ ପାଇଁ ଆଦର୍ଶ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଛଅ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



କଣାସ,(ସବ୍ୟୁ): :ପୁରୀ ଜିଲ୍ଲା କଣାସ ବ୍ଲକ ଅଣ୍ଡାରସିଂହ ପଞ୍ଚାୟତ ରୁଢୁପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁବାସିନୀ ନାୟକ, ନାନକେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗାନ୍ଧୀ ପରିଡା, ଶ୍ରୀମୁକୁନ୍ଦପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମନ୍ତରାୟ, ଗଡ଼ସାନପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରସିଂହ ଗୁମନସିଂହ, କବରେଶର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମହାପାତ୍ର, ଯୋଡ଼ାପଦର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁକାନ୍ତି ଦେଇଙ୍କୁ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏହା ସହିତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶେଷ କାର୍ଯ୍ୟ ଦିବସରେ ଏକ କାଳୀନ ପୂର୍ଣ୍ଣାଙ୍ଗ ପେନସନ, ଅବ୍ୟବହୃତ ଛୁଟି,ଅନ୍ତିମ ଗ୍ରୁପ ବିମାର ମଞ୍ଜୁରୀ ଆଦେଶ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା,ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ,ଗୋବର୍ଦ୍ଧନ ବେହେରା,ପ୍ରଫୁଲ୍ଲ କୁମାର ବେହେରା,ଶିକ୍ଷକ ନେତା ପ୍ରହଲ୍ଲାଦ ମାନସିଂହ,କିରାଣୀ ଜିତେନ୍ଦ୍ର ପ୍ରଧାନ,କ୍ଷିତିସ ଚନ୍ଦ୍ର ପାଲ, ମାନସ କୁମାର ବିଶ୍ୱାଳ,ରଶ୍ମି ରଞ୍ଜନ ଦାସ, ସିଆରସିସି ଭୂପତି ଭୂଷଣ ତ୍ରିପାଠୀ,ମମତା ସାହୁ,ପୂର୍ଣ୍ଣଚନ୍ଦ୍ର ଦାସ ଓ ଶ୍ରୀନିବାସ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ ।

## ଚନ୍ଦ୍ରଭାଗାରେ ସଂଘବଦ୍ଧ ଆକ୍ରମଣ: ୨ ଭାଇ ଗୁରୁତର

# ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

କୋଣାର୍କ ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୪କିମି ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ଗତ ୨୬ ତାରିଖ ଶୁକ୍ରବାର ୧୫ଜଣ ଅଜଣା ବ୍ୟକ୍ତି ମାନଙ୍କ ସଂଘବଦ୍ଧ ଆକ୍ରମଣରେ କୋଣାର୍କ ଥାନା ଅଧିନସ୍ଥ ଧନିତ୍ରୀ ଗ୍ରାମର ଦୁଇ ଭାଇ ଗୁରୁତର ଭାବେ ଆହତ ହୋଇ ଚିକିତ୍ସା ହେଉଥିବା ବେଳେ ଘଟଣାକୁ ୭୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ କୋଣାର୍କ ପୋଲିସ ବିଫଳ ହୋଇଥିଲା ବେଳେ ଆକ୍ରମଣରେ ଆହତ ରଶ୍ମିରଞ୍ଜନ ବେହୁରାଙ୍କ ସାନ ଭାଇ କମଳ ଲୋଚନ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ସଂକଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଖବରରୁ ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ ଧନିତ୍ରୀ ଗ୍ରାମର ରଶ୍ମିରଞ୍ଜନ ବେହୁରା ଓ ସାନ ଭାଇ କମଳ ଲୋଚନ ବେହୁରା ଙ୍କ ସମେତ ୬ଜଣ ରାମଚଣ୍ଡୀ ଥାନା ଅଧିନସ୍ଥ ବରପଦା ଗ୍ରାମର ନିଜ ପିଉସୀ ପୁଅ ବିବାହ ଭୋଜି ଖାଇ ଗତ ଶୁକ୍ରବାର ରାତିରେ କିଛି ସମୟ ପାଇଁ ପାଣି ପିଇବା ପାଇଁ ଓହ୍ଲାଇ ଥିଲେ । ଏହି ସମୟରେ ଦୁଇଟି ଗାଡିରେ ଚନ୍ଦ୍ରଭାଗା ଆସିଥିବା ୧୫ଜଣ ଅଜଣା ଯୁବକ ଅଚାନକ ରଶ୍ମିରଂଜନ ଓ ସାନ ଭାଇ କମଳ ଲୋଚନକୁ ଲୁହା ରଡରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଏହି ଘଟଣାରେ ରଶ୍ମିରଞ୍ଜନ ଆହତ ହୋଇଥିବା ବେଳେ ସାନ ଭାଇ କମଳ ଲୋଚନ ବେହୁରା ସଂକଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏମ୍ସ ଠାରେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ଜଣାପଡ଼ିଛି । ଏହି ସମ୍ବେଦନଶୀଳ ଘଟଣାକୁ ୭୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୋଣାର୍କ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଥିବା ବେଳେ ଆକ୍ରମଣକାରୀ ଅଜଣା ଯୁବକ ମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ । ଏଠାରେ ପ୍ରକାଶ ଥାଉ କି ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କ ସୁରକ୍ଷା ପାଇଁ ଲଗାଯାଇଥିବା ସିସିଟିଭି କ୍ୟାମେରା ଅଚଳ ହୋଇ ପଡିଥିଲା ବେଳେ ରାତ୍ରିକାଳୀନ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା ନ ଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବି ଓ ଜନସାଧାରଣ ମାନଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସୂଚନା ଯୋଗ୍ୟ ଯେ ଚନ୍ଦ୍ରଭାଗା ବଜାର ଠାରେ ସାମୁଦ୍ରିକ ଥାନା ଥିବା ବେଳେ ଥାନା ଠାରୁ ୧୦୦ ମିଟର ଦୂରରେ ଏଭଳି ଅସାମାଜିକ ଓ ବର୍ବରତା ପୂର୍ଣ୍ଣ ଘଟଣା ଘଟିବା ପୋଲିସର ଅପାରଗତା ଓ ନିଷ୍କ୍ରିୟତା ମନୋଭାବ ଯୋଗୁଁ ଦିନ କୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଏହି ସମ୍ବେଦନଶୀଳ ଘଟଣା ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି ସଂଘବଦ୍ଧ ଆକ୍ରମଣ କାରୀ ଅଜଣା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଧନିତ୍ରୀ ଗ୍ରାମର ଗ୍ରାମବାସୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି ।

# ହୃଦଘାତରେ ପରଲୋକ



ଟାଙ୍ଗୀ,(ସବ୍ୟୁ):ଟାଙ୍ଗୀ ଗୋବିନ୍ଦପୁର ସାହିର ସ୍ୱର୍ଗତ ଚନ୍ଦ୍ରମଣି ମିଶ୍ରଙ୍କ ପୁତ୍ର ପ୍ରଫୁଲ୍ଲ ଓରଫ କୁନା(୫୮)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପୁରୀ ଠାରେ ହୃଦଘାତରେ ପରଲୋକ ଘଟିଛି । ବୁଧବାର ଅପରାହ୍ନ ରେ ତାଙ୍କୁ ଟାଙ୍ଗୀ ଜନ୍ମମାଟିକୁ ଆଣିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ସେ ଜଣେ ସରଳ,ମିଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ସାଙ୍ଗସାଥୀ,ଆତ୍ମିୟସ୍ୱଜନ,ବୁଦ୍ଧିଜିବୀ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗ ଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ପାଇଁ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି।

## ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


କଣାସ,(ସବ୍ୟୁ): : ସାରା ରାଜ୍ୟରେ ଏମ୍ବିବିଏସ ଡାକ୍ତରଙ୍କ ୧୦ ଦଫା ଦାବି ପୂରଣ ନେଇ ଓଡ଼ିଶା ଚିକିତ୍ସା ସେବା ସଂଘ (ଓଏମଏସଏ) ସମେତ ଅନ୍ୟାନ୍ୟ ଚିକିତ୍ସା ସଂଗଠନ ପକ୍ଷରୁ ଜାତୀୟ ଡାକ୍ତର ଦିବସରୁ ରାଜ୍ୟରେ ଏମ୍ବିବିଏସ ଡାକ୍ତରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି ।ଏହିଫଳରେ କଣାସ ବ୍ଲକର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପାଞ୍ଚଟି ପ୍ରାଥମିକ ସାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି ।କଣାସ ଅଞ୍ଚଳ ଚିଲିକା ନିକଟବର୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ବିଭିନ୍ନ ସମୟରେ ରୋଗୀମାନେ ଡାକ୍ତରଖନା ଆସୁଥିବା ବେଳେ ଡ଼ାକ୍ତର ନଥିବାରୁ ଯୋଗୁଁ ରୋଗୀମାନେ ନିରାଶା ହୋଇ ଘରକୁ ଫେରୁଛନ୍ତି । ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, କାରଣ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଧାରଣ ଓପିଡି ସେବା ବନ୍ଦ ରହିଛି ।

# ସରସ୍ୱତୀ ଶିକ୍ଷା ମନ୍ଦିରପ୍ରତିଷ୍ଠା ଦିବସ



ବାଲିଅନ୍ତା,(ସବ୍ୟୁ): ନହରକଣ୍ଠ ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ୨୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପଣ୍ଡିତ ଗୋକୁଳ ଚରଣ ରଥ କଳସ ସ୍ଥାପନ ପୂର୍ବକ ପୂଜା ଅର୍ଚ୍ଚନା କରି ହୋମ ଆରମ୍ଭ କରିଥିଲେ । ଏହାପରେ ୧୦୮ ହନୁମାନ ଚାଳିଶା ପାଠ କରା ଯାଇଥିଲା ଏବଂ ହୋମରେ ୧୦୮ ଥର ହନୁମାନଜୀଙ୍କୁ ଆହୁତି ଦିଆ ଯାଇ ହୋମ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତା ଓ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ , ସଂଘମିତ୍ରା ଖୁଣ୍ଟିଆଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନା କରାଯାଇଥିଲା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରମା ଉପସ୍ଥିତ ଥିଲେ ।

# ବିମଳଚରଣ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



କଣ୍ଟାପଡ଼ା,(ସବ୍ୟୁ) : ଭାରତୀୟ ଡାକ ବିଭାଗର ଅବସରପ୍ରାପ୍ତ ଅଧିକାରୀ ତଥା ଶତାୟୁ ପୁରୁଷ ବିମଳଚରଣ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ନିମାଇଁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗ୍ରାମଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବାବନଚରଣ ମହାନ୍ତି, ରାମପ୍ରସାଦ ମହାନ୍ତି, ଜୋତିଷକୁମାର ମହାନ୍ତି, ହରିପ୍ରସାଦ ମହାନ୍ତି, ବିଭୁପ୍ରସାଦ ମହାନ୍ତି, ଶତସ୍ନେହା ମହାନ୍ତି, ମଧୁସୂଦନ ମହାନ୍ତି, କୃଷ୍ଣପ୍ରସାଦ ମହାନ୍ତି, ଅଭୟଚରଣ ମହାନ୍ତି, ଅମ୍ବିକାଚରଣ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଏହି ଅବସରରେ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇଥିଲା । ନିବେଦିତା ମହାନ୍ତି, ସ୍ୱାଗତା ମହାନ୍ତି, ଅନୁପମ ମହାନ୍ତି ଓ ଜାନକୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନୂଆ ଜଗନ୍ନାଥ ସଡ଼କ ନିରାକାରପୁର ରେଳ ଫାଟକରେ ଅସମ୍ଭବ ଭିଡ଼

ନିରାକାରପୁର,(ସବ୍ୟୁ)::ପବିତ୍ର ସ୍ନାନପୂର୍ଣ୍ଣିମା ତିଥିଠାରୁ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଚଳଚଞ୍ଚଳତା ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପୁରୀ-ନୟାଗଡ଼ ନୂଆ ଜଗନ୍ନାଥ ସଡ଼କ ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ନିରାକାରପୁର ବାଟେ ପୁରୀକୁ ଯାତାୟାତ କରୁଛନ୍ତି । ଫଳରେ ନିରାକାରପୁରଠାରେ ଥିବା ରେଳ ଫାଟକ (ଲେଭଲ କ୍ରସିଂ) ନିକଟରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଉଛି । ବାରମ୍ବାର ଫାଟକ ପଡୁଥିବାରୁ ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି ।ଗତକାଲି ସ୍ନାନପୂର୍ଣ୍ଣିମା ଉପଲକ୍ଷେ ଏହି ମାର୍ଗରେ ପ୍ରବଳ ଗାଡ଼ିମୋଟରର ଚଳାଚଳ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ରେଳବାଇ ପୋଲିସ ପକ୍ଷରୁ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଥିଲା । ରେଳବାଇ ପୋଲିସ ତରଫରୁ ସକାଳୁ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଠାରେ ସ୍ୱତନ୍ତ୍ର ଦାୟିତ୍ୱ ନିଆଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା, ଯାହା ଫଳରେ ଯାତ୍ରୀମାନେ ଶୃଙ୍ଖଳିତ ଭାବେ ଯାତାୟାତ କରିପାରିଥିଲେ ।ତେବେ ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆସୁଥିବାରୁ ଏବଂ ମହାପ୍ରଭୁଙ୍କ ଅଣସର ସମୟରେ ଅଲାରନାଥ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବ୍ରହ୍ମଗିରି ଯାଉଥିବାରୁ ଏହି ରାସ୍ତାରେ ଆଗାମୀ ଦିନରେ ଭିଡ଼ ଆହୁରି ଅନେକ ଗୁଣ ବଢ଼ିବାର ସମ୍ଭାବନା ରହିଛି । ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଏସୟୁସିଆଇ (କମ୍ୟୁନିଷ୍ଟ) ର ବିକ୍ଷୋଭ

ଡେଲାଙ୍ଗ, (ସବ୍ୟୁ) :ବିକୃତ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକ ପ୍ରତ୍ୟାହାର,ଚଳିତ ବର୍ଷ ପୁରୁଣା ବହିରେ ପାଠପଢ଼ାଇବା,ଅବୈଜ୍ଞାନିକ ଭାଷା ଶିକ୍ଷା ନୀତିକୁ ପ୍ରତ୍ୟାହାର ଆଦି ଦାବି ନେଇ ମଙ୍ଗଳବାର ଦିନ ଏସ,ୟୁ,ସି,ଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ କରାଯାଇଛି । ଏହି ପ୍ରତିବାଦ ଦିବସ ଉପଲକ୍ଷେ ପାର୍ଟି ତରଫରୁ ଡେଲାଙ୍ଗ ଷ୍ଟେସନ ବଜାର ରେ ଏକ ପ୍ରତିବାଦ ବିକ୍ଷୋଭ ହୋଇଯାଇଛି । ବିକ୍ଷୋଭ ପୂର୍ବରୁ ଜିଲ୍ଲା ସମ୍ପାଦକ କମରେଡ ସୁବାସ ବରାଳଙ୍କ ନେତୃତ୍ୱରେ ପଦ୍ମଚରଣ ଜେନା,ବଟକୃଷ୍ଣ ସ୍ୱାଇଁ ଓ ବିଷ୍ଣୁ ପ୍ରସାଦ ସ୍ୱାଇଁଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଡେଲାଙ୍ଗ ତହସିଲ ଦାରଙ୍କୁ ଭେଟି ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ବିକ୍ଷୋଭରେ ବାକ୍ତବ୍ୟ ରଖି ପ୍ରତିନିଧି ମଣ୍ଡଳୀ ରାଜ୍ୟରେ ଦେଖା ଦେଇଥିବା ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା ଓ ଆଗାମୀ ଦିନରେ ପାଠପଢ଼ା ପିଲାଙ୍କର ଭବିଷ୍ୟତ କିଭଳି ଅନ୍ଧକାର ହେବାକୁ ଯାଉଛି,ସେ ବିଷୟ ରେ ଆଲୋକପାତ କରିଛନ୍ତି ।

## ସମ୍ପାଦକୀୟ

# ଟ୍ରମ୍ପଙ୍କ ଆଦେଶ ସର୍ବୋଚ୍ଚ ଅଦାଲତରେ ନାକଚ

ଯୁକ୍ତରାଷ୍ଟ୍ର ଆମେରିକାର ସର୍ବୋଚ୍ଚ ଅଦାଲତ ଗତ ତା ୩୦/୦୬/୨୦୨୬ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନିକ ଆଦେଶକୁ ନାକଚ କରି ଦେଇଛନ୍ତି । ଯେଉଁ ନାଗରିକମାନେ ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ ଭାବେ କିମ୍ବା ଅଳ୍ପ କାଳ ଲାଗି ରହିଛନ୍ତି, ସେମାନଙ୍କର ନବଜାତ ଶିଶୁମାନେ ଆମେରିକାର ନାଗରିକତ୍ୱ ପାଇବେ ନାହିଁ ବୋଲି ରାଷ୍ଟ୍ରପତି ଟ୍ରମ୍ପ ଏକ ପ୍ରଶାସନିକ ଆଦେଶ ଜାରି କରିଥିଲେ ।

ଆମେରିକା ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ଜନ୍ ରୋବର୍ଟସ୍ ଓ ଚାରିଜଣ ମହିଳା ବିଚାରପତିଙ୍କୁ ନେଇ ଗଠିତ ବେଞ୍ଚ ସେମାନଙ୍କ ରାୟରେ ଦର୍ଶାଇଛନ୍ତି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ଜନ୍ମିତ ଶିଶୁମାନଙ୍କର ଜନ୍ମଗତ ଅଧିକାର ବଳରେ ସେମାନେ ଆମେରିକାର ବାସିନ୍ଦା ହୋଇ ପାରିବେ । ସର୍ବୋଚ୍ଚ ଅଦାଲତର ବିଚାରପତିମାନଙ୍କ ବହୁ ମତକୁ ଉଦ୍ଧାର କରି କହିଛନ୍ତି ଯେ ଆମେରିକୀୟ ସଂବିଧାନର ଚଉଦତମ ସଂଶୋଧନ ଅନୁଯାୟୀ ସେମାନେ ଆମେରିକାର ବାସିନ୍ଦା ହୋଇ ପାରିବେ ।

**ଆମେରିକା ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ଜନ୍ ରୋବର୍ଟସ୍ ଓ ଚାରିଜଣ ମହିଳା ବିଚାରପତିଙ୍କୁ ନେଇ ଗଠିତ ବେଞ୍ଚ ସେମାନଙ୍କ ରାୟରେ ଦର୍ଶାଇଛନ୍ତି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ଜନ୍ମିତ ଶିଶୁମାନଙ୍କର ଜନ୍ମଗତ ଅଧିକାର ବଳରେ ସେମାନେ ଆମେରିକାର ବାସିନ୍ଦା ହୋଇ ପାରିବେ । ସର୍ବୋଚ୍ଚ ଅଦାଲତର ବିଚାରପତିମାନଙ୍କ ବହୁ ମତକୁ ଉଦ୍ଧାର କରି କହିଛନ୍ତି ଯେ ଆମେରିକୀୟ ସଂବିଧାନର ଚଉଦତମ ସଂଶୋଧନ ଅନୁଯାୟୀ ସେମାନେ ଆମେରିକାର ବାସିନ୍ଦା ହୋଇ ପାରିବେ ।**

ଉଲ୍ଲେଖନୀୟ ଯେ ଯେଉଁ ଦିନ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଦିନର ଅଫିସ ଆରମ୍ଭ କରିଥିଲେ, ସେହିଦିନ ସେ ଏକ ପ୍ରଶାସନିକ ଆଦେଶଦ୍ୱାରା ଆମେରିକାରେ ବେଆଇନ ଭାବେ କିମ୍ବା ଅସ୍ଥାୟୀ ଭାବେ ନାଗରିକତା ଗ୍ରହଣ କରିଥିବା ଅନ୍ୟ ଦେଶର ବାପା ଓ ମା'ମାନଙ୍କର ପିଲାମାନେ ଆମେରିକାରେ ଜନ୍ମ ହୋଇଥିଲେ ମଧ୍ୟ ସେମାନଙ୍କୁ ନାଗରିକତା ମିଳି ପାରିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ । ଆମେରିକା ସର୍ବୋଚ୍ଚ ଅଦାଲତର ଆସିଥିବା ରାୟ ଯୋଗୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କର ପ୍ରଶାସନିକ ଆଦେଶଟି ରଦ୍ଦ ହୋଇ ଯାଇଥିଲା । ରାଷ୍ଟ୍ରପତି ଟ୍ରମ୍ପ ଏହି ଆଦେଶଟି ବିରୋଧରେ ଆମେରିକାର ଅନେକ ରାଷ୍ଟ୍ର, ବିଦେଶୀ ନାଗରିକ ଅନୁଷ୍ଠାନ ଓ କେତେକ କ୍ଷତିଗ୍ରସ୍ତ ପରିବାରଙ୍କ ପକ୍ଷରୁ ନିମ୍ନ ଅଦାଲତମାନଙ୍କରେ ସେହି ଆଦେଶକୁ ଚାଲେଞ୍ଜ କରାଯାଇଥିଲା । ଶେଷରେ ସେହି ଆବେଦନ ସର୍ବୋଚ୍ଚ ଅଦାଲତରେ ପହଞ୍ଚିଥିଲା ।

ଆମେରିକାର ସର୍ବୋଚ୍ଚ ଅଦାଲତର ଏହି ରାୟ ଫଳରେ ଅନେକ ପ୍ରବାସୀ ଆମେରିକୀୟଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିବ । ଆମେରିକାର ସର୍ବୋଚ୍ଚ ଅଦାଲତର ଏହି ରାୟକୁ ସ୍ୱାଗତ ମଧ୍ୟ କରା ଯାଇଥିବ ।

ଜଣାଯାଇଛି ଯେ କେବଳ ଆମେରିକା ନୁହେଁ, ଏହିପରି ଆମେରିକାରେ ଥିବା ରାଷ୍ଟ୍ରମାନଙ୍କ ସମେତ ୩୦ ଗୋଟି ରାଷ୍ଟ୍ରରେ ଏହି ଜନ୍ମଗତ ନାଗରିକତା ଚଳି ଆସୁଥିଲା । ୧୮୬୮ ମସିହାରୁ ଆମେରିକାରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଆମେରିକାର ନାଗରିକ ହେବାର ବ୍ୟବସ୍ଥା ଥିଲା । ଏହି ଆଇନରେ ୧୪ତମ ସଂଶୋଧନ ହୋଇ ଗୃହଯୁଦ୍ଧ ପରେ ବଦଳି ଯାଇଥିଲା । କେତେକ ଅଞ୍ଚଳରେ ପୂର୍ବତନ କ୍ରୀତଦାସମାନଙ୍କୁ ନାଗରିକତାର ମର୍ଯ୍ୟାଦା ମଧ୍ୟ ମିଳି ପାରିଥିଲା ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ରାଜନେତାମାନଙ୍କ ଆତ୍ମଚରିତର ପ୍ରଭାବ



ଗୁରୁକଲ୍ୟାଣ ମହାପାତ୍ର

ଆମ ଓଡ଼ିଆ ଭାଷାରେ 'ଆତ୍ମଚରିତ' ବା 'ଆତ୍ମଜୀବନୀ' ବୋଲି ଯାହା କୁହାଯାଉଛି, ଇଂରାଜୀ ଭାଷାରେ ସେ ସବୁ Autobiography ଭାବେ ପରିଚିତ । ଆମ ଭାଷାରେ ଏବେ ଅନେକ ଗୁଡ଼ିଏ 'ଆତ୍ମଚରିତ' ପ୍ରକାଶିତ ହେଲାଣି– କେବଳ ରାଜନେତାମାନଙ୍କର ନୁହେଁ, ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କର । ମାତ୍ର ଓଡ଼ିଆରେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ଆତ୍ମଚରିତକୁ କେହି ଟପି ଯାଇଥିବା ପରି ମନେ ହୁଏ ନାହିଁ । ଏହା ବେଶ ଆଦୃତ । ଫକୀରମୋହନ ନିଜେ ରାଜନେତା ବା ରାଜନୀତିଜ୍ଞ ନଥିଲେ ସତ, କିନ୍ତୁ ରାଜାମାନଙ୍କ ଅଧୀନରେ ରାଜକାର୍ଯ୍ୟ କରି ସେ ସଫଳତା ହାସଲ କରିଥିଲେ ଓ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ସେ ତେଣୁ ସମ୍ରାଟ ହୋଇ ପାରିଥିଲେ ।

ଓଡ଼ିଆରେ ଯେଉଁ ରାଜନୀତିଜ୍ଞ ବା ରାଜନେତାମାନେ ଆପଣାର ଅନୁଭୂତି ଆଧାରରେ ଆତ୍ମଚରିତ ରଚନା କରିଛନ୍ତି, ଓଡ଼ିଆ ପାଠକମାନଙ୍କୁ ସେ ସବୁ ଆକୃଷ୍ଟ କରି ଆସିଛି । ଅଥଚ ଯେଉଁ ରାଜନେତା ବା ରାଜନୀତିଜ୍ଞମାନେ ଆତ୍ମଚରିତ ଲେଖି ପାରି ନାହାନ୍ତି, ସେମାନଙ୍କ ଘଟଣାବହୁଳ ଜୀବନ ଆଧାରରେ ଯେଉଁ ଜୀବନୀ ବା Biography ସବୁ ଲେଖାଯାଇଛି, ସେଗୁଡ଼ିକ ମଧ୍ୟ ଓଡ଼ିଆ ପାଠକମାନଙ୍କୁ ଊଣାଧିକେ ଆକୃଷ୍ଟ କରି ପାରିଛି । ତୁଳନା କରି ଦେଖିବାକୁ ଗଲେ, ସମଗ୍ର ବିଶ୍ୱରେ ଗାନ୍ଧିଜୀଙ୍କ ରଚିତ ଆତ୍ମଚରିତ ଯାହା ଇଂରାଜୀ ଭାଷାରେ ' My Experiment with Truth '(ମୋ' ସତ୍ୟର ପ୍ରୟୋଗ) ତାହା ସମ୍ଭବତଃ ସର୍ବାଧିକ ପ୍ରସାରିତ ଓ ଆଦୃତ ଆତ୍ମଚରିତ ।

ଗାନ୍ଧିଜୀଙ୍କ ପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଆତ୍ମଚରିତ ମଧ୍ୟ ଏକଦା ଲୋକପ୍ରିୟତା ଅର୍ଜନ କରିଥିଲା । 'ଜୟ କୋ ପବ୍ଲିସିଂ ହାଉସ୍' ଓ 'ପେଙ୍ଗୁଇନ ଇଣ୍ଡିଆ' ସଂସ୍ଥା ମଧ୍ୟ ଏହାକୁ ପ୍ରକାଶ କରିଥିଲେ । ଭାରତର ଜଣେ ପ୍ରତିଷ୍ଠିତ ଐତିହାସିକ ଓ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସ୍ୱର୍ଗୀୟ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ସୁପୁତ୍ର ସର୍ବପଲ୍ଲୀ ଗୋପାଳ (ଏବେ ସ୍ୱର୍ଗରେ) କିନ୍ତୁ ତିନୋଟି ଭାଗରେ ନେହରୁଙ୍କ ଯେଉଁ ଜୀବନ ଚରିତ (Biography ) ରଚନା କରିଛନ୍ତି, ତାହା Jawaharlal Nehru : A Biography ଭାବେ ଇଂରାଜୀ ଭାଷାରେ ପ୍ରକାଶିତ ହୋଇ ଖୁବ୍ ଆଦୃତ ହୋଇଛି । ୧୯୭୬ରେ ଏହି ପୁସ୍ତକ ରଚନା ପାଇଁ ସେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଅବଶ୍ୟ ଏବେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାରର କୌଣସି ପ୍ରଭାବ ଥିବା ପରି ମନେ ହୁଏ ନାହିଁ । ତାହାର କାରଣ ତ୍ରୁଟିପୂର୍ଣ୍ଣ ଚୟନ ପଦ୍ଧତି ଓ ପୁରସ୍କାର ପାଇଁ ନୀତିହୀନ ପ୍ରତିଯୋଗିତା ।

ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ମଧ୍ୟ ଇଂରାଜୀ ଭାଷାରେ My Truth (ମୋ ସତକଥା) ରଚନା କରିଥିଲେ ଯାହା ୧୯୮୦ ମସିହାରେ ପ୍ରକାଶ ପାଇଥିଲା । ମାତ୍ର ପିତା ନେହରୁଙ୍କ ଆତ୍ମଚରିତ ପରି ତାହା ପାଠକମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇ ପାରି ନଥିଲା । ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କର ମଧ୍ୟ ଇଂରାଜୀ ଭାଷାରେ 'My Story of My Life ' (ମୋ ଜୀବନର କାହାଣୀ) ପ୍ରକାଶ ପାଇଥିଲା । ସ୍ୱର୍ଗୀୟ ଡାକ୍ତର ଜର୍ଜ ପଟ୍ଟନାୟକ (ବିଜୁ ପଟ୍ଟନାୟକଙ୍କ ବଡ଼ ଭାଇ)ଙ୍କ ନିକଟକୁ ଏକ ସାକ୍ଷାତକାର ପାଇଁ ଯାଇଥିଲା ବେଳେ ସେ ଏହି ଆତ୍ମଚରିତର ପ୍ରଶଂସା କରି ତାକୁ ପଢ଼ିବାକୁ ଏ ଲେଖକକୁ ପରାମର୍ଶ ଦେଇଥିଲେ । କଟକର ଦନ୍ତ ଚିକିତ୍ସକ ଡାକ୍ତର ରବିରଞ୍ଜନ ସାହୁ ତାହାର ସାକ୍ଷୀ ।

ସ୍ୱର୍ଗୀୟ ରାଜୀବ ଗାନ୍ଧିଙ୍କ ନିଧନ ପରେ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ଭାରତର ଜଣେ ବିଦ୍ୱାନ ପି.ଭି. ନରସିଂହ ରାଓ ମଧ୍ୟ ଇଂରାଜୀ ଭାଷାରେ ୮୩୩ ପୃଷ୍ଠା ବିଶିଷ୍ଟ ଏକ ଆତ୍ମଚରିତ The Insider (ଭିତରର ବ୍ୟକ୍ତି) ପ୍ରକାଶ କରିଥିଲେ । ଏହା ସେ ସମୟରେ ଖୁବ୍ ପ୍ରଭାବ ପକାଇଥିଲା । ଏହି ଆତ୍ମଚରିତର ବୈଶିଷ୍ଟ୍ୟ ଏହି ଯେ ସ୍ୱର୍ଗୀୟ ରାଓ ଏଥିରେ ନିଜ କଥାକୁ 'ଆନନ୍ଦ' ନାମକ ଏକ ଚରିତ୍ର ଜରିଆରେ ବର୍ଣ୍ଣନା କରିଛନ୍ତି ଏକ ଭିନ୍ନ ଢଙ୍ଗରେ । ଏହାର ଜନପ୍ରିୟତା ମଧ୍ୟ କିଛି କମ୍ ନଥିଲା ।

**ଏବେ ଆମ ଓଡ଼ିଆ ଭାଷାରେ ବିଭିନ୍ନ ରାଜନୀତିଜ୍ଞ ବା ରାଜନେତାମାନଙ୍କ ଆଡ଼କୁ ଆସିବା । ହରେକୃଷ୍ଣ ମହତାବଙ୍କ 'ସାଧନାର ପଥେ' ଓ 'ଆରବ ସାଗରରୁ ଚିଲିକା' ଏହି ଆତ୍ମଚରିତ ଦୁଇଟି ବେଶ ଲୋକପ୍ରିୟ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ 'ଆତ୍ମଜୀବନୀ', ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ', ନିତ୍ୟାନନ୍ଦ ମହାପାତ୍ରଙ୍କ ଅସମାପ୍ତ ରଚନା 'ମୁଁ ଯେବେ ମନ୍ତ୍ରୀ ହେଲି' . ପବିତ୍ର ମୋହନ ପ୍ରଧାନଙ୍କର 'ମୁକ୍ତି ପଥେ ସୈନିକ', ନୀଳମଣି ରାଉତରାୟଙ୍କ 'ସ୍ମୃତି ଓ ଅନୁଭୂତି', ଜାନକୀବଲ୍ଲଭ ପଟ୍ଟନାୟକଙ୍କ 'ଅସମାପ୍ତ ଆତ୍ମଲିପି', ସୁରେନ୍ଦ୍ର ମହାନ୍ତିଙ୍କ 'ପଥ ଓ ପୃଥିବୀ', କାହ୍ନୁଚରଣ ଲେଙ୍କାଙ୍କ 'ମୋ' ଜୀବନ ସଂଗ୍ରାମ', ବିଶ୍ୱଭୂଷଣ ହରିଚନ୍ଦନଙ୍କ 'ସଂଗ୍ରାମ ସରି ନାହିଁ' ପ୍ରଭୃତି ଓଡ଼ିଆ ପାଠକ ମହଲରେ ଆଦୃତ ହୋଇଛି । ଏବେ କଂଗ୍ରେସ ଦଳର ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଚରିତ 'ସମୟ ସାକ୍ଷୀ' ଉନ୍ମୋଚିତ ହୋଇଛି**

ଏବେ ଆମ ଓଡ଼ିଆ ଭାଷାରେ ବିଭିନ୍ନ ରାଜନୀତିଜ୍ଞ ବା ରାଜନେତାମାନଙ୍କ ଆଡ଼କୁ ଆସିବା । ହରେକୃଷ୍ଣ ମହତାବଙ୍କ 'ସାଧନାର ପଥେ' ଓ 'ଆରବ ସାଗରରୁ ଚିଲିକା' ଏହି ଆତ୍ମଚରିତ ଦୁଇଟି ବେଶ ଲୋକପ୍ରିୟ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ 'ଆତ୍ମଜୀବନୀ', ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ', ନିତ୍ୟାନନ୍ଦ ମହାପାତ୍ରଙ୍କ ଅସମାପ୍ତ ରଚନା 'ମୁଁ ଯେବେ ମନ୍ତ୍ରୀ ହେଲି' ପବିତ୍ର ମୋହନ ପ୍ରଧାନଙ୍କର 'ମୁକ୍ତି ପଥେ ସୈନିକ', ନୀଳମଣି ରାଉତରାୟଙ୍କ 'ସ୍ମୃତି ଓ ଅନୁଭୂତି', ଜାନକୀବଲ୍ଲଭ ପଟ୍ଟନାୟକଙ୍କ 'ଅସମାପ୍ତ ଆତ୍ମଲିପି', ସୁରେନ୍ଦ୍ର ମହାନ୍ତିଙ୍କ 'ପଥ ଓ ପୃଥିବୀ', କାହ୍ନୁଚରଣ ଲେଙ୍କାଙ୍କ 'ମୋ' ଜୀବନ ସଂଗ୍ରାମ', ବିଶ୍ୱଭୂଷଣ ହରିଚନ୍ଦନଙ୍କ 'ସଂଗ୍ରାମ ସରି ନାହିଁ' ପ୍ରଭୃତି ଓଡ଼ିଆ ପାଠକ ମହଲରେ ଆଦୃତ ହୋଇଛି । ଏବେ କଂଗ୍ରେସ ଦଳର ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଚରିତ 'ସମୟ ସାକ୍ଷୀ' ଉନ୍ମୋଚିତ ହୋଇଛି ।

ଓଡ଼ିଶାର ଅନେକ ରାଜନୀତିଜ୍ଞ ବା ରାଜନେତା ନିଜେ ନିଜ ବିଷୟରେ ଆତ୍ମଚରିତ ଲେଖି ପାରି ନାହାନ୍ତି, କିନ୍ତୁ ସେମାନଙ୍କ ଜୀବନୀ (Biography) ବେଶ ଗୁରୁତ୍ୱପୂର୍ଣ୍ଣ । ସେମାନେ ହେଲେ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର, ବିଶ୍ୱନାଥ ଦାସ, ଭି.ଭି. ଗିରି, ସରଳା ଦେବୀ, ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ, ରବି ରାୟ, ବିଜୁ ପଟ୍ଟନାୟକ, ବୀରେନ ମିତ୍ର, ସଦାଶିବ ତ୍ରିପାଠୀ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ବସନ୍ତ କୁମାର ବିଶ୍ୱାଳ ପ୍ରଭୃତି । ମାତ୍ର ସେମାନଙ୍କ ଜୀବନୀ ଆଧାରିତ ଗ୍ରନ୍ଥ (Biography ) ଏବେ ବି ଓଡ଼ିଆ ପାଠକମାନଙ୍କୁ ଆଚ୍ଛନ୍ନ କରିଥାଏ ।

**ଭୁବନେଶ୍ୱର**
**ମୋ–୯୪୩୭୦୧୨୧୨୩**

# କୁଶଭଦ୍ରାର କୋହ



ଡ. ଅତୁଲ କୁମାର ପ୍ରଧାନ

ନଦୀ ହେଉଛି ମାନବ ସଂସ୍କୃତି ଏବଂ ସଭ୍ୟତାର ଜନ୍ମସ୍ଥଳୀ । ନଦୀଗୁଡ଼ିକ ସର୍ବଦା ମାନବ ଭାଗ୍ୟର ନୀରବ ସ୍ଥପତି ଏବଂ ଏହା ପ୍ରାଚୀନ କାଳରୁ ସଭ୍ୟତାର ସ୍ପନ୍ଦନରେ ପ୍ରବାହିତ ହେଉଥିବା ଜୀବନ୍ତ ଧମନୀ । ପ୍ରାଚୀନ କାଳରୁ ମାନବଜାତି ନଦୀ ଉପତ୍ୟକାର ଆଶ୍ରୟ ଖୋଜିଛି, ଯେଉଁଠାରେ ଉର୍ବର ମୃତ୍ତିକା, ଚିର ପ୍ରବାହିତ ଜଳ ଏବଂ ଯୋଗାଯୋଗର ପ୍ରାକୃତିକ ପଥ ସ୍ଥାୟୀ ଜୀବନର ବିକାଶକୁ ପ୍ରୋତ୍ସାହିତ କରିଥିଲା । ପ୍ରାଚୀନ ବିଶ୍ୱରେ ମହାନ ସଭ୍ୟତାଗୁଡିକ ଏହି ନଦୀ କୂଳରେ ହିଁ ଉତ୍ପନ୍ନ ହୋଇଥିଲା । ତନ୍ମଧ୍ୟରୁ ଭାରତ ବର୍ଷରେ ସିନ୍ଧୁ–ସରସ୍ୱତୀ ସଭ୍ୟତା ବର୍ତ୍ତମାନର ସିନ୍ଧୁ ନଦୀ ଏବଂ ବର୍ତ୍ତମାନ ଲୁପ୍ତ ସରସ୍ୱତୀ ନଦୀ କୂଳରେ ବିକଶିତ ହୋଇଥିଲା, ଯାହା ଆମ ଭାରତ ଇତିହାସର ପ୍ରଥମ ନଗର ଯୋଜନା ଏବଂ ବାଣିଜ୍ୟିକ ଜୀବନଶକ୍ତି ପ୍ରଦର୍ଶନ କରିଥିଲା । ଏହି ନଦୀ ସଭ୍ୟତାଗୁଡ଼ିକ ପ୍ରାକୃତିକ ରାଜପଥ , ବାଣିଜ୍ୟ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ଚିନ୍ତାଧାରାର ପ୍ରସାରକୁ ସକ୍ଷମ କରିଥିଲା । ଏହି ଅର୍ଥରେ ନଦୀଗୁଡ଼ିକ କେବଳ ଜୀବନଧାରଣର ଉତ୍ସ ନଥିଲା ବରଂ ମାନବ ସମାଜର ଗତିଶୀଳ ସଂଯୋଗକାରୀ ସେତୁର ଭୂମିକା ମଧ୍ୟ ନିର୍ବାହ କରୁଥିଲା । ନଦୀ ମୁହାଣରେ ଅବସ୍ଥିତ ବନ୍ଦରଗୁଡ଼ିକ ଅନ୍ତର୍ଜାତୀୟ ବାଣିଜ୍ୟର ପ୍ରବେଶ ପଥ ହୋଇ ଉପମହାଦେଶକୁ ଦକ୍ଷିଣ–ପୂର୍ବ ଏସିଆ, ରୋମୀୟ ବିଶ୍ୱ ଏବଂ ବାହାର ସହିତ ସଂଯୋଗ କରିଥିଲା । ଓଡ଼ିଶାରେ ମଧ୍ୟ ଅନେକ ନଦୀ ଯଥା– ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୂଲ୍ୟା, ବୁଢ଼ାବଳଙ୍ଗ, ପ୍ରାଚୀ, ତେଲ, ସୁକ୍ତେଲ, ଖରସ୍ରୋତା, ଦୟା, ଭାର୍ଗବୀ, କୁଶଭଦ୍ରା, ରତ୍ନଚିରା, ବିରୂପା ଏବଂ ଅନ୍ୟାନ୍ୟ ନଦୀ ଯାହା ସାମୂହିକ ଭାବରେ ଏହାର ସମତଳ ଭୂମି ଏବଂ ଉପତ୍ୟକାକୁ ମାନବର ସାଂସ୍କୃତିକ ଇତିହାସ ରଚନା କରିବାର ସୁଯୋଗ ଦେଇଛି । ଏହି ନଦୀ କୂଳରେ ପ୍ରାରମ୍ଭିକ ଜନବସତି, ନଗର ଏବଂ ପବିତ୍ର ଧାର୍ମିକ ସ୍ଥାନ ସୃଷ୍ଟି ହୋଇଥିଲା । ଏହି ନଦୀଗୁଡ଼ିକ ଓଡିଶା ଇତିହାସର ବିଭିନ୍ନ ରାଜବଂଶର ଉତ୍ଥାନ ଏବଂ ପତନ, ଧାର୍ମିକ ପରମ୍ପରାର ବିବର୍ତ୍ତନ ଏବଂ କଳା ଏବଂ ସ୍ଥାପତ୍ୟର ସମୃଦ୍ଧିର ସାକ୍ଷୀ ଥିଲେ । ଏହି ନଦୀଗୁଡ଼ିକର ପବିତ୍ରତା ଲୋକଙ୍କ ସାଂସ୍କୃତିକ ଚେତନାରେ ଗଭୀର ଭାବରେ ନିହିତ ।

ଏହି ନଦୀଗୁଡ଼ିକ ମଧ୍ୟରେ, କୁଶଭଦ୍ରା ଏକ ସ୍ୱତନ୍ତ୍ର କିନ୍ତୁ ଅସ୍ପଷ୍ଟ ସ୍ଥାନ ଅଧିକାର କରିଛି । ଭୁବନେଶ୍ୱର ନିକଟ ବାଲିଅନ୍ତା ନିକଟରେ କୁଆଖାଇ ନଦୀରୁ ଉତ୍ପତ୍ତି ହୋଇ ଏହା ରାମଚଣ୍ଡୀ ନିକଟରେ ବଙ୍ଗୋପସାଗରରେ ମିଶିବା ପୂର୍ବରୁ ବାଲିପାଟଣା, ବନମାଳୀପୁର, ନିମାପଡ଼ା, ଗୋପ ଏବଂ ଅନ୍ୟାନ୍ୟ ଜନବସତି ଦେଇ ସୁନ୍ଦର ଭାବରେ ପ୍ରବାହିତ ହୁଏ । ଶତାବ୍ଦୀ ଶତାବ୍ଦୀ ଧରି ଏହି ଐତିହ୍ୟ ନଦୀ ମାନବ ବସତି ଏବଂ ସାଂସ୍କୃତିକ ବିକାଶର ଏକ ନୀରବ ସାକ୍ଷୀ ରୂପେ ଦଣ୍ଡାୟମାନ ହୋଇ ରହିଛି । କିମ୍ବଦନ୍ତୀ ଏବଂ ଲୋକକଥାରେ କୁଶଭଦ୍ରାର ବହୁତ ବର୍ଣ୍ଣନା ରହିଛି, ଯାହା ଏହାକୁ ଏକ ପବିତ୍ର ଆଭା ପ୍ରଦାନ କରେ । ଏକ ଲୋକପ୍ରିୟ ପରମ୍ପରା ଏହାର ନାମ 'କୁଶ' ବୋଲି ଦର୍ଶାଯାଇଛି, ଯାହା ବୈଦିକ ରୀତିନୀତି ସହିତ ଜଡିତ ପବିତ୍ର ଘାସ, ଯାହା ସୂଚାଇ ଦିଏ ଯେ ଏକଦା ତପସ୍ୱୀ ଏବଂ ତପସ୍ୱୀମାନେ ଏହାର କୂଳରେ ବାସ କରୁଥିଲେ । ଏହି ନଦୀର ମାହାତ୍ମ୍ୟ ଏବଂ ଗାରିମା ସାଂସ୍କୃତିକ,ପୌରାଣିକ ଏବଂ ଐତିହାସିକ ଉପାଦାନରେ ଦେଖିବାକୁ ମିଳେ । ଓଡ଼ିଶାର ଅନ୍ୟ ନଦୀଗୁଡ଼ିକ ବିଷୟରେ ଯେପରି ବ୍ୟାପକ ଭାବରେ ଅଧ୍ୟୟନ କରାଯାଇଛି, କୁଶଭଦ୍ରା ନଦୀର ଐତିହାସିକତା ଉପରେ ପର୍ଯ୍ୟାପ୍ତ ଗବେଷଣା କରା ଯାଇନାହିଁ । କିନ୍ତୁ ଏହି କୁଶଭଦ୍ରା ଆଜି ସାଂସ୍କୃତିକ ଉଜ୍ଜ୍ୱଳତା, ସାମୁଦ୍ରିକ ଉଦ୍ୟୋଗ ଏବଂ ପବିତ୍ର ପରମ୍ପରାରେ ସମୃଦ୍ଧ ଏବଂ ଅତୀତର ନୀରବ ସାକ୍ଷୀ ଭାବରେ ଠିଆ ହୋଇଛି । ଏହାର ଶାନ୍ତ, ଶୁଷ୍କ ଶଯ୍ୟା ଅପେକ୍ଷା କରି ରହିଛି ପ୍ରତ୍ନତାତ୍ତ୍ୱିକ ଖନନ ଏବଂ ପୁନଃଆବିଷ୍କାର ଅପେକ୍ଷାରେ ।

ଓଡ଼ିଶାର ପ୍ରସିଦ୍ଧ ଐତିହାସିକ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ତାଙ୍କ ପ୍ରସିଦ୍ଧ କୃତି ପ୍ରାଚୀନ ଉତ୍କଳରେ ଏହି ନଦୀ କୂଳରେ ଏକଦା ସମୃଦ୍ଧ ସାମୁଦ୍ରିକ ବାଣିଜ୍ୟକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି । କୁଶଭଦ୍ରା କେବଳ ଏକ ଜଳପଥ ନଥିଲା ଏହା ବାଣିଜ୍ୟ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ ଜୀବନରେଖା ଥିଲା । ଏହାର କୂଳରେ ଥିବା ପ୍ରତ୍ନତାତ୍ତ୍ୱିକ ଆବିଷ୍କାରଗୁଡ଼ିକ ବିଶେଷକରି ଖାଲକାଟା ପାଟଣାର ପ୍ରାଚୀନ ଜେଟି, ମୃତ୍ତିକା କୂପଗୁଡିକ ଏବଂ ଏପରିକି ଚୀନ୍ କଳାକୃତିର ଅବଶେଷ କଳିଙ୍ଗର ନୌବାଣିଜ୍ୟ ବିଷୟରେ ଗଭୀର ଆଲୋକପାତ କରେ, ଯାହା ଆମ ସାଧବ ପୁଅର ଯାତ୍ରାର ପ୍ରମାଣ ଦିଏ । ଯେଉଁମାନେ ଏହି ନଦୀ ମୁଖରୁ ଦୂର ଦେଶକୁ ଯାତ୍ରା କରିଥିଲେ ଏବଂ ସେମାନଙ୍କ ସହିତ ଓଡ଼ିଶା ଉଦ୍ୟୋଗର ଆତ୍ମା ବହନ କରିଥିଲେ । ଅଗଣିତ ଜାହାଜ ଏବଂ ବ୍ୟସ୍ତବହୁଳ ମାଲ ପରିବହନ ଦ୍ୱାରା ଏକଦା ସକ୍ରିୟ ହୋଇ ରହିଥିବା ଏହି କୁଶଭଦ୍ରା ନଦୀ ଏବେ ସ୍ଥିରତାରେ ହ୍ରାସ ପାଇଛି, ଏହାର ଜଳ ହ୍ରାସ ପାଇଛି ଏବଂ ଏହାର ପରିଚୟ ହଜିଯାଇଥିବା ପରି ମନେହୁଏ । ତଥାପି ଏହାର କୂଳ ଏକ ପବିତ୍ର ଅତୀତର ମହିମା ଗାନ କରୁଛି । ଏହି ନଦୀର ଉଭୟ ପାର୍ଶ୍ୱ ବିଭିନ୍ନ ପରମ୍ପରା ସହିତ ଜଡିତ । ସଂଖ୍ୟାଧିକ ପ୍ରସିଦ୍ଧ ମନ୍ଦିର ସହିତ ସଜ୍ଜିତ ।

ସବୁଠାରୁ ଉଲ୍ଲେଖନୀୟ ମନ୍ଦିର ମଧ୍ୟରେ ଭିଙ୍ଗାରପୁରର ଭଗ୍ନ ମନ୍ଦିର, ମଧୁକେଶ୍ୱର ମନ୍ଦିର, ବୁଧିକେଶ୍ୱର ମନ୍ଦିର, ବିଷ୍ଣୁପୁରର ସିଦ୍ଧେଶ୍ୱର ମନ୍ଦିର ଏବଂ ସୋମନାଥ ମନ୍ଦିର ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମନ୍ଦିର ମଧ୍ୟରେ ଗୁଆପୁରର ମନ୍ଦିରର ଧ୍ୱଂସାବଶେଷ, ନିମାପଡାର ନୀଳକଣ୍ଠେଶ୍ୱର ମନ୍ଦିର, ପିଙ୍ଗଳାକ୍ଷି ମନ୍ଦିର, ପୂର୍ଣ୍ଣେଶ୍ୱର ମନ୍ଦିର, ବଟେଶ୍ୱର ମନ୍ଦିର, ଗ୍ରାମେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର ଏବଂ ଗଙ୍ଗେଶ୍ୱରୀ ମନ୍ଦିର ଅନ୍ତର୍ଭୁକ୍ତ । ଏହି ମନ୍ଦିରଗୁଡିକର ଅନନ୍ୟ ସ୍ଥାପତ୍ୟ କଳା ଓଡ଼ିଶା ମନ୍ଦିର ସ୍ଥାପତ୍ୟର ସର୍ବୋତ୍ତମ ପ୍ରକାଶନକୁ ପ୍ରତିନିଧିତ୍ୱ କରେ । ସୋମନାଥ, ମଧୁକେଶ୍ୱର, ବୁଧିକେଶ୍ୱର, ଗ୍ରାମେଶ୍ୱର ଏବଂ ପୂର୍ଣ୍ଣେଶ୍ୱର ଭଳି ମନ୍ଦିରର କଳାତ୍ମକ ଉତ୍କୃଷ୍ଟତା ଆଶ୍ଚର୍ଯ୍ୟକୁ ପ୍ରେରଣା ଦେଇ ଚାଲିଛି । ଉତ୍କୃଷ୍ଟ କାରୁକାର୍ଯ୍ୟ, ଗଠନାତ୍ମକ ଚତୁରତା ଏବଂ ଆଧ୍ୟାତ୍ମିକ ପ୍ରତୀକ ଏହି ପବିତ୍ର ସ୍ଥାନଗୁଡ଼ିକୁ ପରିଭାଷିତ କରେ । ଏହି ସ୍ଥାପତ୍ୟ ସମ୍ପଦକୁ ପୂର୍ଣ୍ଣ କରି ନଦୀକୂଳ ଏବଂ ମନ୍ଦିର କାନ୍ଥରେ ମିଳୁଥିବା ଅନେକ ପଥର ଏବଂ ତାମ୍ର ଫଳକ ଶିଳାଲେଖ ରହିଛି, ଯାହା ଅତୀତର ସାମାଜିକ ରାଜନୈତିକ ଏବଂ ଧାର୍ମିକ ଜୀବନର ଅମୂଲ୍ୟ ଅନ୍ତର୍ଦୃଷ୍ଟି ପ୍ରଦାନ କରେ ।

କୁଶଭଦ୍ରା ନଦୀ କୂଳରେ ଥିବା ପ୍ରତ୍ୟେକ ଗ୍ରାମ କିଛି ନା କିଛି ଐତିହ୍ୟକୁ ଧାରଣ କରି ରଖିଛି । ଏହା ପ୍ରାଚୀନ ମନ୍ଦିର ଧ୍ୱଂସାବଶେଷ, ମଠ, କିମ୍ବା ରାଜକୀୟ ବୈଭବରେ ଠିଆ ହୋଇଥିବା ପ୍ରାସାଦ ଏବଂ ଦୁର୍ଗର ଅବଶେଷ । ଏହି ଅଞ୍ଚଳ କେବଳ ଏକ ଧାର୍ମିକ କେନ୍ଦ୍ର ନୁହେଁ ବରଂ ବୌଦ୍ଧିକ ଏବଂ ସାଂସ୍କୃତିକ କାର୍ଯ୍ୟକଳାପର ଏକ

ସ୍ପନ୍ଦନଶୀଳ କେନ୍ଦ୍ର ମଧ୍ୟ ଥିଲା । ୧୫ଶ–୧୬ଶ ଶତାବ୍ଦୀରେ ଏହି ପବିତ୍ର ଭୂମି ପ୍ରସିଦ୍ଧ ପଞ୍ଚସଖା କବି ବଳରାମ ଦାସଙ୍କୁ ପ୍ରତିପାଳନ କରିଥିଲା, ଯିଏ ଏହି ନଦୀ କୂଳରେ ଅବସ୍ଥିତ ଗୋପର ଏରବଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କୁଶଭଦ୍ରାର କୂଳ ବିଭିନ୍ନ ରାଜବଂଶର ଉତ୍ଥାନ ଏବଂ ପତନ, ଅନେକ ସଂଘର୍ଷ ଏବଂ ଆଧ୍ୟାତ୍ମିକ ଯାତ୍ରା ଆଦି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣାଗୁଡ଼ିକର ସାକ୍ଷୀ ମଧ୍ୟ ଥିଲା । ସ୍ୱାଧୀନତା ସଂଗ୍ରାମ ପ୍ରତି ମୁହୂର୍ତ୍ତର ମୂକ ସାକ୍ଷୀ ଥିଲା ଏହି ନଦୀ । ଏପରିକି କୁହାଯାଏ ଯେ ଚୈତନ୍ୟ ମହାପ୍ରଭୁ ପୁରୀ ଯିବା ବାଟରେ ଏହି ଅଞ୍ଚଳ ଏବଂ କୁଶଭଦ୍ରା ନଦୀ ପାରି ହୋଇ ଯାଇଥଲେ । ତେଣୁ କୁଶଭଦ୍ରା ନଦୀ ଏକ ଲୁପ୍ତ ପ୍ରବାହ ଅପେକ୍ଷା ବହୁତ ଅଧିକ ଏହା ଓଡ଼ିଶାର ନୌବାଣିଜ୍ୟ ଗୌରବ, ସ୍ଥାପତ୍ୟ ଐତିହ୍ୟର ଏକ ଜୀବନ୍ତ ଇତିହାସ । ଯଦିଓ ଏହାର ଜଳ ହ୍ରାସ ପାଇଛି, କିନ୍ତୁ ଏହାର ଐତିହ୍ୟ ଆଜି ବି ଦଣ୍ଡାୟମାନ ହୋଇ ରହିଛି ଏବଂ ଅତୀତତ୍ତ୍ୱର ଗାଥା ଗାଇଚାଲିଛି ।

ସଂସ୍କୃତି, ବାଣିଜ୍ୟ ଏବଂ ଜୀବନଧାରଣର ଏକ ପ୍ରାଣବନ୍ତ ଧମନୀ ଭାବରେ ପ୍ରବାହିତ ଏହି ପବିତ୍ର କୁଶଭଦ୍ରା ନଦୀ ଏବେ ଏକ ଗଭୀର ସଙ୍କଟର ସମ୍ମୁଖୀନ ହେଉଛି । ଅନେକ ସ୍ଥାନରେ ଏକ ସଂକୀର୍ଣ୍ଣ ନାଳରେ ପରିଣତ ହୋଇ ଏବଂ ଅଳିଆ ଏବଂ ଅବହେଳାରେ ଭାରାକ୍ରାନ୍ତ ହୋଇ ନଦୀଟି କ୍ରମାଗତ ଭାବରେ ଏହାର ପରିବେଶଗତ ଜୀବନଶକ୍ତି ଏବଂ ଐତିହାସିକ ପରିଚୟ ହରାଉଛି । କୁଆଖିଆର ଉତ୍ପତ୍ତି ସ୍ଥାନ କାଦୁଅ ଏବଂ ବାଲି ଦ୍ୱାରା ଆବଦ୍ଧ ହୋଇ ରହିଛି ଯାହା ବର୍ଷସାରା ନଦୀକୁ ବଜାୟ ରଖିଥିବା ପ୍ରାକୃତିକ ପ୍ରବାହକୁ କାଟି ଦେଇଛି । ଫଳସ୍ୱରୂପ ବାଲିଅନ୍ତା, ଭିଙ୍ଗାରପୁର, ନିମାପଡ଼ା ଏବଂ ଗୋପ ଭଳି ଅଞ୍ଚଳଗୁଡ଼ିକ ପରିବେଶଗତ ଏବଂ ଜୀବିକା ପ୍ରତିକୂଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । **ନିମାପଡ଼ା ଏବଂ ଗୋପର ଲୋକଙ୍କ ପାଇଁ, କୁଶଭଦ୍ରା ଦୀର୍ଘଦିନ ଧରି ଏକ ଜୀବନରେଖା ହୋଇଆସିଛି । କିନ୍ତୁ ଆଜି ଏହି ନଦୀ ଉପରେ ନିର୍ଭରଶୀଳ ଅଞ୍ଚଳଗୁଡ଼ିକରେ ଏକ ଗମ୍ଭୀର ଜଳ ସଙ୍କଟ ଦେଖାଦେଇଛି । ହ୍ରାସ ପାଉଥିବା ବର୍ଷା ଏବଂ ନଦୀ ପ୍ରବାହ ହ୍ରାସ ପାଇବା ଯୋଗୁଁ କୃଷି ବାଧାପ୍ରାପ୍ତ ହୋଇଛି, ଗୁରୁତ୍ୱପୂର୍ଣ୍ଣ ଚାଷ ସମୟରେ କେନାଲଗୁଡ଼ିକ ଶୁଖିଲା କିମ୍ବା ଅପର୍ଯ୍ୟାପ୍ତ ରହିଛି ।** ଜଳସେଚନ ବ୍ୟବସ୍ଥା ବିଫଳ ହେବା, ଦୁର୍ବଳ ରକ୍ଷଣାବେକ୍ଷଣ, ଅନିୟନ୍ତ୍ରିତ କାଦୁଅ ଜମା ଏବଂ କେନାଲ ପାଣିର ଅବରୋଧ ଯୋଗୁଁ ଚାଷୀମାନେ ସେମାନଙ୍କ କୁଳବୃତ୍ତି ଚାଷ ପାଇଁ ସଂଘର୍ଷ କରୁଛନ୍ତି । ଅତ୍ୟଧିକ ଏବଂ ପ୍ରାୟତଃ ଅନିୟନ୍ତ୍ରିତ ବାଲି ଖନନ କ୍ଷତିକୁ ବୃଦ୍ଧି କରିଛି, ନଦୀପଠାକୁ ଗଭୀର କରିବା ସହିତ ଏହାର ପ୍ରାକୃତିକ ପରିସଂସ୍ଥାକୁ ଅସ୍ଥିର କରିଛି । ପୁଣ୍ୟତୋୟା କୁଶଭଦ୍ରାକୁ ରକ୍ଷା କରିବା କେବଳ ଏକ ପରିବେଶଗତ ଆବଶ୍ୟକତା ନୁହେଁ । ଏହା ଏକ ସାଂସ୍କୃତିକ ଦାୟିତ୍ୱ ମଧ୍ୟ । ଏହାର ହଜିଯାଇଥିବା ଗୌରବକୁ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ଏବଂ ସମନ୍ୱିତ ପଦକ୍ଷେପ ଅତ୍ୟନ୍ତ ଜରୁରୀ, ପ୍ରଥମେ ଏହାର ପ୍ରାକୃତିକ ପ୍ରବାହକୁ ପୁନରୁଦ୍ଧାର କରିବା ପାଇଁ କୁଆଖିଆରେ ନଦୀର ଉତ୍ପତ୍ତିସ୍ଥଳର ବୈଜ୍ଞାନିକ ବିଶୋଧନ ଏବଂ ଖନନ କରାଯିବା ଆବଶ୍ୟକ । ବାଲିଅନ୍ତାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ସମସ୍ତ ଭାଗକୁ ପୁନଃସ୍ଥାପିତ କରିବା ଦ୍ୱାରା ନଦୀକୁ ଏକ ଚିରସ୍ଥାୟୀ ଜଳ ଉତ୍ସ ଭାବରେ ପୁନଃସ୍ଥାପିତ କରିବା ହେଉଛି ବର୍ତ୍ତମାନ ସମୟର ଏକ ଆହ୍ୱାନ । ଦ୍ୱିତୀୟତଃ ବାଲି ଖନନର ନିୟନ୍ତ୍ରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୃତୀୟତଃ ଜଳସେଚନ ଭିତ୍ତିଭୂମିର ବ୍ୟାପକ ପୁନରୁଦ୍ଧାର ଆବଶ୍ୟକ । କେନାଲଗୁଡ଼ିକର ନିୟମିତ ବିଶୋଧନ, ବଣ୍ଟନକାରୀ ଶାଖାଗୁଡିକର ମରାମତି ଏବଂ ପ୍ରତିବନ୍ଧକ ଦୂର କରିବା ଦ୍ୱାରା ଚାଷ ଜମିରେ ସମାନ ଜଳ ବଣ୍ଟନ ସୁନିଶ୍ଚିତ ହେବ । ଚତୁର୍ଥତଃ ସାମୁଦାୟିକ ଭାଗିଦାରୀକୁ ଉତ୍ସାହିତ କରାଯିବା ଉଚିତ ।

ସ୍ଥାନୀୟ ବାସିନ୍ଦା, ଚାଷୀ ଏବଂ ଅଂଶୀଦାରମାନେ ସ୍ୱଚ୍ଛତା ବଜାୟ ରଖିବା, ବର୍ଜ୍ୟବସ୍ତୁ ଡମ୍ପିଂ ରୋକିବା ଏବଂ ନଦୀକୂଳକୁ ସୁରକ୍ଷା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ । ପଞ୍ଚମତଃ ନଦୀକୂଳରେ ବନୀକରଣ ଏବଂ ପରିବେଶଗତ ପୁନରୁଦ୍ଧାର ମାଟିକୁ ସ୍ଥିର କରିପାରିବ, ଭୂତଳ ଜଳ ଉନ୍ନତ କରାଯାଇ ଜୈବ ବିବିଧତାକୁ ପୁନରୁଦ୍ଧାର କରିପାରିବ । ଶେଷରେ କୁଶଭଦ୍ରା ନଦୀର ଐତିହାସିକ ବୈଭବକୁ ଉଜାଗର କରିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ସମସ୍ତ ମନ୍ଦିର, ମଠ ଏବଂ ଐତିହାସିକ କୀର୍ତ୍ତିରାଜିର ସର୍ବେକ୍ଷଣ ଏବଂ ପ୍ରକାଶନ କଲେ ଏହା ଭବିଷ୍ୟତ ଦାୟାଦମାନଙ୍କ ପାଇଁ ଏକ ବଳିଷ୍ଠ ପ୍ରମାଣ ହୋଇ ରହିପାରିବ ।

କୁଶଭଦ୍ରା ନଦୀକୁ ପୁନରୁଦ୍ଧାର କରିବା ଏକ ଅସମ୍ଭବ କାର୍ଯ୍ୟ ନୁହେଁ, ଏଥିପାଇଁ ଦୃଷ୍ଟିକୋଣ, ପ୍ରତିବଦ୍ଧତା ଏବଂ ସାମୂହିକ କାର୍ଯ୍ୟ ଆବଶ୍ୟକ । ଯଦି ସମୟୋଚିତ ପଦକ୍ଷେପ ନିଆଯାଏ, ତେବେ ଏହି ଐତିହାସିକ ନଦୀ ପୁଣି ଥରେ ଜୀବନ ସହିତ ପ୍ରବାହିତ ହୋଇପାରିବ ଏବଂ ଆଗାମୀ ପିଢ଼ି ପାଇଁ ଐତିହ୍ୟ ଏବଂ ମାନବତା ଉଭୟକୁ ବଜାୟ ରଖିପାରିବ । ତେଣୁ ଆଜିର ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ପ୍ରାଚୀନ ନଦୀମାନଙ୍କର ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ବିଭିନ୍ନ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛନ୍ତି, ଯାହା ଅତି ଆନନ୍ଦର କଥା । କିନ୍ତୁ କୁଶଭଦ୍ରା ଭଳି ଅନ୍ୟ ନଦୀମାନଙ୍କର ପ୍ରାଚୀନ ଗୌରବକୁ ଫେରାଇ ଆଣିବା ପାଇଁ ଯଦି କେନ୍ଦ୍ର ସରକାରଙ୍କ 'ନମାମି ଗଙ୍ଗେ' କାର୍ଯ୍ୟକ୍ରମରେ ଏହି ପରିଯୋଜନାକୁ କାର୍ଯ୍ୟକ୍ଷମ କରାଗଲେ ଓଡ଼ିଶାର ଆତ୍ମା କୁହାଯାଉଥିବା ଏହିପରି ନଦୀଗୁଡିକ ସେମାନଙ୍କର ପ୍ରାଚୀନ କୃତି ପୁନର୍ବାର ଫେରିପାଇ ପାରନ୍ତେ ।

**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,**
**ସମ୍ବଲପୁର,ମୋ–୯୭୫୪୮୭୫୯୮୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେଜିରୁ...

ଓଡ଼ିଶାରେ କିଣ୍ଡରଗାର୍ଟେନ୍ ବା କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିବାରୁ, ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ କେଜି ରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନର ସ୍ୱପ୍ନକୁ ସାକାର କରିବ । ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି । ପରିବାର, ବିଶେଷ କରି ସମାଜର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ପଛୁଆ ବର୍ଗର ପରିବାରଗୁଡ଼ିକ ଉପରୁ ଆର୍ଥିକ ବୋଝ ହ୍ରାସ କରି ଏହି ଯୋଜନା ନାମଲେଖା ବୃଦ୍ଧି କରିବ । ସ୍କୁଲ ଓ କଲେଜର ଉପସ୍ଥାନରେ ସୁଧାର ଆସିବ, ପାଠପଢ଼ା ଅଧାରୁ ଛାଡ଼ିବା ହାର ହ୍ରାସ ହେବ ଏବଂ ଅଧିକରୁ ଅଧିକ ଛାତ୍ରଛାତ୍ରୀ ବିନା କୌଣସି ବାଧାରେ ଉଚ୍ଚଶିକ୍ଷା ଜାରି ରଖିବାରେ ସକ୍ଷମ ହେବେ ।

ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ ।

ସେଲ୍ଫ-ଫାଇନାନ୍ସିଂ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ । ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ ।

ଶିକ୍ଷାକୁ ସାମଗ୍ରିକ ଏବଂ ସ୍ଥାୟୀ ବିକାଶର ଭିତ୍ତି ଭାବେ ଗ୍ରହଣ କରି, ଓଡ଼ିଶା କ୍ୟାବିନେଟ୍ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଞ୍ଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟଅଟକଳକୁ ମଞ୍ଜୁରୀ ଦେଇଛନ୍ତି ।

ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ ଏବଂ ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ । ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ ।

"ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି" କେବଳ ଏକ ଫି ଛାଡ଼ କାର୍ଯ୍ୟକ୍ରମ ନୁହେଁ । ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବା ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ ଏବଂ ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ "ବିକଶିତ ଓଡ଼ିଶା"ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ।

## ଛାତ୍ରଛାତ୍ରୀଙ୍କୁ...

କାର୍ଯ୍ୟାନୁଷ୍ଠାନ ନେଇସାରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିଷ୍ପତ୍ତି ନେଇଛନ୍ତି । ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟିକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଗୁରୁତର ସହିତ ନେଇଛନ୍ତି ଓ ଛାତ୍ରଛାତ୍ରୀମାନଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ପ୍ରଦାନ କରାଯାଇ ପାଠ ପଢ଼ା ଚାଲୁ ରହିବ । ସରକାର ଯଥାଶୀଘ୍ର ପୁନର୍ବାର ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଶାସନ ସଚିବ ଡ. ନାୟକ ସୂଚନା ଦେଇଛନ୍ତି ।

## ସମ୍ପର୍କ...

ଉଭୟେ ନେତାଙ୍କୁ ବିଶ୍ୱାସ ନିର୍ମାଣ ଉପାୟଗୁଡ଼ିକ ପୁନର୍ଜିବିତ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହି ନିବେଦନ ଏଭଳି ସମୟରେ ଆସିଛି ଯେତେବେଳେ ଭାରତ-ପାକିସ୍ତାନ ଉଭୟେ ଉଭୟଙ୍କ ପ୍ରତି ତାଙ୍କ ଦୃଷ୍ଟିକୋଣ ଅପରିବର୍ତ୍ତିତ ରଖିଛନ୍ତି । ଭାରତ ପକ୍ଷରୁ ଆତଙ୍କବାଦ ଓ ଆଲୋଚନା ଏବଂ ବାଣିଜ୍ୟ ଏକାସଙ୍ଗରେ ଚାଲିପାରିବ ନାହିଁ ବୋଲି କୁହାଯାଇଛି । ଏହାଛଡ଼ା ଦ୍ୱିପାକ୍ଷିକ ସମ୍ପର୍କରେ କୌଣସି ବି ସୁଧାର ସୀମାପାର ଆତଙ୍କବାଦର ଶେଷ ଉପରେ ନିର୍ଭର କଲେ ବୋଲି ଉଲ୍ଲେଖ କରାଯାଇଛି । ସ୍ୱାକ୍ଷରକାରୀମାନେ ବାଣିଜ୍ୟ ଓ ଯାତ୍ରା ନିମନ୍ତେ କରଟାରପୁର-ୱାଘା ସୀମାକୁ ପୁଣି ଖୋଲିବା ଶ୍ରୀନଗର-ମୁଜଫରାବାଦ ବସ୍ ସେବା ପୁଣି ଆରମ୍ଭ କରିବା ପାଇଁ ଦାବି କରିଛନ୍ତି । ଭାରତ-ପାକିସ୍ତାନ ମିଳିତ ଏକ ପଞ୍ଚମାଂଶ ମାନବ ଜାତିର ଘର ଓ ଆମ ଜନସଂଖ୍ୟାର ଏକ ବିଶାଳ ଅଂଶ ହେଉଛନ୍ତି ଯୁବକ । ନିରନ୍ତର ସମ୍ପର୍କ ଓ ବାର୍ତ୍ତା ଆମ ମତପାର୍ଥକ୍ୟର ସମାଧାନ କରିବାରେ ଏକ ସ୍ଥିର ଓ ସମୃଦ୍ଧି କ୍ଷେତ୍ର ନିର୍ମାଣରେ ଏକମାତ୍ର ବ୍ୟବହାର୍ଯ୍ୟ ମାର୍ଗ ହୋଇପାରିବ । ପତ୍ରରେ ଉଲ୍ଲେଖ ରହିଛି ଜନତାଙ୍କ ଆକାଂକ୍ଷାକୁ ଶୁଣନ୍ତୁ, ପ୍ରଚାରଣା ସ୍ଥାନରେ ସହଭାଗିତା, ଶତ୍ରୁତା ବଦଳରେ ବାର୍ତ୍ତା, ବିବାଦ ବଦଳରେ ସହଯୋଗ ବାଛନ୍ତୁ । ଏହା କୋଟି କୋଟି ଜନତାଙ୍କ କଲ୍ୟାଣ, ଆକାଂକ୍ଷ ଓ ଭବିଷ୍ୟତ ସଂଘର୍ଷ, ବିଭାଜନରୁ ଉପରକୁ ରଖିବାକୁ ଆହ୍ୱାନ କରୁଛୁ ।

## ମୁଖ୍ୟମନ୍ତ୍ରୀ...

ପାଇଁ ୨୮୮.୪୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିଭଳି ଓଡ଼ିଶା ଚିଙ୍ଗୁଡ଼ି ମିଶନର କାର୍ଯ୍ୟକାରୀ ରୂପାୟନ ଏବଂ ଓଡ଼ିଶା ଭିଜନ ୨୦୩୬ ଓ ଭିଜନ ୨୦୪୭ ନାଳ ଅର୍ଥନୀତି ହାସଲରେ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ । ୨୦୩୬ ସୁଦ୍ଧା ଚିଙ୍ଗୁଡ଼ି ଚାଷ ଅଞ୍ଚଳରେ ଅତିରିକ୍ତ ୨୫ ହଜାର ହେକ୍ଟର ବୃଦ୍ଧି, ବାର୍ଷିକ ଖାରିପାଣି ଚିଙ୍ଗୁଡ଼ି ଉତ୍ପାଦନ ୧.୬ ଲକ୍ଷ ଟନ୍ରୁ ୯ ଲକ୍ଷ ଟନ୍କୁ ବୃଦ୍ଧି, ସାମୁଦ୍ରିକ ଖାଦ୍ୟ ରପ୍ତାନୀ ୫,୪୯୯ କୋଟିରୁ ୧୫ ହଜାର କୋଟିକୁ ବୃଦ୍ଧି ଓ ୨.୫ ଲକ୍ଷ ଜୀବିକା ସୃଷ୍ଟି ହେବାର ଲକ୍ଷ କରାଯାଇଛି । ଓଡ଼ିଶା ଗଭୀର ସମୁଦ୍ରରେ ମାଛ ଧରିବା ମିଶନ ପ୍ରସ୍ତାବ ଅନୁମୋଦିତ ହୋଇଛି । ଏହି ମିଶନ କାର୍ଯ୍ୟକାରୀ ହେବାଦ୍ୱାରା ପ୍ରତିବର୍ଷ ୨ ଲକ୍ଷ ଟନ୍ ଅତିରିକ୍ତ ସାମୁଦ୍ରିକ ମାଛ ଉତ୍ପାଦନ, ୫୦ ହଜାରରୁ ଅଧିକ ନୂତନ ରୋଜଗାର ସୃଷ୍ଟି ହେବାର ଲକ୍ଷ୍ୟ ରହିଛି । ଓପିଟିସିଏଲର ଗ୍ରିଡ୍ ସବ୍ଷ୍ଟେସନ ସ୍ଥାପନ ନିମନ୍ତେ ନିର୍ଦ୍ଧାରିତ ରିହାତି ପ୍ରିମିୟମ୍ ହାରରେ ସମୟସୀମା ପର୍ଯ୍ୟନ୍ତ ସରକାରୀ ଜମି ଲିଜ୍‌ରେ ପ୍ରଦାନ କରାଯିବ । ୪୦୦ କେଭି ଗ୍ରୀଡ୍ ଷ୍ଟେସନ ପାଇଁ ୬୭ ଏକର, ୨୦୦ କେଭି ଲାଗି ୨୮ ଏକର, ୧୩୨ କେଭି ଲାଗି ୧୫ ଏକର ଜମି ଦିଆଯିବ । ଏହି ନିଷ୍ପତ୍ତି ଦ୍ୱାରା ଓପିଟିସିଏଲ୍ ପକ୍ଷରୁ ୭୬୫ କୋଭି ଗ୍ରୀଡ୍ ସବ୍‌ଷ୍ଟେସନଗୁଡ଼ିକର ସମୟ ଉପଯୋଗୀ ସ୍ଥାପନ ସୁଗମ ହେବାସହ ରାଜ୍ୟରେ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ ନିମନ୍ତେ ବିଦ୍ୟୁତ୍ ପରିବହନ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ । ଓଡ଼ିଶା ସେଚାଞ୍ଚଳ ଉନ୍ନୟନ ମନ୍ତ୍ରିପରିଷଦ ସେବା ନିୟମ ୨୦୨୬ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଅମାଠ ଗ୍ରାମ ନିକଟରେ ମହାନଦୀର ଉପନଦୀ, ତେଲନଦୀ ଅବବାହିକାରେ ଏକ ଅନ୍ତନଦୀ ଜଳାଶୟ ନିର୍ମାଣ କ୍ଷେତ୍ରର ଅନୁମୋଦନ ହୋଇଛି । ଏହି ପ୍ରକଳ୍ପରେ ୨୫୬ କୋଟି ୭୧ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ ହେବ । ୧୯ ଗ୍ରାମକୁ ପାନୀୟ ଜଳ ଯୋଗାଇ ପାରିବ । ଗଞ୍ଜାମିଳିତ ବ୍ଲକ୍ ଅଧୀନ ଜାମୁଦ୍‌ପାଲି ଗ୍ରାମ ନିକଟରେ ମହାନଦୀର ଉପନଦୀ, ଅଙ୍ଗ ନଦୀ ଅବବାହିକାରେ ଏକ ଅନ୍ତନଦୀ ଜଳାଶୟ ନିର୍ମାଣ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିରେ ୧୧୯ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଓ ୪୧ ଗ୍ରାମର ଲୋକଙ୍କୁ ପାନୀୟ ଜଳ ମିଳିବ । ବେସରକାରୀ ଚିଲରେ ସ୍ଥାନରେ ଅନୁଷ୍ଠାନିକ ଚିଲର ନିଯୁକ୍ତି ପ୍ରକ୍ରିୟାକୁ ଆସନ୍ତା ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଡୁଡୁକା-ଗୋପାଳପୁର-ଟପରିଆ ରାସ୍ତାକୁ ଡାଇଭର୍ଟ କରି ୬ ଲେନ୍ ବିଶିଷ୍ଟ ସର୍ଭିସ୍ ରୋଡ୍ ବିକାଶକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିଲାଗି ଦିଲ୍ଲୀପ ବିଲ୍ଡକନ୍ କୁ ଲିମିଟେଡ୍‌ର ୧୬୦ କୋଟି ୭୦ ଲକ୍ଷର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କଳିଙ୍ଗ ଷ୍ଟାଡିୟମ୍ ଠାରୁ ରୁଗୁଡ଼ିମାହାପୁର ସେତୁ ପର୍ଯ୍ୟନ୍ତ ଜୟଦେବ ବିହାର- ନନ୍ଦନକାନନ ସଡକର ବିଭିନ୍ନ ଛକରେ ଫ୍ଲାଏଓଭର ନିର୍ମାଣ ସହ ଉନ୍ନତିକରଣ ପାଇଁ ନିଷ୍ପତ୍ତି ହୋଇଛି । ୮ ଲେନ୍ ମୁଖ୍ୟ ସଡକ ଓ ସର୍ଭିସ୍ ରୋଡ୍ ନିର୍ମାଣ ମାଧ୍ୟମରେ ଯାତାୟତ କ୍ଷମତା ବୃଦ୍ଧି ପାଇବ । ଏଥିଲାଗି ୫୬୭୯ କୋଟିର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

## ଝାରସୁଗୁଡ଼ାର...

କ୍ଷେତ୍ରରେ ଜେ ପଲ୍ ସହ ଚାଲିଥିବା ସହଭାଗିତାକୁ ଆହୁରି ବିସ୍ତାର କରିବା ନେଇ ଆଲୋଚନା ହୋଇଥିଲା ।

ଅର୍ଥ ବିଭାଗ ପକ୍ଷରୁ ୩୦ ଜୁନ ୨୦୨୬ ସୁଦ୍ଧା ରାଜ୍ୟର ବ୍ୟୟ ଓ ରାଜସ୍ୱ ସ୍ଥିତିର ସମୀକ୍ଷା କରାଯାଇଥିଲା । ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାବେଳେ କୃଷି, ସାମାଜିକ କ୍ଷେତ୍ର ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ବିଭାଗକୁ ବଜେଟର ଫଳପ୍ରଦ ବ୍ୟବହାର, ପୁଞ୍ଜି ବ୍ୟୟରେ ଗତି ଆଣିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତା ଆଧାରିତ ଓଡ଼ିଆ ଭାଷାର ଭଏସ୍ ବୋଟ୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ସରକାରୀ ଯୋଜନାଗୁଡ଼ିକର ହିତାଧିକାରୀଙ୍କ ସହ ଓଡ଼ିଆ ଭାଷାରେ ସିଧାସଳଖ କଥୋପକଥନ କରି ମତାମତ ସଂଗ୍ରହ, ସେବାର ଗୁଣବତ୍ତା ଆକଳନ ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣରେ ଏହି ବ୍ୟବସ୍ଥା ସହାୟକ ହେବ ବୋଲି ଆଶା କରାଯାଉଛି । ସେହିପରି ପୁରୁଣା ହସ୍ତଲିଖିତ ରେକର୍ଡକୁ ଡିଜିଟାଲାଇଜ୍ କରି ଶାସନ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଓଡ଼ିଆ ଅକ୍ଷର ଚିହ୍ନଟ ପ୍ରଯୁକ୍ତି (ଓସିଆର) ର ସମ୍ଭାବନା ଉପସ୍ଥାପନ କରାଯାଇଥିଲା ।

ଝାରସୁଗୁଡ଼ାକୁ ଏକ ସମନ୍ୱିତ ବିକାଶ ମଡେଲ୍ ଭାବେ ଗଢ଼ି ତୋଳିବା ପାଇଁ ୨୫ଟି ରଣନୀତିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା କରାଯାଇଥିଲା । ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ଗମନାଗମନ, ବିମାନବନ୍ଦର ସମ୍ପ୍ରସାରଣ, ଡିଜିଟାଲ୍ ସେବା ଓ ସବୁଜ ଶକ୍ତି ଭଳି କ୍ଷେତ୍ରରେ ପଦକ୍ଷେପ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ ଏବଂ ନୂତନ ରୋଜଗାରର ଦ୍ୱାର ଖୋଲିବ । ଏ ସମ୍ପର୍କରେ ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ ଉପସ୍ଥାପନା କରିଥିଲେ । ଏଥିସହିତ ଜନକଲ୍ୟାଣ, ନିବେଶ ଆକର୍ଷଣ ଓ ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେଇ ବିକଶିତ ଝାରସୁଗୁଡା ଗଠନ ଦିଗରେ ପ୍ରଶାସନର ଦୃଢ଼ ପଦକ୍ଷେପ ନେଇ ସେ ରୋଡମ୍ୟାପ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ । ଆସନ୍ତା ପବିତ୍ର ରଥଯାତ୍ରା ପରବର୍ତ୍ତୀ ସମସ୍ତ କାର୍ଯ୍ୟ ଓ ଜନସେବା ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଟିମ୍ ଓଡ଼ିଶା ଆଭିମୁଖ୍ୟରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଏନ୍‌ଡିପିଏସ୍...

ଚାଲାଣ ଓ ଆନ୍ତଃରାଜ୍ୟ ଡ୍ରଗ୍ସ ନେଟ୍‌ୱାର୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଇଛି । ଚାଲିଥିବା ନିରନ୍ତର ଅଭିଯାନ ରାଜ୍ୟକୁ ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ବୋଲି ଡିଜିପି କାଙ୍କ ଭାଷଣରେ କହିଥିଲେ ।

ଏହି ପରିପ୍ରେକ୍ଷୀରେ ବୁଧବାର ପୋଲିସ ଭବନଠାରେ ଜାତୀୟସ୍ତରୀୟ ପାକ୍ ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟିକରଣର ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରତ ସରକାରଙ୍କ ନାକ୍ରୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ନିର୍ଦ୍ଦେଶ ଅନୁଯାୟୀ ୨୦୨୬ ମସିହା ଜୁନ୍ ୨୬ ତାରିଖରୁ ଜୁଲାଇ ୧୦ ପର୍ଯ୍ୟନ୍ତ ନ୍ୟାସନାଲ ଲେଭୁଲ୍ ପ୍ରି-ଟ୍ରାଏଲ ଡ୍ରଗ୍ସ ଡେସ୍‌ଟ୍ରକ୍‌ସନ ସ୍ପେଶିଆଲ ଡ୍ରାଇଭ୍ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି । ତେଣୁ ବୁଧବାର ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଡିଜିପି ଯୋଗଦେଇ ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ରାଜ୍ୟ ପୋଲିସର ସର୍ବୋଚ୍ଚ ପ୍ରାଥମିକତା । ନିଶା କାରବାର ଓ ଚୋରାଚାଲାଣ ବିରୋଧରେଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ଡିଜିପି ତାଙ୍କ ଅଭିଭାଷଣରେ କହିଥିଲେ । ନିଶା କାରବାର ସମ୍ପର୍କିତ ମାମଲାର ଦ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ଚାରିଟି ଏନ୍‌ଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଥିବା ଡିଜିପି କହିଥିଲେ ।

ସେହିପରି ଜଣେ ଏଡିଜି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଆଣ୍ଟି ନାକ୍ରୋଟିକ୍ସ ଟାସ୍କଫୋର୍ସ (ଏଏନ୍‌ଟିଏଫ୍) ଗଠନ କରାଯିବା ପାଇଁ ରାଜ୍ୟ ପୋଲିସ ସରକାରଙ୍କୁ ପ୍ରସ୍ତାବ ଦେଇଛି । ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟିୟୁନିଟ୍ ଏବଂ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ । ପ୍ରତିବର୍ଷ ଅତି କମ୍‌ରେ ୧୦୦ଜଣ ପ୍ରମୁଖ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଥିଲେ । ଏତଦ୍‌ବ୍ୟତୀତ ସମସ୍ତ ଡ୍ରଗ୍ସ ହଟ୍‌ସ୍ପଟ୍ ଗୁଡ଼ିକୁ ଚିହ୍ନଟ କରାଯାଇ ନିଷ୍କ୍ରିୟ କରିବାକୁ ଲକ୍ଷ୍ୟ ରଖାଯାଇଛି । ବିଶେଷ କରି ବେଆଇନ ଗଞ୍ଜେଇ ଚାଷ ପଛରେ ଥିବା ମାଷ୍ଟରମାଇଣ୍ଡ ଓ ଅର୍ଥଦାତାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଆର୍ଥିକ ତଦନ୍ତକୁ ଗୁରୁତ୍ୱ ଦିଆଯାଉଛି । ଯାହା ଦ୍ୱାରା ନିଶା ମାଫିଆଙ୍କ ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯିବ ବୋଲି ସେ କହିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଜୁଲାଇରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩,୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୧.୯୧୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ସେହି ସମୟ ମଧ୍ୟ ୨,୪୪୫ ଟି ଏନଡିପିଏସ୍ ମାମଲା ରୁଜୁ କରାଯାଇ ୪୨୧ ଟନ୍ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୫୦୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ନିଶାମୁକ୍ତ ଅଭିଯାନରେ କୋରାପୁଟ ଜିଲ୍ଲା ପୋଲିସ ବିରଳ ସଫଳତା ହାସଲ କରିଛି । ବେଆଇନ ଗଞ୍ଜେଇ ତେଲ ପ୍ରସ୍ତୁତ କରୁଥିବା ଏକୟୁନିଟ୍ ଉପରେ ଚଢ଼ାଉ କରି ପ୍ରାୟ ୧,୮୦୦ ଲିଟର ଗଞ୍ଜେଇ ତେଲ ଏବଂ ପ୍ରାୟ ୫କୋଟି ଟଙ୍କାର ଗଞ୍ଜେଇ ଜବତ କରିଥିଲା । ଗଞ୍ଜେଇ ତେଲର ମୂଲ୍ୟ ୨୨୫ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଏହି ରାକେଟ୍‌ର ଆନ୍ତଃରାଜ୍ୟ ୪ ମୁଖ୍ୟ ଅଭିଯୁକ୍ତଙ୍କୁ କେରଳରୁ ଗିରଫ କରାଯାଇଛି । ସେହିପରି କନ୍ଧମାଳ, ସୋନପୁର ଓ ପଡୋଶୀ ରାଜ୍ୟଗୁଡ଼ିକରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ ଦୁଇ ନିଶା ମାଫିଆଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି ।

ରାଜ୍ୟର ସମସ୍ତ ୩୫ଟି ପୋଲିସ ଜିଲ୍ଲାର ୫୫୦ରୁ ଅଧିକ ଥାନାରେ ନିଶା ବିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ୨୫ ହଜାରରୁ ଅଧିକ ନାଗରିକ, ୪୮୮୨ଜଣ ଛାତ୍ରଛାତ୍ରୀ ଓ ୩୩୭ ଜଣ ଶିକ୍ଷକ ସକ୍ରିୟ ଭାବେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇଛନ୍ତି । ଖୋର୍ଦ୍ଧା, ଅନୁଗୁଳ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗୀର, କୋରାପୁଟ ଓ ସୁନ୍ଦରଗଡ଼ସ୍ଥିତ ୭ଟି ଅନୁମୋଦିତ ଇନ୍‌ସିନେରେଟର କେନ୍ଦ୍ରରେ ପ୍ରାୟ ୮୦ଟନ୍ ଗଞ୍ଜେଇ, ୧୧.୪କିଲୋଗ୍ରାମ୍ ବ୍ରାଉନସୁଗର ଏବଂ ୩.୬୩୮ ବୋତଲ କପ୍ ସିରପ ବିନଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୪୧୦ କୋଟି ଟଙ୍କା ହେବ । ଅଭିଯୋଗ ଆରମ୍ଭ ହେବା ପରଠାରୁ ୩୬ ଟନ୍ ଗଞ୍ଜେଇ ସଫଳତାର ସହ ବିନଷ୍ଟ କରାଯାଇଥିବା ବେଳେ ଅବଶିଷ୍ଟ ଜବତ ମାଦକଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟାରେ ପର୍ଯ୍ୟାୟ କ୍ରମେ ଧ୍ୱଂସ କରାଯିବ । ଏହି କାର୍ଯ୍ୟକ୍ରମରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, ଆଇନଜି କ୍ରାଇମ୍‌ବ୍ରାଞ୍ଚ ଡଃ ସାର୍ଥକ ଷଡଙ୍ଗୀ, ଡିଆଇଜି କନଓ୍ୱାର ବିଶାଳ ସିଂଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ଦୋହାରେ...

ସିଧାସଳଖ କଥାବର୍ତ୍ତା ପାଇଁ ସୂଚନା ଦେଇଥିଲେ । ମାତ୍ର ଇରାନ ପକ୍ଷରୁ ପ୍ରତ୍ୟକ୍ଷ କଥାବର୍ତ୍ତାକୁ ମନା କରାଯାଇଥିଲା । ଏହି କଥାବାର୍ତ୍ତାରେ ବୁଝାମଣାପତ୍ରରେ ଥିବା ସର୍ତ୍ତକୁ ନେଇ ଆଲୋଚନା ହେଉଛି ।

## ବିଧାୟକଙ୍କୁ...

ବାଚସ୍ପତିଙ୍କ ବିରୋଧରେ ଆସିବାକୁ ଥିବା ଅନାସ୍ଥାପ୍ରସ୍ତାବରେ ସାମିଲ ହେବାକୁ କୁହାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ଡିଏମ୍‌କେ ବିଧାୟକଙ୍କର ନିକଟତର ବୋଲି କୁହାଯାଇଛି । ଟିଭିକେ ମନ୍ତ୍ରୀ ନିର୍ମଳ କୁମାର ଡିଏମ୍‌କେକୁ ସମାଲୋଚନା କରିଛନ୍ତି । ଏଭଳି କାର୍ଯ୍ୟ ପାଇଁ ସମାଲୋଚନା କରିବା ସହ ପୋଲିସ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିବା ସହ ଯେଉଁମାନେ ଏଥିରେ ସମ୍ପୃକ୍ତ ଗିରଫ କରାଯିବ ବୋଲି କୁହାଯାଇଛି । ମନ୍ତ୍ରୀ ଆହୁରି କହିଛନ୍ତି ଯେ ଏଆଇଏଡିଏମ୍‌କେ ମୁଖ୍ୟ କେ ପାଲାନିସ୍ୱାମୀ ମଧ୍ୟ ବିଜୟଙ୍କ ନେତୃତ୍ୱାଧୀନ ସରକାରକୁ ଭାଙ୍ଗିବାକୁ ଚାହୁଁଛନ୍ତି । ଡିଏମ୍‌କେ ପକ୍ଷରୁ ଏହା ଏକ ଅମୂଳକ ଅଭିଯୋଗ ବୋଲି କୁହାଯାଇଛି । ଟିଭିକେ କେବଳ ଲୋକଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି କରିବାକୁ ଚାହୁଁଛି ।

## ଭିବିଜିରାମ୍‌ଜିକୁ ବିରୋଧ କରି ରାଷ୍ଟ୍ରପତିଙ୍କୁ ଦାବିପତ୍ର

ନୀଳଗିରି ,(ସବ୍ୟୁ):। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଶ୍ରମିକ, କୃଷକ ଓ ଗରିବ ଲୋକଙ୍କ ଉପରେ ଆକ୍ରମଣ କରୁଛି । ପୂର୍ବରୁ ମନରେଗା ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଏହାଦ୍ୱାରା ସାଧାରଣ ଗରିବ, କୃଷକ, ଶ୍ରମିକ ମାନେ କାମର ଗଯାରେଣ୍ଟି ପାଉଥିଲେ । ବର୍ତ୍ତମାନ ମନରେଗା ଯୋଜନାକୁ ବଦଳାଇ ଭିବିଜିରାମଜି ଯୋଜନା କାର୍ଯ୍ୟକାରୀ କରୁଛି । ଫଳରେ ଶ୍ରମିକ କୃଷକମାନେ କାମର ଗ୍ୟାରେଣ୍ଟି ପାଇବା ପରିବର୍ତ୍ତେ କର୍ମସଂସ୍ଥାନ ହରାଇବେ । ଏହାକୁ ବିରୋଧ କରି ସିଆଇଟିୟୁ କୃଷକ ସଭା, କ୍ଷେତ ମଜଦୁରୟୁନିଅନ ନୀଳଗିରି ଶାଖା ତରଫରୁ ସିଟୁ ବାଲେଶ୍ୱର ଜିଲ୍ଲା କମିଟି ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ରାଷ୍ଟ୍ରପତି ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ, ନୀଳଗିରିଙ୍କ ମାଧ୍ୟମରେ ଦାବୀପତ୍ର ପ୍ରଦାନ କରାଯିବା ସହିତ ପ୍ରତିବାଦ ସଭା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ନାରାୟଣ ଧମୁଡ଼ିଆ ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

## କୃଷକ ଏକତା ପଦଯାତ୍ରାକୁ ନେଇ ପଞ୍ଚାୟତସ୍ତରୀୟ ବୈଠକ

ବେତନଟୀ ,(ସବ୍ୟୁ): ନବନିର୍ମାଣ କୃଷକ ସଂଗଠନ ତରଫରୁ ବେତନଟୀ ବ୍ଲକ ନଡ଼ପୁର ଓ ନୁଆଗାଁ ପଞ୍ଚାୟତରେ କୃଷକ ଏକତା ପଦଯାତ୍ରାକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଭାରୀ ଚିନୁ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ୨୦୨୪ ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶୃତି ମଧ୍ୟରୁ ନିଶାମୁକ୍ତ ଓଡ଼ିଶା ଗଠନ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ବେକାରୀ ସମସ୍ୟା,ବିଜୁଳି ଛାଡ଼,ଶୀତଳ ଭଣ୍ଡାର, ଜଳସେଚନ,ଧାନ ମଣ୍ଡିରେ କାଟେଣି ବନ୍ଦ, ସାର କଳାବଜାରୀ ବନ୍ଦ , ଦୁର୍ନୀତି ମୁକ୍ତ ଓଡ଼ିଶା ଗଠନ କାର୍ଯ୍ୟରେ ଅସଫଳ ହେବା ବିଷୟରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ଏହା ସହ କୃଷକ ଏକତା ପଦଯାତ୍ରା ମାଧ୍ୟମରେ ସରକାର ଦେଇଥିବା ପ୍ରତିଶୃତିକୁ କାର୍ଯ୍ୟକାରୀ କରେଇବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଭାରୀ ଚିନୁ ଦାଶ ବୈଠକରେ ଆଲୋଚନା କରିଥିଲେ । ଛାତ୍ର ନେତୃତ୍ୱ ଏମ ଡ଼ି ମନଓ୍ୱର ଅଲ୍ଲି ସଭାରେ ଯୋଗଦେଇ ରାଜ୍ୟର ସରକାର କେବଳ ପୁଞ୍ଜିପତି କମ୍ପାନୀ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ କରିଥିଲେ । ଏହା ସହ ଜଙ୍ଗଲ ଜଳ ଜମି ଓ ଖଣିର ଲୁଟକୁ ଅଟକାଇବା , ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାର ତୁରନ୍ତ ବିଜ୍ଞପ୍ତି ଆଣିବା, ବାର୍ଦ୍ଧକ୍ୟ (୬୦ ବର୍ଷରୁ), ବିଧବା ଓ ବିକଳାଙ୍ଗ ଭତ୍ତା ୩୫୦୦ ଟଙ୍କା କରି, ଭତ୍ତା ପଂଚାୟତରେ ପ୍ରଦାନ କରିବା ,୬୦ ବର୍ଷରୁ ଚାଷୀ ସୁରକ୍ଷା ଭତ୍ତା ୧୦୦୦୦ ଟଙ୍କା କରାଯିବା , ଭାଗ ଚାଷୀ ଆଇନ ଲାଗୁ ଓ ଧାନ ମଣ୍ଡିରେ ବିକ୍ରି କରିବା ପାଇଁ ଅନଲାଇନ କୁ ସରଳିକରଣ କରିବା , ପ୍ରତ୍ୟେକ ଚାଷ ଜମିକୁ ଜଳସେଚିତ କରାଯିବା, ହାତୀ ସମସ୍ୟାର ସମାଧାନ ପାଇଁ ଜଙ୍ଗଲ ଜମିରେ ସୋଲାର ତାର ଲଗାଯିବା , ଚାଷୀଙ୍କୁ ସମ୍ପୂର୍ଣ ବିଜୁଳି ଶୁ୍ୱ ମୁକ୍ତ କରାଯାଉ ଏବଂ ସାଧାରଣ ବିଦ୍ୟୁ ଉପଭୋକ୍ତାଙ୍କୁ ୧୦୦ୟୁନିଟ ଛାଡ କରାଯାଉ ଏବଂ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ଉଚ୍ଛେଦ କରାଯିବା, ପ୍ରତ୍ୟେକ ବ୍ଲକରେ ଶିତଳ ଭଣ୍ଡାର ବ୍ୟବସ୍ଥା କରିବା , ବେକାରୀ ସମସ୍ୟାର ମୂଳୋତ୍ପାଟନ କରିବା ଏବଂ ମାଟିର ଜୈବିକ ଉର୍ବରତା ବଢାଇବା ପାଇଁ ପ୍ରାକୃତିକ କୃଷି ଓ ଦେଶୀ ଗାଈର ବିକାଶ ପାଇଁ ସତନ୍ତ୍ର ବଜେଟ ପ୍ରସ୍ତୁତ କରାଯିବା ଭଳି ୧୦ଟିକିଆ ଦାବିକୁ ନେଇ ସମସ୍ତ ଯୁବକ କୃଷକ ବୁଦ୍ଧିଜିବୀ ମାନଙ୍କୁ ଜୁଲାଇ ୬ ସକାଳ ୧୦ ଘଟିକା ସମୟରେ ଏକତ୍ରିତ ହୋଇ ମଧୁବନ ପଡ଼ିଆ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ କୃଷକ ଏକତା ଯାତ୍ରା ଯୋଗଦାନ କରିବାକୁ ଉପସ୍ଥିତ ସଦସ୍ୟ ଆହ୍‌ଓ୍ୱାନ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ବ୍ଲକ ସଭାପତି ପ୍ରଶାନ୍ତ କରଣ, ଶ୍ରବଣ ଛାଟିଆ,ହରିଶ୍ଚନ୍ଦ୍ର ଦାସ,ଜୟନ୍ତ ମହାନ୍ତି,ହରିଶ୍ଚନ୍ଦ୍ର ସାହୁ, ଗୌରାଙ୍ଗ ସାହୁ,ବିମଳ କରଣ,ସୁନିଲ ପାତ୍ର, ସନ୍ତୋଷ କବାଟ,ପ୍ରଣବ ନନ୍ଦି,ସରୋଜ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।


**AFFIDAVIT**

By virtue of an affidavit Notary Public, Jajpur. dated- 22.06.2026. I, Sanjukta Dhal, Aged (66), D/o- Bhabani Behera, W/o- Late Binakar Dhal, Resident of At- Kalamatia, Po- Kaipada, Ps- Bari- Ramachandrapur, Dist- Jajpur- 755010. Declare that I have changed my name from Sanjuta Dhal to Sanjukta Dhal. Henceforth, I shall be known as Sanjukta Dhal for all purposes.

Sd/- Sanjukta Dhal

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG-7

ଷ୍ଟେସନ ଏବଂ ସ୍ଥାନ : (1) ହେଙ୍କାଳାଳ - ଦୁଇ ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (2) ମଞ୍ଚେଶ୍ୱର - ମିଶ୍ରିତ (2-ସହ-4 ଚକିଆ (ପରିଚଳନ କ୍ଷେତ୍ରରେ), (3) ଡାକବେର ରୋଡ୍ - ମିଶ୍ରିତ (2-ସହ-4 ଚକିଆ (ପରିଚଳନ କ୍ଷେତ୍ରରେ), (4) ପାରାଦୀପ - (2-ସହ-4 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 10.07.2026, 1500 ଘଟିକା (ସମସ୍ତ କ୍ରମ ସଂ. ପାଇଁ), ନିଲାମ ବନ୍ଦ ହେବା ତାରିଖ ଓ ସମୟ : 10.07.2026, 1530 ଘଟିକା (କ୍ରମ ସଂ. 1 ପାଇଁ), 1540 ଘଟିକା (କ୍ରମ ସଂ. 2 ପାଇଁ), 1550 ଘଟିକା (କ୍ରମ ସଂ. 3 ପାଇଁ) ଏବଂ 1600 ଘଟିକା (କ୍ରମ ସଂ. 4 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଅଗାମୀ ଇ-ଅକ୍ସନ ଲିଜିଙ୍ଗ୍ ଟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-274/R/26-27

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 29/06/2026, I, Chittaranjan Das, resident of At- Kamalpur, Chasikhanda, P.O-Purana, P.S- Biridi, Dist-Jagatsinghpur, Odisha, PIN-754102, currently residing at- EB-15. Stage-1, Laxmisagar Brit Colony, Laxmisagar, Bhubaneswar, Dist-Khordha, Odisha, PIN-751006, declare that I have changed my name from Chittaranjan Mallick to Chittaranjan Das. Henceforth, I shall be known as Chittaranjan Das for all purposes.

Chittaranjan Das

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 23.06.2026 I, Gitarani Mishra W/o - Umakanta Mishra Resident of At- Chandrasekharpur P.O- Gambharidihi P.S- Itamati Dist- Nayagarh, PIN-752079 declare that I have changed my name from Gitanjali Mishra to Gitarani Mishra Henceforth, I shall be known as Gitarani Mishra for all purposes.

Sd/- Gitarani Mishra

**AFFIDAVIT**

By virtue of an affidavit Notary Public, Cuttack dated- 30.06.2026 I, Kavita Maheswari address B.K. Road, Opp. HDFC Bank, Cuttack- 753001 declare that I have changed my name from Kavita Gilra to Kavita Maheswari. Henceforth, I shall be known as Kavita Maheswari for all purposes.

(Kavita Maheswari)

**AFFIDAVIT**

I ASHISH KUMAR NAIK H/O - NEELIMA NAIK, AT/PO-BHAINSA PIN-767048 DIST- BALANGIR ORISSA DECLARE THAT MY WIFE'S NAME HAS BEEN WRONGLY RECORDED AS" NEELIMA NAIK" IN MY ARMY SERVICE BOOK MY WIFE'S CORRECT NAME IS" NEELIMA PATEL" AS PER HER ADHAAR CARD NO-XXXX XXXX 8657. HENCEFORTH, BOTH THE NAME "NEELIMA NAIK" AND "NEELIMA PATEL "SHELL BE TREATED AS ONE AND THE SAME PERSON i.e HERSELF

25001/598/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
e-Mail-eerw_kuchinda@yahoo.com

**1st Corrigendum to Bid identification**
**No. Tender online 05/ RWD/ Kuchinda / 2026-27**

Due to unavoidable circumstances, the following changes have been made in this office Bid identification no tender online 05/ RWD/ Kuchinda / 2026-27

The following changes have been made :-

| Procurement Officer | Bid Identification No. | Availability of Tender Online for Bidding | | Last date & Time for seeking clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer Rural Works Division, Kuchinda | Tender Online 05/RWD/ KCD | 10.07.2026 (11.00 AM) | 23.07.2026 (5.00 PM) | 22.07.2026 | 24.07.2026 | To be intimated later |

All other terms and conditions remain unchanged.

Further details can be seen from the e-procurement portal www.tendersodisha.gov.in

Sd/- Superintending Engineer, Rural Works Division, Kuchinda

OIPR : 25001/25151/1/26-27/0007

32001/474/2627

**Govt. of Odisha**
**Department of Water Resources**
**Superintending Engineer, MI Division, Khordha**

**Tender Call Notice**

E-mail:eemidkhurda@yahoo.co.in

Tender Notice No. 04 Letter No-3197 Dt. 30.06.2026

Sealed Tenders are invited from reputed and registered service providers / Agencies for providing services of Peons/Chowkidars/ Sweeper-cum-Watchmen (Unskilled labour) on outsourcing basis for day-to-day smooth functioning of official work in the office of Chief Engineer, Minor Irrigation. Odisha. Bhubaneswar and office of Superintending Engineer, MI Division. Khordha of 01 (One) Year from date of award of work order.

Detailed information regarding Outsourcing of the aforesaid services is available in e-Procurement Portal https://tendersodisha.gov.in .The bidders are required to submit their bids electronically on the e-Tender Portal using a valid Digital Signature Certificate (DSC). The bids will be available online from 03.07.2026 to **12.07.2026** upto **5 P.M.** and will be opened on the same day i.e. on **12.07.2026 at 5:30 P.M.**

The undersigned reserves the right to accept or reject any or all tenders without assigning any reason thereof

Sd/- Superintending Engineer MI Division, Khordha

OIPR : 32001/32042/1/26-27/0002

**OFFICE OF THE MUNICIPAL COUNCIL, JATNI**
PHONE-0674-2490826. MAIL-MUNICIPALITYJATNI@GMAIL.COM
NO : 3680 / DATE. 30/06/2026

13001/1028/2627

**"E" PROCUREMENT NOTICE**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1. | Tender Reference No | : | EO/JMC/092/2026-27 |
| 2. | Tender I.D No. | : | 2026_ORULB..............pack 1 |
| 3. | Name of the Work | : | Civil Construction works as mentioned in website |
| 4. | No. of works | : | 2 nos |
| 5. | Estimated Cost | : | Rs. 1,99,040.00 |
| 6. | Period of Completion | : | 30 days |
| 7. | Date and Time of Bidding | : | From 1.07.2026,11:00 A.M to 10.07.2026, 05:30 P.M |
| 8. | Last date and time for receipt Of bids in the portal | : | Dt.10.07.2026 up to 05:30 P.M |
| 9. | Bids received online shall be opened on | : | Dt.13.07.2026 at 11.00 A.M |
| 10. | Name and address of the Officer inviting Bid | : | Executive Officer, Jatni Municipality |

Further details can be seen from the procurement portal i.e. www.tendersorissa.gov.in

Sd/- Executive Officer Jatni Municipality

OIPR : 13001/13041/1/26-27/0012

**OFFICE OF THE HEAD MASTER, KASTURBA GANDHI BALIKA VIDYALAYA, NUAPADA OF NUAPADA BLOCK SAMAGRA SHIKSHA, NUAPADA**

27001/88/2627 No. 86 // Date. 30.06.26 //

**TENDER CALL NOTICE**

Sealed Tender are hereby invited from the intending Registered and reputed Firms/ Suppliers having valid GST registration for supply of different Categories of items, i.e. Grocery items (Category-A), Educational & Stationary items (Category-B) AND Cosmetics & dress items (Category-C) to KGBV Hostel of Nuapada, Nuapada Block of Nuapada District. The Tender notice along with detailed terms and conditions, related documents, list of items to be supplied & applying process etc. can be downloaded from the official website of Nuapada district www.nuapada.odisha.gov.in and form OSEPA website www.osepa.odisha.gov.in between dt. 30.06.2026 to dt 20 .07.2026. The sealed Tender papers completed in all respects along with requisite documents, Tender paper cost & EMD in shape of Bank Draft/ Bankers Cheque must be submitted to KGBV, Nuapada on or before dt 20.07.2026 by 5 P.M through Regd./ Speed post only. The Tender will be opened on dt. 23.07.2026 at 11 A.M at office of the H.M, KGBV, Nuapada of Nuapada Block, Nuapada district.

The undersigned reserve the right to reject any tender in whole or in part without assigning any reason thereof. Any dispute in the process be subject to the court jurisdiction of Nuapada District.

Sd/- Head Mistress (I/C) KGBV, Nuapada

OIPR : 27001/27254/1/26-27/0001



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜାନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

## ଓଇଏସ୍ ଓ ଓୟୁଟିଆର୍‌ର ବନ ମହୋତ୍ସବ

# 'ସବୁଜ ପଦକ୍ଷେପ ହିଁ ପୃଥିବୀକୁ ସୁସ୍ଥ ରଖିବ

ଭୁବନେଶ୍ୱର, (ସବ୍ୟୁ) : ବର୍ତ୍ତମାନ ପୃଥିବୀ ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଅବକ୍ଷୟ, ପ୍ରଦୂଷଣ ଏବଂ ଜୈବବିବିଧତାର ହ୍ରାସ ସମେତ ଗମ୍ଭୀର ପରିବେଶଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଏହି ସମସ୍ୟାଗୁଡ଼ିକ ମଣିଷ, ବନ୍ୟପ୍ରାଣୀ ଏବଂ ଭବିଷ୍ୟତ ପିଢ଼ିର କଲ୍ୟାଣ ନିମନ୍ତେ ଯଥେଷ୍ଟ ବିପଦ ସୃଷ୍ଟିର କାରଣ ହେଉଛି। ଏହି ଆହ୍ୱାନଗୁଡ଼ିକର ମୁକାବିଲା ନିମନ୍ତେ ନିରନ୍ତରତା ଏବଂ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରୁଥିବା ସବୁଜ ପଦକ୍ଷେପ ମାଧ୍ୟମରେ ସାମୂହିକ ପ୍ରୟାସ ହେବା ଆବଶ୍ୟକ। ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ମିଳିତ ଅନୁକୂଲ୍ୟରେ ଆୟୋଜିତ ବନ ମହୋତ୍ସବ ୨୦୨୬ ପାଳନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଏହି ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ଚଳିତ ବର୍ଷର ଜାତୀୟ ପ୍ରସଙ୍ଗ, "ସବୁଜ ପଦକ୍ଷେପ ମାଧ୍ୟମରେ ପୃଥିବୀକୁ ସୁସ୍ଥ ରଖିବା" ଉପରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ହାଉସ୍ ଅଫ୍ ନେଚର ଏନ୍‌ଭାର୍ୟ୍ମେଣ୍ଟ ସୋସାଇଟି ଟ୍ରଷ୍ଟ




(ଅନେଷ୍ଟ) ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ (ଏସ୍‌ଭିଏଲ୍‌ଏସ୍) ସହଯୋଗ କରିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ଓୟୁଟିଆର୍ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ପ୍ର. ବିଶ୍ୱାଳ ବିଶ୍ୱବିଦ୍ୟାଳୟ ପରିସରରେ ଗ୍ରହଣ କରାଯାଇଥିବା ସବୁଜ ପଦକ୍ଷେପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ବୃହତ ବୃକ୍ଷରୋପଣ ମାଧ୍ୟମରେ କ୍ୟାମ୍ପସକୁ ସବୁଜିମା ପୂର୍ଣ୍ଣ କରିବା ସହିତ, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା, ଜଳ ଏବଂ ଶକ୍ତି ସଂରକ୍ଷଣ କରିବା, ପୁନଃଚକ୍ରଣକୁ ପ୍ରୋତ୍ସାହିତ କରିବା ଏବଂ ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା ସୁନିଶ୍ଚିତ କରିବା ଉପରେ ପ୍ରୟାସ କରାଯିବା ଉଚିତ। ସଭାପତିତ୍ୱ ଭାଷଣରେ, ଡ. ପାଣିଗ୍ରାହୀ ପରିବେଶଗତ ଗୁଣବତ୍ତା ବଜାୟ ରଖିବା ଏବଂ ଅତ୍ୟାବଶ୍ୟକ ପରିସଂସ୍ଥା ସେବା ପ୍ରଦାନ କରିବାରେ ଉଦ୍ଭିଦ ଏବଂ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ବ୍ୟାପକ ସଂଖ୍ୟାରେ ବୃକ୍ଷରୋପଣ କରିବା ଅଙ୍ଗାରକାମ୍ଳ ଶୋଷଣ କରିବାରେ, ଅମ୍ଳଜାନ ମୁକ୍ତ କରିବାରେ, ବାୟୁ ବିଶୁଦ୍ଧ କରିବାରେ ଏବଂ ବନ୍ୟପ୍ରାଣୀଙ୍କ ପାଇଁ ବାସସ୍ଥାନ ଯୋଗାଇବାରେ ସାହାଯ୍ୟ କରେ। ପୂର୍ବତନ ପିସିସିଏଫ୍ (ବନ୍ୟପ୍ରାଣୀ) ଡ. ବିଜୟ କେତନ ପଟ୍ଟନାୟକ ନିଜର ବର୍ଣ୍ଣନା କରି ଜୈବବିବିଧତାକୁ ସଂରକ୍ଷଣ ଏବଂ ସମୃଦ୍ଧ କରିବା ନିମନ୍ତେ ଜଙ୍ଗଲ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବର୍ତ୍ତମାନ ଓୟୁଟିଆର୍) ର ପୂର୍ବତନ ଡିନ୍ ପ୍ରଫେସର ବି. ଏସ୍. ପାତ୍ର ସବୁଜଗୃହ ବାଷ୍ପ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା ପାଇଁ ସୌର, ପବନ ଏବଂ ଜଳବିଦ୍ୟୁତ ଭଳି ନବୀକରଣୀୟ ଶକ୍ତି ଉତ୍ସ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ଭିଏଲ୍‌ଏସ୍ ଉପାଧ୍ୟକ୍ଷ ପ୍ରଫେସର ପ୍ରଳୟ କୁମାର ନନ୍ଦ ସଂଗଠନ ଦ୍ୱାରା ଗ୍ରହଣ କରାଯାଇଥିବା ସବୁଜ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ, ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପରିବେଶ ସୁରକ୍ଷା ନିମନ୍ତେ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବାର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଓୟୁଟିଆର୍ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ର. ଟ୍ୱିଙ୍କଲ୍ କିସ୍କୁ ଧନ୍ୟବାଦ ପ୍ରସ୍ତାବ ଅର୍ପଣ କରିଥିଲେ।

## ଜିଲ୍ଲା ମହିଳା କଂଗ୍ରେସର ସାଙ୍ଗଠନିକ ବୈଠକ

# ମହିଳାଙ୍କ ସୁରକ୍ଷା, ବସ୍ତି ବାସିନ୍ଦାଙ୍କ ଦୂରାବସ୍ଥା ନେଇ ଲଢ଼େଇ ହେବ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ଶ୍ରୀୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମହିଳା କଂଗ୍ରେସର ସାଙ୍ଗଠନିକ ବୈଠକ ସାଲିଆ ସାହିର ବାଜପେୟୀ ନଗରସ୍ଥିତ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଖିଳ ଭାରତ ମହିଳା କଂଗ୍ରେସର ସମ୍ପାଦିକା ରୀତା ପଣ୍ଡା ଯୋଗ ଦେଇ କହିଲେ ଯେ, ଖୁବ୍‌ଶୀଘ୍ର ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସର ଜିଲ୍ଲା କମିଟି, ବ୍ଲକ କମିଟି ଓ ବୁଥ୍ କମିଟି ଗଠନ ହେବ । ଭୁବନେଶ୍ୱରରେ ମହିଳା ମାନଙ୍କର ସୁରକ୍ଷା, ବସ୍ତି ବାସିନ୍ଦାଙ୍କ ଦୂରାବସ୍ଥା, ବିପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା ଓ ଡ୍ରେନ ସମସ୍ୟା ଆରମ୍ଭ କରି ଉଠା ଦୋକାନୀଙ୍କ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ମହିଳା କଂଗ୍ରେସ ସାଧାରଣ ଜନତାର ଅଧିକାର ଓ ସୁରକ୍ଷା ପାଇଁ ଲଢ଼େଇ କରିବ । ବିଶେଷ କରି ଭୁବନେଶ୍ୱରରେ ମହିଳାମାନଙ୍କର ଅଧିକାର ଏବଂ ମହିଳାମାନଙ୍କର ଯେଉଁ ସମସ୍ୟା ରହିଛି ତାକୁ ସମାଧାନ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ ହେବ । କାର୍ଯ୍ୟକ୍ରମରେ ୩୩ପ୍ରତିଶତ ମହିଳା ସଂରକ୍ଷଣ ପାଇଁ ଦସ୍ତଖତ ଅଭିଯାନ ଏବଂ ମିସ୍ କଲ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଅଖିଳ ଭାରତ ମହିଳା କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦିକ ରୀତା



ପଣ୍ଡା ଏବଂ ପ୍ରଦେଶ ମହିଳା କଂଗ୍ରେସ ଗଣମାଧ୍ୟମର ଅଧ୍ୟକ୍ଷା ଜୟସ୍ମିତା ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାରେ ନାରୀମାନଙ୍କ ସମସ୍ୟା ଏବଂ ରାଜ୍ୟ ବିଜେପି ସରକାରର ଉଦାସୀନତା ସଂପର୍କରେ ଆଲୋକପାତ କରିଥିଲେ । ଶ୍ରୀମତୀ ପଣ୍ଡା କହିଥିଲେ ଯେ ଓଡ଼ିଶାରେ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମ ଶିକାର ହେଉଥିବାବେଳେ ପ୍ରଶାସନ ପୀଡିତାକୁ ନ୍ୟାୟ ଦେବାରେ ଉଦାସୀନତା ପ୍ରଦର୍ଶନ କରୁଛି । ଓଡ଼ିଶାରେ ୬୦ ହଜାର ମହିଳା ଓ ଶିଶୁ ନିଖୋଜ ଥିବାବେଳେ ସେମାନଙ୍କୁ ଖୋଜିବାକୁ ସରକାର ଚିନ୍ତିତ ନୁହଁନ୍ତି । ସରପଞ୍ଚ ଚାମେଲୀ ଓଝା ଘଟଣାରେ ସ୍ଥାନୀୟ ବିଧାୟକ, ବିଡିଓ, ଥାନା ଅଧିକାରୀଙ୍କ ଉପରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ମୟୂରଭଞ୍ଜ, ବାଲେଶ୍ୱର ଓ ନୟାଗଡ ଜିଲ୍ଲାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ୨ ଜୁଲାଇ ରୁ ୪ ଜୁଲାଇ ତାରିଖ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟକ୍ରମ ରହିଛି ଏଥିରେ ମହିଳା ସଂରକ୍ଷଣ ମୁଖ୍ୟ ପ୍ରସଙ୍ଗ ବୋଲି ଶ୍ରୀମତୀ ପଣ୍ଡା କହିଛନ୍ତି । କାର୍ଯ୍ୟକ୍ରମରେ ପ୍ରଣତୀ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ସିଲୀ ସେଠୀ, ଲଳିତା ନାୟକ, ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ସାମିଲ ଥିଲେ ।

# ହାଇଟେକ୍ ମେଡିକାଲ୍ କଲେଜ୍‌ରେ ଜାତୀୟ ଡାକ୍ତର ଦିବସ

ଭୁବନେଶ୍ୱର, (ସବ୍ୟୁ) : ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ ପରିସରରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଛି । ଚଳିତ ବର୍ଷର ଥିମ୍ ର ରହିଥିଲା " ବିହାଇଣ୍ଡ ଦି ମାସ୍କ, ହୁ ହିଲ୍ସ ଦି ହିଲର୍ସ" ଅର୍ଥାତ ମାସ୍କ ପଛର କାହାଣୀ, ସେବା କରୁଥିବା ଡାକ୍ତରମାନଙ୍କୁ କିଏ ସୁସ୍ଥ ରଖେ? ଡାକ୍ତର ମାନଙ୍କର ମାନସିକ ଓ ଶାରୀରିକ ଏବଂ ସେମାନଙ୍କ ନିରନ୍ତର ସେବା ପଛରେ ଥିବା ସଂଘର୍ଷକୁ ସମ୍ମାନ ଜଣାଇ ଏହି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା ହାଇଟେକ୍ ଗ୍ରୁପ୍ ର ପ୍ରତିଷ୍ଠାତ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ନେତୃତ୍ୱରେ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ରୋଗୀଙ୍କ ଉତ୍ତମ ସେବା ସହ ଡାକ୍ତରଙ୍କ ସ୍ୱାସ୍ଥ୍ୟ ଓ କ୍ୟାରିୟର ଉପରେ ସର୍ବାଧିକ ଗୁରୁତ୍ୱ ଦେଇଆସିଛି। କାର୍ଯ୍ୟକ୍ରମରେ ମେଡିକାଲ୍ କଲେଜ୍ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର, ମେଡିକାଲ୍ ଅଧିକ୍ଷକ ଓ ପ୍ରାଶାସନିକ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ଯୋଗଦେଇ ଡାକ୍ତରୀ ପେଶା ଓ ନିଜ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବାକୁ ଉପସ୍ଥିତ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ସମାଜରେ ଡାକ୍ତରୀ ପେଶାକୁ ଅତ୍ୟନ୍ତ ସମ୍ମାନର ସହ ଗ୍ରହଣ କରାଯାଉଥିବା ବେଳେ, ରୋଗୀସେବାରେ ନିଜକୁ ସଂପୂର୍ଣ୍ଣ ସମର୍ପିତ କରିଥିବା ଡାକ୍ତର ନିଜ ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ବେଳେବେଳେ ଅବହେଳା କରିଦେଇଥାନ୍ତି ।କିନ୍ତୁ, ପ୍ରଥମେ ନିଜ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ସଜାଗ ରହିଲେ ହିଁ ସମାଜର ଉତ୍ତମ ସେବା କରିପାରିବେ ବୋଲି ପ୍ରଫେସର ମହାପାତ୍ର କହିଥିଲେ । କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ୍ ସମସ୍ତ ବିଭାଗୀୟ ମୁଖ୍ୟ, ପ୍ରଫେସର ଓ ଡାକ୍ତରମାନେ ଯୋଗଦେଇଥିଲେ ।




## ଭିଏସ୍‌ଏସ୍ ନଗର ଭାଗବତ ଟୁଙ୍ଗିରେ

# କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଓ ସ୍ନାନ ପୂର୍ଣ୍ଣିମା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଭି.ଏସ୍.ଏସ୍. ନଗରସ୍ଥିତ ରାଧାରାଣୀ ମହିଳା ଭାଗବତ ଟୁଙ୍ଗି ପରିସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଆନୁକୂଲ୍ୟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା (ପ୍ରକାଶ ଦିବସ) ଏବଂ



ଓଡ଼ିଶାର ଗୌରବ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୧ ତମ ରାଜ୍ୟାଭିଷେକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ସଭାପତି ଡ଼. ନାରାୟଣ ମହାପାତ୍ର, ବିଜୟ ମୋହନ ପଣ୍ଡା, ଭାରତୀ ଭୂଷଣ ପଟ୍ଟନାୟକ ଓ ଶ୍ରୀନିବାସ ରାଓ ମନୋରମା ପାତ୍ର କଳ୍ପତରୁ ମହାନ୍ତି ଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମହତ୍ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ପଠନ କରିଥିଲେ। ଏହି ଅବସରରେ ବକ୍ତାମାନେ ଗଜପତି କପିଳେନ୍ଦ୍ର ଦେବଙ୍କ ବୀରତ୍ୱ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

# ବ୍ରାଉନସୁଗର ମାଫିଆକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ, ୧ ଲକ୍ଷ ଜରିମାନା

ବାଲେଶ୍ୱର ,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱଶର ଥାନା ଲକ୍ଷ୍ମଣନାଥ ରୋଡ଼ ସ୍ଥିତ ଏକ ଗ୍ୟାରେଜ ନିକଟରୁ ୨୦୨୧ ମସିହାରେ ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ)୧୫୩୦ ଗ୍ରାମ ବ୍ରାଉନସୁଗାର ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର ଦିନ ଏହି ମାମଲାର ଚୂଡ଼ାନ୍ତ ରାୟ ଜଳେଶର ସ୍ପେଶାଲ କୋର୍ଟଙ୍କ ଦାରା ପ୍ରକାଶ ପାଇଛି । କୋର୍ଟ ତାଙ୍କ ରାୟରେ ମାମଲାର ଅଭିଯୁକ୍ତ କୁହାଯାଉଥିବା ଜଳେଶର ମ୍ୟୁନିସିପାଲିଟି ଅଧୀନସ୍ଥ ଝାଡେଶ୍ୱରପୁର ଗାଁର ମୁନାଫ ହୋସେନ(୩୩) କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ୨୦୨୧ ମସିହା ମାର୍ଚ୍ଚ ମାସ ୮ ତାରିଖରେ ଏକ ସୂଚନା ଆଧାରରେ ସ୍ପେଶାଲ ଟାସ୍କ ଫୋର୍ସର ଏକ ଟିମ ଜଳେଶ୍ୱର ଥାନା ଅଧୀନସ୍ଥ ଲକ୍ଷ୍ମଣନାଥ ରୋଡ଼ର ଏକ ଗ୍ୟାରେଜ ନିକଟରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ମୁନାଫ ହୋସନ ଠାରୁ ପଲିଥିନ ପ୍ୟାକେଟରେ ଥିବା ୧୫୩୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇଥିଲା । ଏନେଇ ଏସଟିଏଫ ଇନ୍ସପେକ୍ଟର ସରିତା ବେଉରିଆଙ୍କ ଲିଖିତ ଅଭିଯୋଗ ଆଧାରରେ ଏସଟିଏଫ ମୁନାଫଙ୍କୁ ଗିରଫ କରି କରି ୯/୨୦୨୧ ନମ୍ବରର ଏକ ମାମଲା ରୁଜୁ କରିଥିଲା ।ଇନ୍ସପେକ୍ଟର ସୁନିତା ପ୍ରଧାନ ମାମଲାର ତଦନ୍ତଭାର ନେଇଥିଲେ । ସେହିଦିନ ଠାରୁ ମୁନାଫ ଜେଲରେ ରହିଥିବା ବେଳେ ସ୍ପେଶାଲ କୋର୍ଟରେ ଏହି ମାମଲାର ବିଚାର ଚାଲିଥିଲା । ବିଚାରପତି ଅଜୟ କୁମାର ପ୍ରଧାନ ଏହି ମାମଲାର ଚୂଡ଼ାନ୍ତ ରାୟ ଗତକାଲି ପ୍ରକାଶ କରିଛନ୍ତି । ରାୟରେ ମୁନାଫଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ସହ ଏକ ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଏକ ଲକ୍ଷ ଟଙ୍କା ଜରିମାନା ଅନାଦେୟ ହେଲେ ଆଉ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୁହାଯାଇଛି ।

# ନିଶୁଳ୍କ ଆମ୍ବୁଲାନ୍ସ ସେବା ଆରମ୍ଭ

କଟକ, (ସ୍ୱପ୍ର) : ଯୁବ ସମାସେବୀ ଆଲୋକ ବେହେରାଙ୍କ ନେତୃତ୍ୱରେ କଟକ ମହାନଗର ନିଗମ ଅନ୍ତର୍ଗତ ୨୨ ନମ୍ବର ୱାର୍ଡରେ ଏକ ନିଶୁଳ୍କ ଆମ୍ବୁଲାନ୍ସ ସେବାର ଉଦଘାଟନ ବାରପଥର ସ୍ଥିତ ଷୋଳପୁଅ ମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏହି ଆମ୍ବୁଲାନ୍ସ ସେବା ଶ୍ରୀ ବେହେରା ତାଙ୍କ ମା' ଶାନ୍ତିଲତା ବେହେରାଙ୍କ ସ୍ମୃତିରେ ୨୨ ନମ୍ବର ୱାର୍ଡର ଜନ ସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ଚଳଚିତ୍ର ଅଭିନେତା ଅନୁଭବ ମହାନ୍ତି ଯୋଗଦାନ ଦେଇଥିଲେ । ଅନ୍ୟାନ ଅତିଥି ଭାବେ ଓଡିଶା ପୋଲିସ ଆସୋସିଏସନ୍‌ର ସଭାପତି ଅସିତ ରଞ୍ଜନ ଜେନା, ବିଜେପି



ନେତା ଜିତୁ ମଙ୍ଗରାଜ, ହିନ୍ଦୁସେନା ରାଜ୍ୟ ସଭପତି ଦେବାଶିଷ ରାଉତ, ସମ୍ପାଦକ ସୌମିତ୍ର ଲେଙ୍କା, ସମାଜସେବୀ ପୁଷ୍ପିତା ମହାପାତ୍ର, ବାରପଥର ସଭାପତି ଚନ୍ଦ୍ର ଶେଖର ରାଓ, ସମ୍ପାଦକ ଶିବା ରାଓ, ଭେଙ୍କଟ ରାଓ, ଏମ୍. ରାମୁ, ସୂରଜ ଶାହା, ଭାସ୍କର ରାଓ, ଡି. ଅଶୋକ, ସୋଲପୁରି ରାଓ, ଜି.ବାସା, ଈଶ୍ୱର ରାଓ, ଧୋବିଲେନ୍ ସଭାପତି ସୁଧୀର ଶତପଥୀ, ସମ୍ପାଦକ ସଂଗ୍ରାମ କେଶରୀ ବେହେରା, ଶୋଳପୁଅ ପୂଜାକମିଟିର ସଭାପତି ଆଦି ନାରାୟଣ ରାଓ, ତିନିକୋଣିଆ ବଗିଚା ସଭାପତି ରାଜେନ୍ଦ୍ର କୁମାର ନାୟକ, ମକରବାଗ ସାହି ଚର୍ଚ୍ଚ ଆସୋସିଏସନ୍‌ର ସଭାପତି ଜନ ଆଶିଷ ବରାଳ, ଜିତୁ ବିଶ୍ୱାଳ ଏବଂ ୨୨ ନମ୍ବର ୱାର୍ଡର ଜନସାଧରେଣ ଯୋଗଦାନ କରିଥିଲେ ।

## ବେଦାନ୍ତ ଆଲୁମିନିୟମ କୋଇଲା ଖଣି

# ଝାରସୁଗୁଡା ଏବଂ ସୁନ୍ଦରଗଡ଼ରେ ଯୁବବର୍ଗଙ୍କ ନିଯୁକ୍ତି ସାମର୍ଥ୍ୟକୁ ସୁଦୃଢ଼ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଦକ୍ଷତା ବିକାଶ ପଦକ୍ଷେପ, ବେଦକ୍ଷତାମାଧ୍ୟମରେ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରୁଛି, ଯାହା ଶିଳ୍ପ ଆବଶ୍ୟତାକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ ଏବଂ ଏହାର କୋଇଲା ଖଣି କାର୍ଯ୍ୟ ଅଞ୍ଚଳରେ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ସାମାଜିକ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ସୋସାଇଟି (ଏସ୍‌ଇଇଡିଏସ୍) ସହିତ ଭାଗିଦାରୀରେ କାର୍ଯ୍ୟକାରୀ ହୋଇଥିବା, ବେଦକ୍ଷତାହେଉଛି ଏକ ଆବାସିକ ଦକ୍ଷତା ବିକାଶ ପଦକ୍ଷେପ ଯାହା ଗ୍ରାମୀଣ ଯୁବବର୍ଗଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପରିକଳ୍ପନା କରାଯାଇଛି। ସଂରଚିତ ତାଲିମ, ଶିଳ୍ପ ସଂସ୍ଥା ପରିଦର୍ଶନ ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ ଆବଶ୍ୟକତା ଅନୁଯାୟୀ କୌଶଳ ସହିତ ସଜ୍ଜିତ କରେ । ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ ଆବାସିକ କୌଶଳ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ, ଏହା ଖାଦ୍ୟ ଏବଂ ପାନୀୟ ସେବା, ସିଲେଇ




ମେସିନ୍ ଚଳାଇବା ଏବଂ ସହକାରୀ ବିଦ୍ୟୁତ କାରିଗରଙ୍କ କ୍ଷେତ୍ରରେ ବ୍ୟାପକ ତାଲିମ ପ୍ରଦାନ କରିଥାଏ, ଯାହାଦ୍ୱାରା ଆତିଥ୍ୟ, ଉତ୍ପାଦନ ଏବଂ ବୈଷୟିକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଉପଲବ୍ଧ ହୋଇଥାଏ। ଏହାର ଆରମ୍ଭ ପରଠାରୁ, ଏହି ପଦକ୍ଷେପ ବିଭିନ୍ନ ବ୍ୟବସାୟରେ ୩୧୮ ଜଣଙ୍କନାମଲେଖା ରେକର୍ଡ କରିଛି, ଯେଉଁଥିରେ ୧୩୧ ଜଣ ବିଭିନ୍ନ ସଂଗଠନରେ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି, ଯାହା ନିଯୁକ୍ତି ପ୍ରସ୍ତୁତି ବୃଦ୍ଧି ଏବଂ ସ୍ଥାନୀୟ ପ୍ରତିଭାମାନଙ୍କୁ ନିଯୁକ୍ତି ସୁଯୋଗ ସହିତ ଯୋଡିବାରେ ଏହାର ବର୍ଦ୍ଧିତ ପ୍ରଭାବକୁ ଦର୍ଶାଉଛି । ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ ଆମେ ଦକ୍ଷତା ବିକାଶକୁ ସମାବେଶୀ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ଭାବେ ଦେଖୁଛୁ। 'ବେଦକ୍ଷତାଦ ଜରିଆରେ, ଆମେ ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ପ୍ରାସଙ୍ଗିକ କୌଶଳ, ଉଦ୍ୟୋଗ ଜଗତକୁ ପରିଚିତ କରାଇବା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ କରି ଅର୍ଥପୂର୍ଣ୍ଣ କ୍ୟାରିଅର ଗଢ଼ିବା ପାଇଁ ମାର୍ଗ ପ୍ରସ୍ତୁତ ଉପରେ ଧ୍ୟାନ ଦେଉଛୁ। ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ ସେଠାରେ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ପ୍ରଗତିକୁ ସକ୍ଷମ କରିବା ପାଇଁ ତୃଣମୂଳ ସ୍ତରରେ ନିଯୁକ୍ତି ସାମର୍ଥ୍ୟକୁ ସୁଦୃଢ଼ କରିବା ହେଉଛି କେନ୍ଦ୍ରବିନ୍ଦୁ ।" ବେଦାନ୍ତ ଆଲୁମିନିୟମ କୋଇଲା ଖଣି ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡା ଏବଂ ଗ୍ରାମୀଣ ଭିତ୍ତିଭୂମି ମାଧ୍ୟମରେ ଏହାର କାର୍ଯ୍ୟକ୍ଷେତ୍ର ଆଖପାଖ ଅଞ୍ଚଳରେ ଗୋଷ୍ଠୀ ବିକାଶକୁ ଆଗେଇ ନେଉଛି। ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଏହାର ହସ୍ତକ୍ଷେପ ୨ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି, ଯାହା ସମାବେଶୀ ଏବଂ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ବିକାଶରେ ଯୋଗଦାନ ଦେଇଛି।

## ସୋଆ କ୍ୟାମ୍ପସ୍-୨ ପରିସରରେ

# ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ସମ୍ ହସ୍ପିଟାଲ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍-୨ ପରିସରରେ ବୁଧବାର ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ ପକ୍ଷରୁ ସମ୍ ହସ୍ପିଟାଲ



ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖାକୁ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ ଭୁବନେଶ୍ୱର ଶାଖାର ଜୋନାଲ୍ ମ୍ୟାନେଜର ଭୂଷଣ ଶର୍ମା, ସର୍କଲ୍ ହେଡ୍ ରମେଶ କୁମାର ସାମଲ ଓ ବ୍ରାଂଚ ହେଡ୍ ତପନ କୁମାର ମୁଣ୍ଡା ଉପସ୍ଥିତ ଥିଲେ। ଏହି ଶାଖା ଦ୍ୱାରା ସୋଆର ଛାତ୍ରଛାତ୍ରୀ, ସମ୍‌ର କର୍ମଚାରୀ ଓ ହସ୍ପିଟାଲକୁ ଆସୁଥିବା ରୋଗୀମାନେ ବେଶ୍ ଉପକୃତ ହୋଇପାରିବେ।

# ଏଏମ୍/ଏନ୍‌ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପରେ ପଲ୍ସ ପୋଲିଓ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରି ଏଏମ୍/ଏନ୍‌ଏସ୍ ପୋର୍ଟସ୍ ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରି ପାରାଦୀପର ପ୍ରତ୍ୟେକ ଲୋକଙ୍କ ପାଖରେ ଜୀବନରକ୍ଷାକାରୀ ପୋଲିଓ ଟିକା ପହଞ୍ଚିବା ସୁନିଶ୍ଚିତ କରିବା ସହ ଜନସ୍ୱାସ୍ଥ୍ୟ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି। ୨୮ ରୁ ୩୦ ଜୁନ୍ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ବିଜୁ ମେମୋରିଆଲ୍ ହସ୍ପିଟାଲର ସହଯୋଗରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଟିକାକରଣ କେନ୍ଦ୍ରଗୁଡ଼ିକୁ ଭ୍ୟାକ୍ସିନ୍ କ୍ୟାରିୟର୍ ଯୋଗାଇବା ସହ ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲା। ଏହି ଅଭିଯାନ ଅବଧି ମଧ୍ୟରେ, ୧୯ଟି ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ପାଞ୍ଚ ବର୍ଷରୁ କମ୍ ବୟସର ସମୁଦାୟ ୬,୫୫୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ହସ୍ପିଟାଲ, ଶିଳ୍ପାଞ୍ଚଳ, ମତ୍ସ୍ୟଜୀବୀ ବସ୍ତି, ସ୍ଲମ୍



ଅଞ୍ଚଳ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବସ୍ ଟର୍ମିନାଲ୍ ଓ ରେଳ ଷ୍ଟେସନ୍ ଭଳି ଜନଗହଳିପୂର୍ଣ୍ଣ ଗମନାଗମନ ସ୍ଥଳଗୁଡ଼ିକୁ ସାମିଲ କରାଯାଇଥିଲା। ଏହି ଟୀକାକରଣ କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ତିନି ଦିନିଆ ଯୋଜନା ଅନୁଯାୟୀ ପରିଚାଳିତ ହୋଇଥିଲା, ଯେଉଁଥିରେ ପ୍ରଥମ ଦିନ ବୁଥ୍ ଜରିଆରେ, ଦ୍ୱିତୀୟ ଦିନ ଘରକୁ ଘର ବୁଲି ଏବଂ ଶେଷ ଦିନରେ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଚୂଡ଼ାନ୍ତ ତଦାରଖ କରାଯାଇଥିଲା। ପାରାଦୀପର ବିଜୟଚନ୍ଦ୍ରପୁର, ଶଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କି, ପାରାଦୀପ ସମୁଦ୍ର ବେଳାଭୂମି ଏବଂ ବଜାର ଅଞ୍ଚଳ ଭଳି ବିଭିନ୍ନ ବସ୍ତି ଅଞ୍ଚଳରେ ସହାୟକ ନର୍ସ ମିଡୱାଇଫ୍ (ଏଏନ୍‌ଏମ୍), ଅଙ୍ଗନବାଡ଼ି କର୍ମୀ, ଆଶା ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନଗୁଡ଼ିକ ସହିତ ଏଏମ୍/ଏନ୍‌ଏସ୍ ପୋର୍ଟସ୍‌ର ସିଏସଆର ଟିମ୍ ନିରନ୍ତର ପରିଶ୍ରମ କରି ଏହି ଅଭିଯାନକୁ ସଫଳ କରିଥିଲେ। ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବା ପାଇଁ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ପକ୍ଷରୁ କମ୍ପାନୀର କନଭେୟର ବେଲ୍ଟ ଲାଇନ୍ ଅଞ୍ଚଳ ଅନ୍ତର୍ଗତ ଲକପଡ଼ା ଟ୍ରାନ୍‌ଜିଟ୍ ପଏଣ୍ଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ଉପାଧ୍ୟକ୍ଷା ଶ୍ରୀମତୀ ଛବିଲତା ରାଉତଙ୍କ ସମେତ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। କନଭେୟର ବେଲ୍ଟ ଲାଇନ୍ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପଲ୍ସ ପୋଲିଓ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ଯାହା ଅଭିଯାନର ପରିସର ଓ ପ୍ରଭାବକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିଥିଲା। ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଏଡିଏମ୍‌ଓ) ଡା. ବସନ୍ତ କୁମାର ବାରିକ ଏବଂ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ଆୟୁଷ ଚିକିତ୍ସକ ଡା. ଆସିଫ୍ ଇକବାଲ୍‌ଙ୍କ ସହ ହସ୍ପିଟାଲର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ସମଗ୍ର ପଲ୍ସ ପୋଲିଓ ଅଭିଯାନର ତଦାରଖ କରିଥିଲେ। ସେମାନଙ୍କର ସମନ୍ୱିତ ପ୍ରୟାସ ଫଳରେ ପାରାଦୀପର ପ୍ରତ୍ୟେକ ଶିଶୁ ପୋଲିଓ ଟିକାକରଣରେ ସୁରକ୍ଷା କବଚ ପ୍ରଦାନ କରିବା ସୁନିଶ୍ଚିତ କରିଥିଲା। ଏହି ପଦକ୍ଷେପ ସମୁଦାୟର ସ୍ୱାସ୍ଥ୍ୟ ରକ୍ଷା କରିବା ଏବଂ ଏକ ପୋଲିଓ ମୁକ୍ତ ଭବିଷ୍ୟତ ପାଇଁ ସରକାରୀ ଓ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ସହ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

# କିମ୍‌ସରେ ଜାତୀୟ ଡାକ୍ତର ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : କିମସ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତରଙ୍କୁ ସେମାନଙ୍କର ଅକ୍ଳାନ୍ତ ସେବା ଏବଂ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିଥିଲେ । ଡାକ୍ତରଙ୍କୁ ଈଶ୍ୱରଙ୍କ ଦ୍ୱିତୀୟ ରୂପ ବୋଲି ଅଭିହିତ କରି ସେମାନଙ୍କର ନିଃସ୍ୱାର୍ଥପର ସେବା ପାଇଁ କୃତଜ୍ଞତା ଜଣାଇଥିଲେ । ସେ କହିଲେ ଯେଉଁ ଛୋଟ ପ୍ରୟାସରେ କିମ୍‌ସ ଆରମ୍ଭ ହୋଇଥିଲା ଆଜି ଏହା ଏକ ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନରେ ପରିଣତ ହୋଇଛି । କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର.ସି. ଦାସ ଅନ୍ୟମାନଙ୍କର ସେବା କରିବା ସହିତ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ । ରୋଗୀକୁ ସୁସ୍ଥ କରିବା ସହ ନିଜକୁ ସୁସ୍ଥ ରଖିବା ମଧ୍ୟ ଡାକ୍ତରଙ୍କ ଦାୟିତ୍ୱ ବୋଲି ସେ କହିଥିଲେ । କିମ୍‌ସ ପରାମର୍ଶଦାତା ଡା. ଆର.ଏନ. ସାମନ୍ତ ଭବିଷ୍ୟତର ଡାକ୍ତରମାନଙ୍କୁ ଏହି ବୃତ୍ତି ସହିତ ଜଡିତ ମର୍ଯ୍ୟାଦା ଏବଂ ବିଶ୍ୱାସକୁ ବଜାୟ ରଖିବାକୁ




ଅନୁରୋଧ କରିଥିଲେ । କିଟ୍ ଉପକୁଳପତି ପ୍ରଫେସର ଏମେରିଟସ୍ ସି.ବି.କେ. ମହାନ୍ତି ରୋଗୀଙ୍କ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତଙ୍କୁ ସମାନ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ପ୍ରତିଷ୍ଠାତାଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ ।ପ୍ରଫେସର ଏମେରିଟସ୍ ପଦ୍ମଶ୍ରୀ ୱାଇ କେ ଚାୱଲା ଚିକିତ୍ସା ବିଜ୍ଞାନରେ ଜୀବନବ୍ୟାପୀ ଶିକ୍ଷା, ଗବେଷଣା ଏବଂ ନବସୃଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସାଇ ରାଙ୍କ ଗ୍ଲୋବାଲ୍ ଇଣ୍ଡେକ୍ସ ୨୦୨୫ ରେ ବିଶ୍ୱର ଶ୍ରେଷ୍ଠ ୫ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ପାଇଥିବା ଡାକ୍ତର ଓ ଗବେଷକମାନଙ୍କୁ ସମ୍ମାନୀତ କରାଯାଇଥିଲା ।

### ଭିବି-ଜି ରାମ୍ ଜି ଅଧିନିୟମ, ୨୦୨୫

# ସଂଶୋଧିତ ମଜୁରୀ ହାର ବିଜ୍ଞପ୍ତି ଜାରି

- ସର୍ବନିମ୍ନ ମଜୁରୀ ୩୦୦ ଟଙ୍କାରୁ ଅଧିକ
- ୧୫%ରୁ ୨୫% ପର୍ଯ୍ୟନ୍ତ ବଢ଼ିଲା ମଜୁରୀ
- ଉପକୃତ ହେବେ ଏକାଧିକ ରାଜ୍ୟର ଶ୍ରମିକ



**ନୂଆଦିଲ୍ଲୀ:** ଭାରତ ସରକାର 'ବିକଶିତ ଭାରତ - ନିଯୁକ୍ତି ଏବଂ ଜୀବିକା ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) : "ଭିବି-ଜି ରାମ ଜି' ଅଧିନିୟମ, ୨୦୨୫ ଅଧୀନରେ ସଂଶୋଧିତ ମଜୁରୀ ହାର ଘୋଷଣା କରିଛନ୍ତି । ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଦିଗରେ ଏହି ସଂଶୋଧିତ ବିଜ୍ଞପ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାର ଲକ୍ଷ୍ୟ ହେଉଛି ଅଧିକ ମଜୁରୀ ସୁନିଶ୍ଚିତ କରିବା, ଆଞ୍ଚଳିକ ବୈଷମ୍ୟ ହ୍ରାସ କରିବା ଏବଂ ଶ୍ରମର ମର୍ଯ୍ୟାଦା ବୃଦ୍ଧି କରିବା ।ଏହି ବିଜ୍ଞପ୍ତିର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ୩୦୦ ଟଙ୍କାର ଏକ ମଧ୍ୟବର୍ତ୍ତୀକାଳୀନ ମୂଳ ମଜୁରୀ ହାର ଲାଗୁ କରିବା, ଯାହାକି ଏହି କାର୍ଯ୍ୟକ୍ରମ ଅଧିନରେ ସର୍ବନିମ୍ନ ମଜୁରୀ ୩୦୦ ଟଙ୍କା ସୁନିଶ୍ଚିତ କରିବ । ଏ ସଂପର୍କରେ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଆମ ସରକାର ପ୍ରତ୍ୟେକ ଗରିବ ପରିବାର ପାଖରେ ବିକାଶର ଲାଭ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ । ଭିବି-ଜି ରାମ ଜି ଅଧିନିୟମର ଆରମ୍ଭ ସମୃଦ୍ଧ ଗ୍ରାମ ମାଧ୍ୟମରେ ଏକ ବିକାଶ ଭାରତ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ । ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବିସ୍ତାର କରିବା ସହିତ, ଆମେ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଉତ୍ତମ ମଜୁରୀ ସୁନିଶ୍ଚିତ କରିଛୁ ।ଯେଉଁ ରାଜ୍ୟଗୁଡ଼ିକରେ ମଜୁରୀ ପାରମ୍ପରିକ ଭାବରେ କମ୍ ଥିଲା ସେଠାରେ ସର୍ବାଧିକ ବୃଦ୍ଧି ପ୍ରଦାନ କରାଯାଇଛି, ଯାହା ଦ୍ୱାରା ଯେଉଁମାନଙ୍କୁ ସର୍ବାଧିକ ସହାୟତାର ଆବଶ୍ୟକତା ଅଛି ସେମାନେ ସର୍ବାଧିକ ଲାଭ ପାଇବେଛ ଏହି ଐତିହାସିକ ମଜୁରୀ ସଂଶୋଧନ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବ, କ୍ରୟ ଶକ୍ତି ବୃଦ୍ଧି କରିବ ଏବଂ ଗ୍ରାମୀଣ ଭାରତରେ ଅନ୍ତର୍ଭୁକ୍ତ ବିକାଶକୁ ତ୍ୱରାନ୍ୱିତ କରିବ । ଏହି ସଂଶୋଧିତ ମଜୁରୀ ଅଧିସୂଚନାରେ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ମଜୁରୀ କ୍ଷେତ୍ରଗୁଡ଼ିକରେ ମଜୁରୀ ହାର ବୃଦ୍ଧି କରାଯାଇଛି । ଏହାକୁ ଜାତୀୟ ଗ୍ରାମୀଣ ରୋଜଗାର କାର୍ଯ୍ୟକ୍ରମ ଅଧୀନରେ ଅନ୍ୟତମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମଜୁରୀ ସଂଶୋଧନ ବୋଲି କୁହାଯାଉଛି । ଜାତୀୟ ଗ୍ରାମୀଣ ରୋଜଗାର କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ଥର ପାଇଁ ଦୈନିକ ୩୦୦ ଟଙ୍କାର ଏକ ଅନ୍ତରୀଣ ସର୍ବାନିମ୍ନ ମଜୁରୀ ହାର ପ୍ରଚଳନ କରାଯାଇଛି । ଏହା ସହିତ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ବିହାର, ଝାଡ଼ଖଣ୍ଡ, ଆସାମ, ତ୍ରିପୁରା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଅନ୍ୟ କେତେକ ରାଜ୍ୟ ପାଇଁ ମଧ୍ୟ ବେଶ୍ ଭଲ ପରିମାଣର ମଜୁରୀ ବୃଦ୍ଧି ଅଧିସୂଚୀତ କରାଯାଇଛି ।

### ଡିଜିଟାଲ ଇଣ୍ଡିଆ'ର ୧୧ ବର୍ଷ ପୂର୍ତ୍ତି

# ବିକଶିତ ଭାରତ ପାଇଁ ଏକ ଦୃଢ଼ ଭିତ୍ତିଭୂମି



**ନୂଆଦିଲ୍ଲୀ:**'ଡିଜିଟାଲ ଇଣ୍ଡିଆ'ର ୧୧ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଏହି ପଦକ୍ଷେପ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଦୃଢ଼ ଭିତ୍ତିଭୂମି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଏହା ଗରିବ ଏବଂ ଅବହେଳିତ ଲୋକଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଏବଂ ଦେଶବାସୀଙ୍କ ଜୀବନକୁ ସହଜ କରିଛି ।ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଡିଜିଟାଲ ଇଣ୍ଡିଆ ବିଷୟରେ ଅନେକ ପୋଷ୍ଟ କରିଛନ୍ତି । ଏହି ପଦକ୍ଷେପ ଶାସନ କଳକୁ ପୁନଃପରିଭାଷିତ କରିଛି, ନାଗରିକମାନଙ୍କୁ ସଶକ୍ତ କରିଛି ଏବଂ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିଛି । ଏହା ସହିତ ଯୁବବର୍ଗଙ୍କୁ ନୂଆ ସୁଯୋଗ ଦେଇଛି । ଏହା ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଛି । ସହଜ ଡିଜିଟାଲ ପେମେଣ୍ଟ ଏବଂ ହିତାଧିକାରୀଙ୍କୁ ସ୍ୱଚ୍ଛତା ସହିତ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଠାରୁ ଆରମ୍ଭ କରି ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ବିସ୍ତାର ପର୍ଯ୍ୟନ୍ତ, ପ୍ରଯୁକ୍ତିବିଦ୍ୟା ସହଜ ଜୀବନଯାପନକୁ ଆଗକୁ ବଢ଼ାଇବା ପାଇଁ ଏକ ଶକ୍ତିଶାଳୀ ଉପକରଣ ପାଲଟିଛି । ଏହି ଅଭିଯାନର ଅଭୂତପୂର୍ବ ସଫଳତା ଭାରତ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଡିଜିଟାଲ ଇଣ୍ଡିଆ ଭାରତର ପ୍ରତ୍ୟେକ ଅଂଶକୁ, ବିଶେଷକରି ଗାଁ ଏବଂ ଦ୍ୱିତୀୟ ଏବଂ ତୃତୀୟ ସହରକୁ ନବସୃଜନର ଲହରୀ ନେଇଯାଇଛି । ଦେଶର ପ୍ରତ୍ୟେକ କୋଣରୁ ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ ନବସୃଜନକାରୀମାନେ ଆମ ପୃଥିବୀ ସାମ୍ନା କରୁଥିବା ଗମ୍ଭୀର ଚ୍ୟାଲେଞ୍ଜର ସମାଧାନର ପଥ ବାହାର କରୁଛନ୍ତି । ଏହି ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବାଣିଜ୍ୟ ଏବଂ ସାର୍ବଜନୀନ ସେବା ଯୋଗାଣକୁ ସୁଦୃଢ଼ କରିଛି, ଯାହା ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ସୁଲଭ କରିଛି । ସେ କହିଛନ୍ତି, "ଡିଜିଟାଲ କ୍ଷେତ୍ରରେ ଆମର ପ୍ରଗତି ନିଶ୍ଚିତ କରିଛି ଯେ ଭାରତ ଏଆଇ, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି । ଏହା ଦ୍ୱାରା ଅଭିବୃଦ୍ଧି ଏବଂ ସୁଯୋଗ ପାଇଁ ନୂତନ ରାସ୍ତା ମଧ୍ୟ ଖୋଲିବ । ଆମର ଧ୍ୟାନ ଏପରି ଏକ ଭବିଷ୍ୟତ ନିର୍ମାଣ ଉପରେ ରହିବ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ମାନବତାର ସେବା କରିବ, ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବ ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଡିଜିଟାଲ ଇଣ୍ଡିଆର ସଫଳତା ଭାରତକୁ ସାରା ବିଶ୍ୱରେ ଏକ ନୂତନ ପରିଚୟ ଦେଇଛି । ଏହା ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରି ଦେଶବାସୀଙ୍କୁ ନୂତନ ଉଚ୍ଚତାକୁ ନେଇଯିବାର ଦୃଢ଼ ସଂକଳ୍ପକୁ ଦର୍ଶାଉଛି ।ଏକ ସଂସ୍କୃତ ଶୁଭାଶିତମ୍ ସେୟାର କରି ସେ ଲେଖିଛନ୍ତି, 'ବିଜ୍ଞାନସାରଥ୍ୟସ୍ତୁ ମନଃପ୍ରଗ୍ରହବନ୍ନରଃ ।

## ମୋଦୀ-ସରିଫଙ୍କୁ ଚିଠି ଲେଖିଲେ ଦୁଇ ଦେଶର ୧୧୭ ବ୍ୟକ୍ତି

**ନୂଆଦିଲ୍ଲୀ:** 'ଅପରେସନ ସିନ୍ଦୂର'ର ବର୍ଷକ ପରେ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପୁନଃସ୍ଥାପନ ଓ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଦୁଇଦେଶର ୧୧୭ ଜଣ ପ୍ରମୁଖ ବ୍ୟକ୍ତି ମିଳିତ ଭାବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଶେହବାଜ ସରିଫ୍ଙ୍କୁ ଚିଠି ଲେଖିଛନ୍ତି । ଏଥିରେ ଦୁଇ ଦେଶ ପକ୍ଷରୁ ଉଚ୍ଚାୟୁକ୍ତଙ୍କୁ ପୁନଃସ୍ଥାପିତ କରିବା, ଭିସା ସେବା ପୁନଃ ଆରମ୍ଭ କରିବା ଓ ଆକାଶପଥ ପୁନଃ ଖୋଲିବା ନେଇ ମଧ୍ୟ ଦାବି କରାଯାଇଛି ।ସେଣ୍ଟର୍ ଫର୍ ପିସ୍ ଆଣ୍ଡ ପ୍ରୋଗେସ୍ (ସିପିପି) ଦ୍ୱାରା ଜାରି କରାଯାଇଥିବା ଏହି ଚିଠିରେ ଭାରତର ୬୧ ଓ ପାକିସ୍ତାନର ୫୬ ଜଣ ପ୍ରମୁଖ ବ୍ୟକ୍ତିତ୍ୱ ଅଛନ୍ତି । ଭାରତୀୟ ଦସ୍ତଖତକାରୀଙ୍କ ମଧ୍ୟରେ ନ୍ୟାସନାଲ କନଫରେନ୍ସ



ମୁଖ୍ୟ ଫାରୁକ୍ ଅବଦୁଲ୍ଲା, ବିଚ୍ଛିନ୍ନତାବାଦୀ ନେତା ମୀରୱେଜ ଉମର ଫାରୁକ୍, ପିଡିପି ମୁଖ୍ୟ ମେହବୁବା ମୁଫତି, ଆରଜେଡି ସାଂସଦ ମନୋଜ ଝା ଓ ପୂର୍ବତନ ଟିଏମ୍ସି ମନ୍ତ୍ରୀ ତଥା ଏଜେୟୁପି ନେତା ହୁମାୟୁନ୍ କବିର୍ ଅଛନ୍ତି ।

# ସ୍ପେନ ହିଟ୍‌ୱେଭ : ଜୁନରେ ଯାଇଛି ୧୦୨୮ ଜୀବନ

**ବାର୍ସିଲୋନା:** ଜୁନ୍ ଶେଷ ଭାଗରେ ୟୁରୋପରେ ଦେଖା ଦେଇଥିବା ତୀବ୍ର ଗ୍ରୀଷ୍ମପ୍ରବାହ ମହାଦେଶର ବିଭିନ୍ନ ଦେଶକୁ ପ୍ରଭାବିତ କରିଛି । ଜୁନ୍‌ରେ ହିଟ୍‌ୱେଭ୍ ଯୋଗୁ ସ୍ପେନରେ ୧୦୨୮ ଲୋକଙ୍କ ମୃତ୍ୟୁ ହୋଇଛି । କାର୍ଲୋସ ୩ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଗତ ସପ୍ତାହରେ ୟୁରୋପରେ ଦେଖାଦେଇଥିବା ତୀବ୍ର ଗ୍ରୀଷ୍ମ ପ୍ରବାହ ସମୟରେ ସ୍ପେନରେ ଅତି କମ୍‌ରେ ୧୦୨୮ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି । ସ୍ପେନରେ ୨୦୨୬ ମସିହାରେ ଜାନୁଆରିରୁ ଜୁନ୍ ପର୍ଯ୍ୟନ୍ତ ସର୍ବାଧିକ ଉତ୍ତପ୍ତ ସମୟ ଥିଲା, ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୧.୬ ଡିଗ୍ରି ସେଲସିୟସ୍ ଅଧିକ ଥିଲା ବୋଲି ଜାତୀୟ ପାଣିପାଗ ସଂସ୍ଥା ଆମେଟ୍ ବୁଧବାର କହିଛି । ଜୁନ୍ ୨୦୨୬ ସ୍ପେନ ଦ୍ୱିତୀୟ ସର୍ବାଧିକ ଉଷ୍ମ ଜୁନ୍ ମାସ ରହିଛି । ଗତବର୍ଷ ସ୍ପେନରେ ଜୁନରେ ୪୦୭ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଚଳିତ ବର୍ଷ ଦୁଇଗୁଣରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ୟୁରୋପରେ ଶହ ଶହ ଲୋକଙ୍କ ଜୀବନ ନେଇଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ସହିତ ସଂଘର୍ଷ



ଜାରି ରହିଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରୋସ୍ ଆଧନମ୍ ଘେବ୍ରେୟସସ୍ ପ୍ରଚଣ୍ଡ ଗ୍ରୀଷ୍ମକୁ 'ନିରବ ହତ୍ୟାକାରୀ' ଭାବରେ ବର୍ଣ୍ଣନା କରିଛନ୍ତି । ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ଅନୁଯାୟୀ, ଜୁନ୍ ୨୧ ତାରିଖ ପରଠାରୁ ୟୁରୋପରେ ଉଚ୍ଚ ତାପମାତ୍ରା ଯୋଗୁଁ ୧୩୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ରେକର୍ଡ କରାଯାଇଛି ।ୟୁରୋପରେ ହିଟ୍‌ୱେଭ୍ ଭିତରେ ହଙ୍ଗେରୀ ଓ ସ୍ଲୋଭାକିଆରେ ପାଣିର ସଙ୍କଟ ଦେଖାଯାଇଛି । ହଙ୍ଗେରୀ ଓ ସ୍ଲୋଭାକିଆରେ କର୍ତ୍ତୃପକ୍ଷ ଜଳ ଅଭାବକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ଅନେକ ପୌରପାଳିକାରେ ଜଳ ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି । ଦୀର୍ଘକାଳୀନ ଗ୍ରୀଷ୍ମ ପ୍ରବାହ ସମୟରେ ଜଳ ଚାହିଦା ବୃଦ୍ଧି ପାଉଥିବାରୁ ହଙ୍ଗେରୀର ପ୍ରଧାନମନ୍ତ୍ରୀ ପିଟର ମ୍ୟାଗ୍ୟାର୍ ଜଳ ବ୍ୟବହାର କମ୍ କରିବାକୁ ଓ ଲନ୍‌ରେ ପାଣି ଦେବା, କାର ଧୋଇବା ପରି ଅନାବଶ୍ୟକ ବ୍ୟବହାରରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି । ସ୍ଲୋଭାକିଆରେ କେନ୍ଦ୍ରୀୟ ସହର ନାଇଟ୍ରା ସମେତ ଅନେକ ଅଞ୍ଚଳ ପାନୀୟ ଜଳର ଅଭାବର ସମ୍ମୁଖୀନ ହେଉଛି, ଯାହା ଫଳରେ କର୍ତ୍ତୃପକ୍ଷ ପ୍ରଭାବିତ ବାସିନ୍ଦାଙ୍କୁ ପାନୀୟ ଯୋଗାଣ ପାଇଁ ଟ୍ୟାଙ୍କର ଟ୍ରକ୍ ନିୟୋଜିତ କରିଛନ୍ତି ।ଅନ୍ୟପକ୍ଷରେ ବ୍ରିଟେନରେ ଜୁଲାଇରେ ମଧ୍ୟ ହିଟ୍ ୱେଭ୍ ଆଶଙ୍କା ରହିଛି ।

## ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଇସଲାମିକ ଗଣରାଜ୍ୟ ଇରାନର ରାଷ୍ଟ୍ରପତି ମହାମହିମ ଡକ୍ଟର ମାସୁଦ ପେଜେଶକିୟାନଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି । ରାଷ୍ଟ୍ରପତି ପେଜେଶକିୟାନ ପ୍ରଧାନମନ୍ତ୍ରୀଙ୍କୁ ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ଏବଂ ଆଗକୁ ବଢ଼ିବାର ଉପାୟ ବିଷୟରେ ସୂଚନା ଦେଇଛନ୍ତି ।ପ୍ରଧାନମନ୍ତ୍ରୀ ବୁଝାମଣାକୁ ସ୍ୱାଗତ କରିଛନ୍ତି, ଏବଂ କହିଛନ୍ତି ଯେ ସମସ୍ତ ପ୍ରସଙ୍ଗ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମାଧାନ କରାଯିବା ଉଚିତ ।ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରରେ ସ୍ଥାୟୀ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବା ଏବଂ ନୌଚାଳନା ଏବଂ ବାଣିଜ୍ୟର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦୋହରାଇଛନ୍ତି ।

# ହ୍ୱାଟସଆପର ନୂଆ "ୟୁଜରନେମ୍" ଫିଚର ଉପରେ କେନ୍ଦ୍ରର ନଜର

**ନୂଆଦିଲ୍ଲୀ:** ହ୍ୱାଟସଆପ୍ ଆଣିବାକୁ ଥିବା ନୂଆ "ୟୁଜରନେମ୍" ଫିଚରକୁ ନେଇ କେନ୍ଦ୍ର ସରକାର ସତର୍କ ହୋଇପଡ଼ିଛନ୍ତି । ଏହି ନୂଆ ବ୍ୟବସ୍ଥା ଦ୍ୱାରା ଅନଲାଇନ୍ ଠକେଇ, ଜାଲିଆତି ଓ ଅନ୍ୟ କାହାର ନାଁରେ ନକଲି ଆକାଉଣ୍ଟ ଖୋଲିବା ଭଳି ଅପରାଧ ବୃଦ୍ଧି ପାଇବାର ଆଶଙ୍କା ରହିଥିବାରୁ ସରକାର ଏହାର ସମୀକ୍ଷା କରିବେ । ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ, ଆବଶ୍ୟକ ପଡ଼ିଲେ ଏହି ସୁରକ୍ଷା ଓ ଗୋପନୀୟତା ଯାଞ୍ଚ ପାଇଁ ହ୍ୱାଟସଆପର ମାଲିକାନା ସଂସ୍ଥା "ମେଟା"କୁ ନୋଟିସ୍ ଜାରି କରାଯାଇପାରେ । ନିକଟରେ ନୀଟ୍ ପରୀକ୍ଷା ବିବାଦ ସମୟରେ ଟେଲିଗ୍ରାମ ବିରୋଧରେ ନିଆଯାଇଥିବା କଡ଼ା ଆଇନଗତ ଆଭିମୁଖ୍ୟ ଭଳି ହ୍ୱାଟସଆପ୍ ବିରୋଧରେ ମଧ୍ୟ ଦୃଢ଼ ପଦକ୍ଷେପ ନିଆଯାଇପାରେ ବୋଲି ପ୍ରଶାସନ ଚେତାବନୀ ଦେଇଛି । ସରକାରୀ ସୂତ୍ର ଅନୁଯାୟୀ, ମେସେଜିଂ ପ୍ଲାଟଫର୍ମଗୁଡ଼ିକ ନିଜ ବ୍ୟବସ୍ଥାର ଯେପରି ଅପବ୍ୟବହାର ନହୁଏ, ତାହା ସୁନିଶ୍ଚିତ କରିବା ଆବଶ୍ୟକ । ଯଦି କୌଣସି ଫିଚର ଦ୍ୱାରା ଠକେଇ, ମିଥ୍ୟା ଗୁଜବ ବା ଜାଲିଆତି ବଢ଼େ, ତେବେ ସେଥିପାଇଁ ପ୍ଲାଟଫର୍ମ ନିଜେ ଦାୟୀ ରହିବେ । ଅନ୍ୟପଟେ ହ୍ୱାଟସଆପ ପକ୍ଷରୁ କୁହାଯାଇଛି ଯେ, ଗ୍ରୁପ୍ ଚାଟ୍ କିମ୍ବା ଅଜଣା ବ୍ୟକ୍ତିଙ୍କ ସହ ପ୍ରଥମ ଥର କଥା ହେବା ବେଳେ ଅନେକ ଲୋକ ନିଜର ଫୋନ ନମ୍ବର ଦେବାକୁ ସହଜ ମନେ କରନ୍ତି ନାହିଁ । ଏହି ସମସ୍ୟାର ସମାଧାନ ପାଇଁ ୩୫ଟି ଅକ୍ଷର ବିଶିଷ୍ଟ ୟୁଜରନେମ୍ ବ୍ୟବସ୍ଥା ଅଣାଯାଉଛି, ଯାହା ସମ୍ପୂର୍ଣ୍ଣ ଇଚ୍ଛାଧିନ ରହିବ ଏବଂ ଏହାକୁ ବ୍ୟବହାରକାରୀ ଚାହିଁଲେ ଯେକୌଣସି ସମୟରେ ବଦଳାଇ ବା ହଟାଇ ପାରିବେ । ଜନସାଧାରଣ ଓ ସେଲିବ୍ରିଟିମାନଙ୍କ ସୁରକ୍ଷା ପାଇଁ କିଛି ହାଇ-ପ୍ରୋଫାଇଲ୍ ନାମକୁ ସୁରକ୍ଷିତ ରଖାଯିବ, ଯେପରି ଅନ୍ୟ କେହି ତାହାର ଅପବ୍ୟବହାର କରିପାରିବେ ନାହିଁ । ବ୍ୟବସାୟୀ ଓ କ୍ରିଏଟରମାନେ ସେମାନଙ୍କର ଫେସବୁକ୍ ବା ଇନଷ୍ଟାଗ୍ରାମ ଆଇଡି ସହ ସମାନ ୟୁଜରନେମ୍ ରଖିବା ପାଇଁ ମେଟା ଆକାଉଣ୍ଟ ସେଣ୍ଟରରେ ସାହାଯ୍ୟ ନେଇପାରିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ୟୁଜରନେମ୍ ବୁକିଂ କେବଳ ମୋବାଇଲ୍ ଆପରେ ଉପଲବ୍ଧ ହେବ, ହ୍ୱାଟସ୍ଆପ୍ ୱେବ୍ କିମ୍ବା ଡେସ୍କଟପ୍ ଆପରେ ନୁହେଁ ।

## ସଚିନ ଅହିର ମହାରାଷ୍ଟ୍ର ବିଧାନ ପରିଷଦ ଉପାଧ୍ୟକ୍ଷ

**ମୁମ୍ବାଇ:** ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ଛାଡି ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଥିବା ଶିବସେନା (ୟୁବିଟି) ବିଧାନ ପରିଷଦ ସଦସ୍ୟ ସଚିନ ଅହିର ବୁଧବାର ମହାରାଷ୍ଟ୍ର ବିଧାନ ପରିଷଦର ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ମହାବିକାଶ ଅଘାଡ଼ି (ଏମ୍ଭିଏ) ପ୍ରାର୍ଥୀ ଜେଏମ୍ ଅଭୟଙ୍କର ତାଙ୍କ ନାମାଙ୍କନ ପ୍ରତ୍ୟାହାର କରିବା ପରେ ଅହିର୍ ସର୍ବସମ୍ମତିକ୍ରମେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ତେବେ ଏମ୍ଭିଏ ପ୍ରାର୍ଥୀ କାହିଁକି ନାମାଙ୍କନ ପ୍ରତ୍ୟାହାର କଲେ ତାହା ଜଣାପଡ଼ିନାହିଁ । ଉଦ୍ଧବ ଠାକ୍ରେ ନେତୃତ୍ୱାଧୀନ ଶିବସେନାର ୬ ଜଣ ସାଂସଦ ଦଳ ଛାଡ଼ି ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହେବା ପରେ ସଙ୍କଟ ଦେଇ ଗତି କରୁଛି । ଏପଟେ ଦଳର ଜଣେ ପ୍ରମୁଖ ନେତା ସଚିନ ଶିବସେନା (ୟୁବିଟି) ଛାଡ଼ି ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ମିଶିବା ଓ ବିଧାନ ପରିଷଦର ଉପାଧ୍ୟକ୍ଷ ନିର୍ବାଚିତ ହେବା ଉଦ୍ଧବଙ୍କ ପାଇଁ ଡବଲ ଝଟ୍କା ହୋଇଛି । ସଚିନ ଅହିର ୱର୍ଲିର ପୂର୍ବତନ ବିଧାୟକ ଓ ଆଦିତ୍ୟ ଠାକରେଙ୍କ ଜଣେ ଘନିଷ୍ଠ ଭାବେ ବିବେଚନା କରାଯାଉଥିଲେ । ତେଣୁ ତାଙ୍କର ଦଳ ଛାଡିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା । କଂଗ୍ରେସରେ ପ୍ରଥମ ଥର ପାଇଁ କାର୍ଯ୍ୟ କରିବା ପରେ ଅହିର ତା'ପରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି)କୁ ଚାଲି ଯାଇଥିଲେ ଓ ପରେ ଅବିଭକ୍ତ ଶିବସେନାରେ ଯୋଗଦେଇଥିଲେ ।

## ପାକିସ୍ତାନ ଉପରେ ଆଫଗାନିସ୍ତାନର ଏୟାର ଷ୍ଟ୍ରାଇକ୍

**କାବୁଲ:** ଆଫଗାନିସ୍ତାନ ଏବଂ ପାକିସ୍ତାନ ସୀରେ ସଂଘର୍ଷ ଦିନକୁ ଦିନ ଅଧିକ ବିପଜ୍ଜନକ ହେବାରେ ଲାଗିଛି । ବୁଧବାର ଆଫଗାନ ତାଲିବାନ ବାହିନୀ ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳ ଉପରେ ଏୟାର ଷ୍ଟ୍ରାଇକ୍ କରିଛି । ରିପୋର୍ଟ ଅନୁସାରେ,ଆଫଗାନିସ୍ତାନ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଆଇଏସଆଇଏସ ଘାଟି ଉପରେ ଆକ୍ରମଣ କରିଛି, ଯେଉଁଥିରେ ଅନେକ ଆତଙ୍କବାଦୀ ଆହତ ହୋଇଥିବା କୁହାଯାଉଛି ।ଆଫଗାନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ବେଲୁଚିସ୍ତାନ ଏବଂ ଖାଇବର ପଖତୁନଖ୍ୱା ପ୍ରଦେଶରେ ସକ୍ରିୟ ଆତଙ୍କବାଦୀ ସଂଗଠନ 'ଇସଲାମିକ୍ ଷ୍ଟେଟ୍ ଖୋରାସନ'(ଆଇଏସ-କେ)ର ଆଡ୍ଡା ଉପରେ ଏହି ଆକ୍ରମଣ କରାଯାଇଛି । ଏଥିରେ କୋଣସି ସାଧାରଣ ନାଗରିକ ମୃତାହତ ହୋଇ ନାହାନ୍ତି ବୋଲି ଆଫଗାନିସ୍ତାନ କହିଛି । ତେବେ ପାକିସ୍ତାନୀ ସେନା କହିଛି ଯେ, ସେମାନେ ସୀମା ପାରରୁ ଆସିଥିବା ଚାରୋଟି ଡ୍ରୋନ୍କୁ ଖସାଇ ଦେଇଛନ୍ତି । ପାକିସ୍ତାନ ଆଫଗାନିସ୍ତାନକୁ କଡ଼ା ଚେତାବନୀ ଦେଇ କହିଛି ଏଭଳି ଆଉ କୌଣସି ଉତ୍ତେଜନା ସୃଷ୍ଟି ହେଲେ ଏହାର ଉଚିତ୍ ଜବାବ ଦିଆଯିବ । ପୂର୍ବରୁ ଜୁନ୍ ୨୯ ରେ ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା । ଯେଉଁଥିରେ ୨୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଏହାର ପ୍ରତିଶୋଧ ନେଇ ଆଫଗାନିସ୍ତାନ ଏଭଳି ପଦକ୍ଷେପ ଗ୍ରହଣ କରିଛି । ସୂଚନାଯୋଗ୍ୟ, ଗତ ଅକ୍ଟୋବରରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ସ୍ୱାକ୍ଷରିତ ହୋଇଥିଲା ।

## ଦ.-ପୂର୍ବ ରେଳବାଇର ୧୪୮ .୫୪ କୋଟି ରୋଜଗାର

**କୋଲକାତା:**ଦକ୍ଷିଣ ପୂର୍ବ ରେଳବାଇ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ସ୍କ୍ରାପ୍ ନିଷ୍କାସନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ୧୪୮.୫୪ କୋଟି ଟଙ୍କାର ରେକର୍ଡ ବିକ୍ରୟ ହାସଲ କରିଛି । ଏହା ଯେକୌଣସି ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ହାସଲ କରାଯାଇଥିବା ସର୍ବାଧିକ ସ୍କ୍ରାପ୍ ବିକ୍ରୟ । ପୂର୍ବ ବର୍ଷର ସମାନ ଅବଧିରେ ସ୍କ୍ରାପ୍ ବିକ୍ରୟ ତୁଳନାରେ ଏହି ସଫଳତା ୨୧.୨୪% ଅଧିକ ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକର ଆନୁପାତିକ ଲକ୍ଷ୍ୟଠାରୁ ୬୫.୦୪% ଅଧିକ । ରେଳବାଇ ପାଇଁ ଯଥେଷ୍ଟ ରାଜସ୍ୱ ସୃଷ୍ଟି କରିବା ସହିତ, ସ୍କ୍ରାପ୍ ନିଷ୍କାସନ ହେଉଛି ସ୍ୱଚ୍ଛ ରେଳ ପରିସର ଏବଂ ମୂଲ୍ୟବାନ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରି ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ଅବଦାନ ଦେଉଥିବା ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରୁ ଗୋଟିଏ ।

ଏହି ଉଲ୍ଲେଖନୀୟ ପ୍ରଦର୍ଶନ ମହାପ୍ରବନ୍ଧକ ଶ୍ରୀ ଏ.କେ. ଜୈନଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ସମ୍ଭବ ହୋଇପାରିଛି, ଯିଏ ଅକେଫାବର ୨୦୨୬ ସୁଦ୍ଧା ଏସଇଆରରେ ଶୂନ୍ୟ ସ୍କ୍ରାପ୍ ମିଶନ ଲକ୍ଷ୍ୟ ଉପରେ ନିରନ୍ତର ଗୁରୁତ୍ୱାରୋପ କରିଆସୁଛନ୍ତି । ତାଙ୍କର କେନ୍ଦ୍ରିତ ମାର୍ଗଦର୍ଶନ ଏବଂ ନିରନ୍ତର ତଦାରଖ ସମସ୍ତ ବିଭାଗକୁ ପୁରୁଣା ଏବଂ ଅବ୍ୟବହୃତ ସାମଗ୍ରୀ ଚିହ୍ନଟ, ପ୍ରଦାନ ଏବଂ ନିଷ୍କାସନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରେରଣା ଦେଇଛି । ୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତିନି ମାସ ମଧ୍ୟରେ, ୨୨,୩୯୮ ମେଟ୍ରିକ ଟନ୍ ଫେରସ୍ ସ୍କ୍ରାପ୍, ୪୪୦ ମେଟ୍ରିକ ଟନ୍ ଅଣ-ଫେରସ୍ ସ୍କ୍ରାପ୍, ୪୨ ସଂଖ୍ୟକ କୋଚ୍, ୩୦୬ ସଂଖ୍ୟକ ୱାଗନ୍ ଏବଂ ୨୯୬୩ ମେଟ୍ରିକ ଟନ୍ ଅନ୍ୟାନ୍ୟ ମୁକ୍ତ ବିବିଧ ସାମଗ୍ରୀ ନିଷ୍କାସନ କରିଛି । ଏହି ସଫଳତା ସହିତ, ଏସିଆ ୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପାଇଁ ସ୍କ୍ରାପ୍ ନିଷ୍କାସନରେ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ଜୋନାଲ୍ ରେଳବାଇ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି ଏବଂ ସ୍କ୍ରାପ୍ ବିକ୍ରୟ ରାଜସ୍ୱ ଦୃଷ୍ଟିରୁ ବର୍ତ୍ତମାନ ୧୮ ଜୋନାଲ୍ ରେଳବାଇ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ଅଛି ।

# ଅବସର ଦିନ ଗିରଫ ହେଲେ ଆଇଏଏସ୍ ବାବୁ

**ଚଣ୍ଡିଗଡ଼:** ଆଇଏଏସ୍ ଅଫିସର ପ୍ରଦୀପ କୁମାରଙ୍କୁ ଗିରଫ କରିଛି ସିବିଆଇ । ଯେଉଁଦିନ ପ୍ରଦୀପ ନିଜ ଆଇଏଏସ୍ ଚାକିରି କାଳ ଶେଷ କରିବାକୁ ଯାଉଥିଲେ ସେହିଦିନ ହିଁ ତାଙ୍କୁ ଗିରଫ କରାଯାଇଛି ।୧୬୯ କୋଟି ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଆଇଏଏସ୍ ପ୍ରଦୀପ କୁମାରଙ୍କୁ ଗିରଫ କରିଛି । ହରିୟାଣା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଭାବେ ପ୍ରଦୀପ କୁମାର ୧୬୯ କୋଟିର ସରକାରୀ ପାଣ୍ଠିରେ ହେରଫେର କରିଥିଲେ । ଏତେ ପରିମାଣର ଟଙ୍କାକୁ ସେ ଚଣ୍ଡିଗଡ଼ର ଆଇଡିଏଫସି ଫାଷ୍ଟ ବ୍ୟାଙ୍କରେ ଫିକ୍ସଡ ଡିପୋଜିଟ ନାଁରେ ଚଳୁ କରିଥିବା ଅଭିଯୋଗ ହୋଇଛି । କେନ୍ଦ୍ରୀୟ ଏଜେନ୍ସିର କହିବା କଥା ଯେ ଏହି ଦୁର୍ନୀତି ଯୋଗୁ ହରିୟାଣା ସରକାରଙ୍କ କୌଣସି ବିଭାଗ ପ୍ରଥମଥର ପାଇଁ ଏତେ ପରିମାଣର ଆର୍ଥିକ କ୍ଷତି ସହିଛି । ପ୍ରଦୀପ କୁମାର ବ୍ୟକ୍ତିଗତ ଭାବେ ନିବେଶ ସମ୍ପର୍କିତ କଥା ବୁଝୁଥିଲେ ଓ ନିର୍ଦ୍ଧାରିତ ସୀମା ବାହାରକୁ ଯାଇ ଚଣ୍ଡିଗଡ଼ର ସେକ୍ଟର-୩୨ ସ୍ଥିତ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଶାଖାକୁ ପାଣ୍ଠି




ସ୍ଥାନାନ୍ତର କରିବା ପାଇଁ ଅନୁମତି ଦେଇଥିଲେ । ଆଇଏଏସ୍ ପ୍ରଦୀପ କୁମାର ତାଙ୍କ ଅବସରର ଶେଷ କାର୍ଯ୍ୟ ଦିବସରେ ହିଁ ଗିରଫ ହୋଇଛନ୍ତି । ପ୍ରଦୀପ କୁମାର ୨୦୧୧ ବ୍ୟାଚ୍ର ହରିୟାଣା ସିଭିଲ୍ ସର୍ଭିସେସ୍ ଅଫିସର ଥିଲେ । ପରେ ସେ ଆଇଏଏସ ପାହ୍ୟାକୁ ପଦୋନ୍ନତି ପାଇଥିଲେ । ସେ ସଦସ୍ୟ ସଚିବ ଥିବା ସମୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଣ୍ଠିରେ ଅନିୟମିତତା ହୋଇଥିଲା । ସେ ଏହି ବେଆଇନ କାରବାରରେ ସିଧାସଳଖ ସାମିଲ ଥିବା ସିବିଆଇ ଜାଣିବାକୁ ପାଇଛି । ସିବିଆଇ ତଦନ୍ତରୁ ଜଣାପଡ଼ିଛି ଯେ କୌଣସି ବିଭାଗୀୟ ଅନୁମୋଦନ କିମ୍ବା ସରକାରୀ ରେକର୍ଡ ନଥାଇ ପ୍ରଥମେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନାଁରେ ଗୋଟିଏ ଏକ ନକଲି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଏହି ଟଙ୍କା ସ୍ଥାନାନ୍ତର କରାଯାଇଥିଲା । ପ୍ରକୃତରେ ସେଠାରେ କୌଣସି ଫିକ୍ସଡ୍ ଡିପୋଜିଟ୍ କରାଯାଇ ନଥିଲା । ଫିକ୍ସଡ ଡିପୋଜିଟ ବଦଳରେ ସେହି ଆକାଉଣ୍ଟରୁ ଜାଲିଆତି କରି ଟଙ୍କା ଉଠାଯାଇଥିଲା । ଏହାଦ୍ୱାରା ସରକାରଙ୍କୁ ୧୬୯ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା । ଟଙ୍କା ହେରଫେର ଅଭିଯୋଗ ପରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା । ଏହି ସମୟରେ ପ୍ରଦୀପ କୁମାରଙ୍କୁ ସିବିଆଇ ବାରମ୍ବାର ନୋଟିସ କରିଥିଲା । ହେଲେ ସେ ନୋଟିସର କୌଣସି ଜବାବ ଦେଇ ନଥିଲେ । ଏଥିସହ ପଞ୍ଚକୁଲା କୋର୍ଟରେ ଆଗୁଆ ଜାମିନ ଆବେଦନ ମଧ୍ୟ କରିଥିଲେ । ଏହାର ଶୁଣାଣି ଆସନ୍ତାକାଲି ହେବାର ଥିଲା । କିନ୍ତୁ ଏହା ପୂର୍ବରୁ ସିବିଆଇ ତାଙ୍କୁ ଗିରଫ କରିନେଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏହି ମାମଲାଟି ହରିୟାଣାର ୮ଟି ସରକାରୀ ବିଭାଗ ସହ ଜଡ଼ିତ ୫୦୪ କୋଟି ଟଙ୍କାର ବ୍ୟାଙ୍କିଙ୍ଗ୍ ଜାଲିଆତିର ଅଂଶବିଶେଷ । ଯେଉଁଠାରେ ଜାଲ୍ ଫିକ୍ସଡ୍ ଡିପୋଜିଟ୍ ଓ ବେଆଇନ ଉଠାଣ ମାଧ୍ୟମରେ ସରକାରୀ ପାଣ୍ଠି ହଡ଼ପ କରାଯାଇ ବିଭିନ୍ନ ନକଲି ସଂସ୍ଥାକୁ ପଠାଯାଇଛି ।ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ହରିୟାଣା ରାଜ୍ୟ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ବ୍ୟୁରୋ ଠାରୁ ସିବିଆଇ ଏହି ତଦନ୍ତ ଭାର ନିଜ ହାତକୁ ନେଇଥିଲା । ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ସଂସ୍ଥା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଓ ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ୬ ଜଣ ଅଧିକାରୀ, ୩ ଜଣ ହରିୟାଣା ସରକାରୀ ଅଧିକାରୀ, ୨ଟି କମ୍ପାନୀ ଓ ୬ ଜଣ ବେସରକାରୀ ବ୍ୟକ୍ତିଙ୍କ ସମେତ ମୋଟ ୧୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିସାରିଛି ।

ଫିଫା ବିଶ୍ୱକପ୍

# ଗୋଲ୍ଡେନ୍ ବଲ୍, ବୁଟ୍, ଗ୍ଲୋଭ୍ ପୁରସ୍କାର

ନୂଆଦିଲ୍ଲୀ,୦୧(ଏଜେନ୍ସି): ଫିଫା ବିଶ୍ୱକପର ସେହି ମୁଖ୍ୟ ଆଇକନିକ୍ ଟ୍ରଫିକୁ ହାତରେ ଟେକିବା ପାଇଁ ସବୁ ଖେଳାଳି ଆଶା ରଖିଥିବା ବେଳେ, ଏହି ଟୁର୍ଣ୍ଣାମେଣ୍ଟରେ କିଛି ବ୍ୟକ୍ତିଗତ ପୁରସ୍କାର ମଧ୍ୟ ମିଳିବାକୁ ଯାଉଛି। ୧୯୮୨ ମସିହା ସ୍ପେନ୍ ବିଶ୍ୱକପଠାରୁ ଖେଳାଳିମାନେ ବ୍ୟକ୍ତିଗତ ଭାବେ 'ଗୋଲ୍ଡେନ୍ ବଲ୍' (ସର୍ବଶ୍ରେଷ୍ଠ ଖେଳାଳି) ଏବଂ 'ଗୋଲ୍ଡେନ୍ ବୁଟ୍' (ସର୍ବାଧିକ ଗୋଲଦାତା) ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଆସୁଛନ୍ତି। ପରେ ୧୯୯୪ ମସିହାରୁ ସର୍ବଶ୍ରେଷ୍ଠ ଗୋଲକିପରଙ୍କ ପାଇଁ 'ଗୋଲ୍ଡେନ୍ ଗ୍ଲୋଭ୍' ପୁରସ୍କାର ଆରମ୍ଭ ହୋଇଥିଲା, ଯାହା ପ୍ରଥମେ 'ଲେଭ୍ ୟାସିନ୍ ଆୱାର୍ଡ' ନାମରେ ଜଣାଶୁଣା ଥିଲା ଏବଂ ୨୦୧୦ରେ ଏହାର ନାମ ବଦଳାଗଲା।




୨୦୨୬ ବିଶ୍ୱକପ୍ ପୂର୍ବରୁ ଆଡିଡାସ୍ ଏହି ତିନୋଟି ମୁଖ୍ୟ ବ୍ୟକ୍ତିଗତ ପୁରସ୍କାରର ନୂଆ ଏବଂ ଆଧୁନିକ ଡିଜାଇନକୁ ସାମ୍ନାକୁ ଆଣିଥିଲା। କାନାଡା, ମେକ୍ସିକୋ ଏବଂ ଆମେରିକାରେ ହେବାକୁ ଥିବା ଏହି ୨୦୨୬ ଟୁର୍ଣ୍ଣାମେଣ୍ଟ ପାଇଁ ଟ୍ରଫି ଗୁଡ଼ିକୁ ନୂଆ ରୂପ ଦିଆଯାଇଛି।

## ଗୋଲ୍ଡେନ୍ ବଲ୍

୨୦୨୬ର ଗୋଲ୍ଡେନ୍ ବଲ୍ ପୁରସ୍କାରଟି ଆଡିଡାସର 'ଟ୍ରାୟୋଣ୍ଡା' ମ୍ୟାଚ୍ ବଲ୍ ଆଧାରରେ ତିଆରି ହୋଇଛି, ଯାହା ପୂରା ବିଶ୍ୱକପରେ ବ୍ୟବହାର କରାଯିବ। ଲିଓନେଲ୍ ମେସି ବର୍ତ୍ତମାନର ଗୋଲ୍ଡେନ୍ ବଲ୍ ବିଜେତା ଅଛନ୍ତି। ଯିଏ କି କାତାର ୨୦୨୨ ବିଶ୍ୱକପରେ ଆର୍ଜେଣ୍ଟିନାକୁ ଚାମ୍ପିଅନ୍ କରାଇବା ପରେ ଏହି ପୁରସ୍କାର ପାଇଥିଲେ।

୩୮ ବର୍ଷୀୟ ମେସି ପୁଣିଥରେ ଏହାକୁ ଜିତିବା ସହଜ ହେବ ନାହିଁ, କାରଣ ତାଙ୍କୁ ଫ୍ରାନ୍ସର କିଲିଆନ୍ ଏମବାପେ (୨୦୨୨ର ରନର୍ସ-ଅପ୍) ଏବଂ ଅନ୍ୟ ଯୁବ ସୁପରଷ୍ଟାରମାନଙ୍କଠାରୁ କଡ଼ା ଟକ୍କର ମିଳିବ। ସ୍ପେନର ଲାମିନ୍ ୟାମାଲ୍, ଇଂଲଣ୍ଡର ହାରି କେନ୍, ଓସମାନେ ଡେମ୍ବେଲେ, ମାଇକେଲ୍ ଓଲିସେ, ଏବଂ ପର୍ତ୍ତୁଗାଲର ବିଟିନାହ ଓ ବ୍ରୁନୋ ଫର୍ଣ୍ଣାଣ୍ଡେସଙ୍କ ଭଳି ଖେଳାଳିମାନେ ମଧ୍ୟ ଭଲ ଫର୍ମରେ ଅଛନ୍ତି।

## ଗୋଲ୍ଡେନ୍ ବୁଟ୍

୨୦୨୨ ବିଶ୍ୱକପ୍ ଫାଇନାଲରେ ହାରିବା ସତ୍ତ୍ୱେ, ଏମବାପେ ଆର୍ଜେଣ୍ଟିନା ବିପକ୍ଷରେ ହ୍ୟାଟ୍ରିକ୍ ଗୋଲ୍ କରି ମେସିଙ୍କୁ ପଛରେ ପକାଇ ଗୋଲ୍ଡେନ୍ ବୁଟ୍ ଜିତିଥିଲେ। ବିଗତ ବର୍ଷଗୁଡ଼ିକରେ ହାରି କେନ୍ (୨୦୧୮), ଜେମ୍ସ ରୋଡ୍ରିଗ୍ରେଜ୍ (୨୦୧୪), ଥୋମାସ ମୁଲର୍ (୨୦୧୦), ରୋନାଲଡୋ ନାଜାରିଓ (୨୦୦୨) ଏବଂ ମିରୋସଲାଭ କ୍ଲୋଜେ (୨୦୦୬) ଏହି ପୁରସ୍କାର ଜିତିଛନ୍ତି।

ଗତ ସିଜନରେ ବାୟର୍ଣ୍ଣ ମ୍ୟୁନିକ୍ ପାଇଁ ୫୧ଟି ମ୍ୟାଚରେ ୧ଟି ଗୋଲ୍ କରିଥିବା ହାରି ପୁଣିଥରେ ଏହାକୁ ଜିତିବାର ବଡ଼ ସୁଯୋଗ ରହିଛି। କିନ୍ତୁ ତାଙ୍କୁ ଏମବାପେ, ଏରଲିଙ୍ଗ ହାଲାଣ୍ଡ, ଭିନିସିଅସ୍ ଜୁନିଅର୍ ଏବଂ ୟାମାଲ ଭଳି ତାରକାଙ୍କ ସହ ପ୍ରତିଯୋଗିତା କରିବାକୁ ପଡ଼ିବ। ଇତିହାସ କହେ ଯେ ୩୦ ବର୍ଷ ବା ତା'ଠାରୁ ଅଧିକ ବୟସର ମାତ୍ର ଜଣେ ଖେଳାଳି (୧୯୯୮ରେ କ୍ରୋଏସିଆର ଦାଭୋର ସୁକର) ଗୋଲ୍ଡେନ୍ ବୁଟ୍ ଜିତିବାରେ ସଫଳ ହୋଇଛନ୍ତି।

## ଗୋଲ୍ଡେନ୍ ଗ୍ଲୋଭ୍

ବିଶ୍ୱକପରେ ସବୁଠାରୁ ଚମତ୍କାର ପ୍ରଦର୍ଶନ କରିଥିବା ଗୋଲକିପରଙ୍କୁ ଏହି ପୁରସ୍କାର ଦିଆଯାଏ। ୨୦୧୦ରେ ସ୍ପେନର ଇକର୍ କାସିଲାସ୍ ପ୍ରଥମ ବିଜେତା ଭାବେ ୫ଟି କ୍ଲିନ୍-ସିଟ୍ (ଗୋଟିଏ ବି ଗୋଲ୍ ନଖାଇବା) ରଖି ଏହା ଜିତିଥିଲେ।

୨୦୨୨ରେ ଆର୍ଜେଣ୍ଟିନାର ଏମିଲିଆନୋ ମାର୍ଟିନେଜ୍ ନିଜର ଚମତ୍କାର ସେଭ୍ ଏବଂ ପେନାଲ୍ଟି ସୁଟ୍‌ଆଉଟ୍ ଜରିଆରେ ଏହି ପୁରସ୍କାର ପାଇଥିଲେ। ୨୦୨୬ରେ ମଧ୍ୟ ସେ ଏହାକୁ ବଜାୟ ରଖିବାକୁ ଚେଷ୍ଟା କରିବେ, କିନ୍ତୁ ସ୍ପେନର ଡେଭିଡ୍ ରାୟା, ଇଂଲଣ୍ଡର ଜର୍ଡାନ ପିକ୍ଫୋର୍ଡ, ବ୍ରାଜିଲର ଆଲିସନ ଏବଂ ପର୍ତ୍ତୁଗାଲର ଡିଓଗୋ କୋଷ୍ଟାଙ୍କ ଭଳି ଶକ୍ତିଶାଳୀ ଗୋଲକିପରମାନେ ତାଙ୍କ ସାମ୍ନାରେ ଅଛନ୍ତି। ଏହା ସହିତ ଜର୍ମାନୀ ଦଳକୁ ଫେରିଥିବା ୪୦ ବର୍ଷୀୟ ମାନୁଏଲ୍ ନୁୟେର ମଧ୍ୟ ଏହି ଦୌଡ଼ରେ ସାମିଲ ଅଛନ୍ତି।

# ମେକ୍ସିକୋର ଐତିହାସିକ ବିଜୟ



ନ୍ୟୁୟର୍କ,୦୧(ଏଜେନ୍ସି): ଫିଫା ବିଶ୍ୱକପରେ ଐତିହାସିକ ସଫଳତା ପାଇଛି ମେକ୍ସିକୋ। ପୂର୍ବରୁ ଏଭଳି ସେଲିବ୍ରେସନ ହୋଇନଥିଲା। ଏଥର ସେଭଳି କିଛି କରିଛନ୍ତି ମେକ୍ସିକୋ ବାସୀ। ଫିଫା ବିଶ୍ୱକପରେ ମେକ୍ସିକୋ ୨-୦ ଗୋଲରେ ଇକ୍ୱେଡରକୁ ପରାସ୍ତ କରି ବିଜୟ ହାସଲ କରିଛି। ଏହି ଜମାଣିଆ ବିଜୟ ସହ ମେକ୍ସିକୋ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଲକ୍ଷ ଲକ୍ଷ ମେକ୍ସିକୋ ପ୍ରଶଂସକ ସହରର ରାଜରାସ୍ତାକୁ ନିଜ ଦଖଲକୁ ନେଇ ଆତସବାଜି ସହ ସେଲିବ୍ରେସନ କରିଥିଲେ। ନୂତନ ବର୍ଷର ଆଗମନକୁ ଯେଉଁଭଳି ସେଲିବ୍ରେସନ ହୋଇଥାଏ, ସେଭଳି ଦେଖିବାକୁ ମିଳିଥିଲା ବିଶ୍ୱକପରେ ମେକ୍ସିକୋ ମ୍ୟାଚ ଜିତିବା ପରେ। ବିଶ୍ୱକପ ନକଆଉଟରେ ପ୍ରଥମଥର ବିଜୟ ପାଇଁ ମେକ୍ସିକୋବାସୀ ୪୦ ବର୍ଷ ଧରି ଅପେକ୍ଷା କରିଥିଲେ। ଏହି ଅପେକ୍ଷାର ଅନ୍ତହେବାରୁ ପ୍ରଶଂସକ ରାଜରାସ୍ତାକୁ ଓହ୍ଲାଇ ସେଲିବ୍ରେସନ କରିଥିଲେ। ୧୯୯୪ରୁ ୨୦୧୮ ଯାଏ ଦଳ ୭ଥର ନକଆଉଟ୍ ପର୍ଯ୍ୟାୟରେ ଜିତି ପାରିନଥିଲା। ୨୦୨୨ ବିଶ୍ୱକପରେ ଦଳ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା।

ମେକ୍ସିକୋ ପ୍ରଶଂସକଙ୍କ ସେଲିବ୍ରେସନକୁ ଫିଫା ନିଜର ଟ୍ୱିଟର ପୃଷ୍ଠାରେ ସେୟାର କରିଛି। ଏହାକୁ ଐତିହାସିକ ରାତି ଭାବେ ଚିତ୍ରଣ କରାଯାଇଛି। ପ୍ରଶଂସକ ନାଚୁ ଥିବା, ପରସ୍ପରକୁ ଆଲିଙ୍ଗନ କରୁଥିବା ଓ ମ୍ୟାଚ ଶେଷ ହେବା ପରେ ଦୀର୍ଘ ସମୟ ଧରି ଗୀତ ଗାଇ ମେକ୍ସିକୋର ବିଜୟକୁ ବିରାଟ ଉତ୍ସ ଭାବେ ପାଳନ କରିଛି।

ମ୍ୟାଚର ୨୨ତମ ମିନିଟରେ ଜୁଲିଆନ କୁଇନୋସସ ଗୋଲ କରି ଦଳକୁ ଆଗୁଆ କରିଥିଲେ। ଏହାର ୯ ମିନିଟ ପରେ ରାଉଲ ଜିମେନେଜ ଦ୍ୱିତୀୟ ଗୋଲ କରି ମେକ୍ସିକୋକୁ ୨-୦ରେ ବିଜୟ ଭେଟି ଦେଇଥିଲେ। ୧୯୮୬ ବିଶ୍ୱକପରେ ବୁଲଗେରିଆକୁ ପରାସ୍ତ କରିବା ପରେ ଏହା ମେକ୍ସିକୋର ପ୍ରଥମ ନକଆଉଟ ପର୍ଯ୍ୟାୟ ବିଜୟ। ସେହି ବିଶ୍ୱକପର ଆୟୋଜନ ମଧ୍ୟ ମେକ୍ସିକୋରେ ହୋଇଥିଲା। ଚଳିତ ବିଶ୍ୱକପରେ ଘରୋଇ ଦଳ ଲଗାତାର ୪ ଟି ମ୍ୟାଚରେ କୌଣସି ଗୋଲ ଖାଇ ନାହିଁ। ଏହା ମଧ୍ୟ ଏକ ରେକର୍ଡ।

# ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ: ୭ ଜଣ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୦୧(ସବ୍ୟ): ଭୁବନେଶ୍ୱରର କ୍ରୀଡା ଅନୁଷ୍ଠାନ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି। କ୍ରୀଡାବିତଙ୍କୁ ମାର୍ଗଦର୍ଶନ କରାଇବାରେ ସର୍ବଦା ପ୍ରଚ୍ଛଦପଟ୍ଟର ନାୟକ ଭାବେ କାର୍ଯ୍ୟ କରୁଥିବା କ୍ରୀଡା ସାମ୍ବାଦିକଙ୍କୁ ଗତ ୨୦୨୩ ମସିହାରୁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ସମ୍ବର୍ଦ୍ଧିତ କରିବାର ଧାରା ଆରମ୍ଭ କରିଥିଲା। ଏହି କ୍ରମରେ ୨୦୨୬ ବର୍ଷ ପାଇଁ ୭ ଜଣଙ୍କୁ ସମ୍ବର୍ଦ୍ଧିତ କରିଛି ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଜଗନ୍ନାଥ ଏକ୍ସପ୍ରେସରେ କାର୍ଯ୍ୟରତ ବରିଷ୍ଠ କ୍ରୀଡା ସାମ୍ବାଦିକ ସନ୍ତୋଷ କୁମାର ମହାନ୍ତି, ପ୍ରତିଦିନ ଖବର କାଗଜର ବାର୍ତ୍ତା ସମ୍ପାଦକ ତଥା ବରିଷ୍ଠ କ୍ରୀଡା ସାମ୍ବାଦିକ ରଜନୀକାନ୍ତ ସତ୍ୟଶଲ୍ୟ,ଅର୍ଗସ ନ୍ୟୁଜ୍‌ର ଶୁଭଜିତ ଜେନା, ସୂର୍ଯ୍ୟପ୍ରଭାର ବିଜୟ କୁମାର ଖୁଣ୍ଟିଆ, ସମ୍ବାଦର ତପନ କୁମାର ମହାରଣ, ପ୍ରମେୟର ମନୋଜ କୁମାର ସ୍ୱାଇଁ ଏବଂ ସ୍ଥାନୀୟ ଅଞ୍ଚଳର ସମାଜସେବୀ ବିକାଶ କୁମାର ଜେନାଙ୍କୁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ସମର୍ଦ୍ଧିତ କରାଯାଇଛି। ଏକାଡେମୀର ଅଧକ୍ଷା ମୀରାରାଣୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରାଜ୍ୟର ବରିଷ୍ଠ କ୍ରୀଡା ସାମ୍ବାଦିକ ସନାତନ ପାଣି, ଅନ୍ତର୍ଜାତୀୟ ପାରାକ୍ରୀଡାବିତ ରାଖାଲ କୁମାର ସେଠୀ, ଦୂରଦର୍ଶୀର ସମ୍ପାଦକ ଦୂର୍ଗା ସାମନ୍ତରାୟ, ଜେଏମ ସ୍ପୋର୍ଟ୍ସ ଏକାଡେମୀର ସମ୍ପାଦକ ଯଶବନ୍ତ ଦାସ, ଆଇନ ଉପଦେଷ୍ଟା ସୁବ୍ରତ ମହାପାତ୍ର ଏବଂ ସିନେ ପ୍ରଯୋଜକ ଅତିଶ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଜେଏମ ସ୍ପୋର୍ଟ୍ସ ଏକାଡେମୀ ଓଡ଼ିଶାର ଅନ୍ୟତମ ଅଗ୍ରଣୀ କ୍ରୀଡା ଅନୁଷ୍ଠାନ। ଯାହା ଗୁଣାତ୍ମକ ପ୍ରଶିକ୍ଷଣ, ଶୃଙ୍ଖଳା ଓ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ମାଧ୍ୟମରେ ଶିଶୁ ଓ ଯୁବ ପ୍ରତିଭାଙ୍କୁ ଗଢ଼ି ତୋଳିବାରେ ନିରନ୍ତର କାର୍ଯ୍ୟ କରୁଛି। ୨୦୧୩ ଅଗଷ୍ଟ ୧୪ରେ ମୀରାରାଣୀ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଏକାଡେମୀ ମାତ୍ର ୧୨ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଯାତ୍ରା ଆରମ୍ଭ କରିଥିଲା। ଅଧୁନା ଶତାଧିକ କ୍ରୀଡାବିତଙ୍କୁ ପ୍ରଶିକ୍ଷଣ ଦେଇ ଚାମ୍ପିଅନ ସୃଷ୍ଟି କରିଥିବା ଏକ ସୁପ୍ରତିଷ୍ଠିତ କ୍ରୀଡା ଅନୁଷ୍ଠାନରେ ପରିଣତ ହୋଇଛି। ଭୁବନେଶ୍ୱରର ସମେଇଗାଡିଆ ଅଞ୍ଚଳରେ ଅବସ୍ଥିତ ଏହି ଏକାଡେମୀ ମୀରାରାଣୀ ଏଜୁକେସନ ଆଣ୍ଡ୍ ଚ୍ୟାରିଟେବୁଲ ଟ୍ରଷ୍ଟ ଅଧିନରେ ପରିଚାଳିତ ହୋଇ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ, ଆଧୁନିକ ଓ ସମାବେଶୀ ପରିବେଶ ପ୍ରଦାନ କରୁଛି।

# ଏମବାପେଙ୍କ ଯୋଗୁ ପ୍ରି-କ୍ୱାର୍ଟରରେ ଫ୍ରାନ୍ସ



ଅଧିନାୟକ କିଲିଆନ୍ ଏମାବାପେଙ୍କ ଡବଲ ଗୋଲ ଯୋଗୁ ଫ୍ରାନ୍ସ ଚଳିତ ଫିଫା ବିଶ୍ୱକପର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ନ୍ୟୁ-ଜର୍ସି ପଡିଆରେ ଦୁଇ ୟୁରୋପୀୟ ଦେଶ ମଧ୍ୟରେ ଖେଳାଯାଇଥିବା ରାଉଣ୍ଡ-୩୨ ମୁକାବିଲାରେ ଗତ ସଂସ୍କରଣ ଉପବିଜେତା ଫ୍ରାନ୍ସ ୩-୨ ଗୋଲରେ ସ୍ୱିଡେନକୁ ମାତ ଦେଇଛି। ଆଗାମୀ ୫ ତାରିଖରେ ଫ୍ରାନ୍ସ କ୍ୱାର୍ଟରଫାଇନାଲରେ ପାରାଗୁଏକୁ ଭେଟିବ।

# ଆଜି ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ଅଭିନନ୍ଦନ ଜଣାଇଲେ କ୍ରୀଡାବିତ୍

ଭୁବନେଶ୍ୱର,୦୧(ସବ୍ୟ): ଜୁଲାଇ ୨ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ କ୍ରୀଡା ସାମ୍ବାଦିକ ଦିବସ ଭାବେ ପାଳନ କରାଯାଉଛି। ସମଗ୍ର ବିଶ୍ୱର କ୍ରୀଡା ସାମ୍ବାଦିକ ଓ ଗଣମାଧ୍ୟମ କର୍ମୀଙ୍କ ଅବଦାନକୁ ସମ୍ମାନ ଜଣାଯାଇଥାଏ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସରେ। କ୍ରୀଡାବିତ ଓ ଦର୍ଶକଙ୍କ ମଧ୍ୟରେ ସେତୁବନ୍ଧ ଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ହେଉଛନ୍ତି କ୍ରୀଡା ସାମ୍ବାଦିକ। ୧୯୨୪ ମସିହା ଜୁଲାଇ ୨ ତାରିଖରେ ପ୍ୟାରିସ ଅଲିମ୍ପିକ୍ସ ସମୟରେ ଇଣ୍ଟରନ୍ୟାସନାଲ ସ୍ପୋର୍ଟ୍ସ ପ୍ରେସ ଆସୋସିଏସନ୍ (ଏଆଇପିଏସ) ପ୍ରତିଷ୍ଠା ହୋଇଥିଲା। ଏଆଇପିଏସ ପ୍ରତିଷ୍ଠାର ସ୍ମୃତି ପାଳନ ଅବସରରେ ୭୦ ବର୍ଷ ପରେ ଅର୍ଥାତ୍ ୧୯୯୪ ଜୁଲାଇ ୨ ତାରିଖରୁ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳନ ହୋଇଆସୁଛି। ଏହି ଦିବସ ପାଳନର ଅନେକ ଗୁଡିକ ମୁଖ୍ୟ ଉଦ୍ଦେଶ୍ୟ ରହିଛି। ପ୍ରଥମତଃ ବିଶ୍ୱବ୍ୟାପୀ କ୍ରୀଡାର ସୁଧା ପ୍ରସାରଣ, ସଠିକ ବିଶ୍ଳେଷଣ ଏବଂ କ୍ରୀଡାବିତଙ୍କ ଜୀବନୀ ପାଠକଙ୍କ ପାଖରେ ପହଞ୍ଚାଉଥିବା ସାମ୍ବାଦିକଙ୍କ ନିଷ୍ଠାକୁ ସ୍ୱିକୃତୀ ଦେବା। ଦ୍ୱିତୀୟତଃ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସଠିକତା ସହ ରିପୋର୍ଟିଂ କରିବା ପାଇଁ ଉତ୍ସାହିତ କରିବା ଏବଂ ତୃତୀୟରେ ବିଭିନ୍ନ ସଂସ୍କୃତିର ଲୋକଙ୍କୁ ଏକଜୁଟ କରିବାରେ ତଥା ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବାରେ କ୍ରୀଡା ସାମ୍ବାଦିକତା ଭୂମିକାକୁ ଗୁରୁତ୍ୱ ଦେବା ଏହାର ମୂଳ ଲକ୍ଷ୍ୟ। ଏହି ଦିବସରେ କ୍ରୀଡାବିତ ତଥା ପ୍ରଶିକ୍ଷକଙ୍କ ଶୁଭେଚ୍ଛା..



କ୍ରୀଡ଼ାର ବିକାଶରେ କ୍ରୀଡା ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖେଳାଳି ଦେଶ ପାଇଁ ଖେଳି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା କ୍ଷେତ୍ରରେ ଆଗେଇ ଥାଏ। ନିଜର ଦକ୍ଷତାକୁ ପ୍ରତିପାଦିତ କରିବା ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରି ସଫଳତା ପାଇ ଥାଏ। ଏହି ସଫଳତାକୁ ସମସ୍ତଙ୍କ ଦୃଷ୍ଟିଗୋଚରକୁ ଆଣିବାରେ ବଡ଼ ଭୂମିକା କ୍ରୀଡା ସାମ୍ବାଦିକ ତୁଲାଇଥାନ୍ତି। ସୁନ୍ଦର ଉପସ୍ଥାପନା ଜଣେ କ୍ରୀଡାବିତର କ୍ୟାରିୟରକୁ ସାଧାରଣ ଜନତାଙ୍କ ପାଖରେ ଚଳଚ୍ଚିତ୍ରର ନାୟକ ନାୟିକା ଭଳି ଉପସ୍ଥାପନା କରିବା ବାସ୍ତବରେ ପ୍ରଶଂସନୀୟ। ପରଦା ପଛର ନାୟକ ଭଳି ସର୍ବଦା କ୍ରୀଡାବିତଙ୍କ ସହ ଯୋଡି ହୋଇରହିଥିବା ସୁଖଦୁଖର ସାଥି କ୍ରୀଡା ସାମ୍ବାଦିକଙ୍କୁ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସରେ ଅଭିନନ୍ଦନ ଜଣାଇବା ସହ ଉତ୍ତରୋତ୍ତର କାମନା କରୁଛି।

**ଅମିତ୍ ରୋହି ଦାସ (ହକି)ଅାଲମ୍ପୀୟନ୍**



ମୁଁ ଆଜି ଯଦି ସମାଜ ରେ ଜଣେ ଭଲ କ୍ରୀଡାବିତ୍ ହିସାବରେ ପରିଗଣିତ ହୋଇ ପାରିଛି ତାହା ମୋ ଗୁରୁ ମାନଙ୍କ ଯୋଗୁଁ। କିନ୍ତୁ ସମାଜରେ ଯେଉଁ ସମ୍ମାନ ମିଳୁଛି ତାହା କେବଳ କ୍ରୀଡା ସାମ୍ବାଦିକ ପାଇଁ। ଯେତେବଳେ ଆମେ ବିଦେଶରୁ ସଫଳତାର ସହିତ ନିଜ ମାଟିରେ ପାଦ ଥାପି ଥାଉ ସେ ଦିନ ହିଁ ଆମକୁ ପ୍ରକୃତ ସମ୍ମାନ କଣ ଓ ଜଣେ ସଫଳ ଖେଳାଳି କଣ ତାହାର ପ୍ରକୃତ ଅନୁଭୂତି ହୋଇଥାଏ। ବିଶ୍ୱ କ୍ରିଡ଼ା ସାମ୍ବାଦିକ ଦିବସ ଅବସରରେ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ କ୍ରୀଡା ସାମ୍ବାଦିକଙ୍କୁ ମୁଁ ଓ ମୋ ପରିବାର ତରଫରୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା।

**ଅନମୋଲ ଏକ୍କା (ହକି)**



ମୋର ମନେ ଅଛି ଯେତେବେଳେ ମୁଁ ଆନ୍ତର୍ଜାତିକ ମ୍ୟାଚରେ ଜଣେ କୋଚ୍ ହିସାବରେ ନିଜର ଶିଷ୍ୟଙ୍କୁ ନେଇ ସଫଳତା ହାସଲ କରେ, ନିଜକୁ ଗର୍ବିତ ମନେ ହୁଏ। କିନ୍ତୁ ଖୁସି ଲାଗେ ସକାଳୁ ସେଣ୍ଟର କୁ ଯାଇ ଯେତେ ବେଳେ ଗୁରୁ ଶିଷ୍ୟର ସଫଳ କାହାଣୀ ଖବକାଗଜମାନଙ୍କରେ ଦେଖେ ସେତେବେଳେ ଆମର ସଫଳତାର ଅସଲ ସ୍ୱାଦ କଣ ଜଣାପଡ଼େ। ଏହା କେବଳ ଜଣେ କ୍ରୀଡା ସାମ୍ବାଦିକ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ମୁଁ ଜାଣେ କ୍ରୀଡା ସାମ୍ବାଦିକ ନିଜର କର୍ମ କ୍ଷେତ୍ରରେ ନିଷ୍ଠା ଓ ସତ୍ୟ ର ଖବର ପରିବେଷଣ ପାଇଁ କେତେ ପରିଶ୍ରମ କରନ୍ତି। ଆଜି ସାରା ବିଶ୍ୱରେ କ୍ରୀଡା ସାମ୍ବାଦିକ ଦିବସ ପାଳନ କରାଯାଉଛି। ଏହି ଅବସରରେ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ କ୍ରୀଡା ସାମ୍ବାଦିକଙ୍କୁ ହୃଦୟରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ପାରିବାରିକ ଜୀବନ ସଦାସର୍ବଦା ସୁଖମୟ ହେଉ ଏହା ମୋର ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଅଶୋକ ମିଶ୍ର(ଜିମନାଷ୍ଟିକ କୋଚ୍)**



ଭାରତୀୟ ଜର୍ସି ପିନ୍ଧି ଖେଳିବା ମଜା କିଛି ଅଲଗା। ସଫଳତା ପାଇଁ ଅନେକ ପରିଶ୍ରମ କରିବାକୁ ପଡିଥାଏ। ସଫଳତା ସେବେ ଆମକୁ ଆନନ୍ଦ ଦିଏ, ଯେତେବଳେ ଆମର ଫୋଟ ସହିତ ଜୀବନ କାହାଣୀ ଗଣମାଧ୍ୟମରେ ପ୍ରକାଶିତ ହୋଇଥାଏ। ବେଳେ ବେଳେ ପରିବାର ସହିତ ବସି ସକାଳୁଆ ଚା ର ଆନନ୍ଦ ମଧ୍ୟ ନିଜର ଫୋଟ ଓ ଖବରକୁ ଦେଖି ହୋଇଥାଏ। ଓଡ଼ିଶାରେ ଅନେକ କ୍ରୀଡା ସାମ୍ବାଦିକ ଅଛନ୍ତି ଯେଉଁ ମାନେ ନିଜର କଲମ ଦ୍ୱାରା ନିଷ୍ଠାର ସହିତ ବିଭିନ୍ନ କ୍ରୀଡା କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ନୂଆ ପରିଚୟ ଟିଏ ଦେବାରେ ସକ୍ଷମ ହୋଇଛନ୍ତି। ମୁଁ ଜାଣେ ଜଣେ କ୍ରୀଡା ସାମ୍ବାଦିକ ହିଁ ଆମକୁ ସମାଜରେ ସମ୍ମାନର ସହିତ ବଞ୍ଚିବା ଓ ନିଜର କର୍ମ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସହିତ ମୁଣ୍ଡ ଟେକି ଚାଲିବାର ମାଗଦର୍ଶକ ହୋଇଥାନ୍ତି। ଆଜି ଜୁଲାଇ ୨ ରେ ଓଡ଼ିଶା ତଥା ଭାରତ ବର୍ଷରେ ଥିବା ସମସ୍ତ କ୍ରୀଡା ସାମ୍ବାଦିକଙ୍କୁ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

**ପ୍ୟାରୀ ଖାଖା (ମହିଳା ଫୁଟବଲ)**



ସୋସିଆଲ ମିଡ଼ିଆରୁ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳନ କଥା ଜାଣିବାକୁ ପାଇଲି। ମୁଁ ଜାଣେ ସଫଳ ଖେଳାଳି ଟିଏ ସଫଳତା ପାଇଁ ଅନେକ ପରିଶ୍ରମ କରିଥାଏ କିନ୍ତୁ ସେ ପରିଶ୍ରମ ସେବେ ପୂର୍ଣ୍ଣ ହୁଏ ଯେତେବେଳେ ତାକୁ ସମାଜ ଚିହ୍ନେ ଓ ତାର ସଫଳତା ପାଇଁ ତାକୁ ସମ୍ମାନ କରେ। ଏହା କେବଳ ଜଣେ କ୍ରୀଡା ସାମ୍ବାଦିକ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ନିଜର କଲମ ମୁନର ଯାଦୁରେ କ୍ରୀଡାବିତର ସଫଳତା କାହାଣୀକୁ ସୁନ୍ଦର ଚିତ୍ରଣ କରି ସମସ୍ତଙ୍କ ନିକଟରେ ଜଣେ ସଫଳ ଖେଳାଳିକୁ ସମ୍ମାନର ସହିତ ବଞ୍ଚିବାରେ ସହାୟକ ହୋଇଥାଏ। ତେଣୁ ଆମର ସଫଳତା ଯେତେ ହେଉନା କାହିଁକି କ୍ରୀଡା ସାମ୍ବାଦିକ ନଥିଲେ ତାହା ପୂର୍ଣ୍ଣପୂର୍ଣ୍ଣ ହୋଇନଥାନ୍ତା। ଆଜି ଜୁଲାଇ ୨ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ଅବସରରେ ଭାରତର ତଥା ଓଡ଼ିଶାର କାର୍ଯ୍ୟରତ ସମସ୍ତ କ୍ରୀଡା ସାମ୍ବାଦିକ ଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା।

**ନିକିତା ଟୋପ୍ପୋ (ହକି)**

# ୱିମ୍ବଲଡନକୁ ଫେରିଲେ ସେରେନା

ଲଣ୍ଡନ,୦୧(ଏଜେନ୍ସି): ୱିମ୍ବେଲଡେନ ଟେନିସ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଆମେରିକାର ଷ୍ଟାର ମହିଳା ଖେଳାଳି ସେରେନା ୱିଲିୟମ୍ସ ଅବସର ନିଷ୍ପତିରୁ ଓହରିଥିଲେ। ତେବେ ତାଙ୍କର ଏହି ପ୍ରତ୍ୟାବର୍ତନ ଉତ୍ସାହଜନକ ରହି ନାହିଁ। ୪୪ ବର୍ଷୀୟା ସେରେନା ପ୍ରଥମ ରାଉଣ୍ଡରେ ୨୦ ବର୍ଷୀୟା ଅଷ୍ଟ୍ରେଲିଆର ମାୟା ଜାଇଂଟଙ୍କ ନିକଟରୁ ୬-୩, ୭-୬ ଓ ୬-୭ ସେଟରେ ପରାଜିତ ହୋଇଥିଲେ। ସେରେନା ମହିଳା ଡବଲ୍ସରେ ଭଉଣୀ ଭେନସଙ୍କ ସହ ଖେଳିବେ। ପ୍ରାୟ ୪ ବର୍ଷ ପରେ ସେ କୋର୍ଟକୁ ଓହ୍ଲାଇଥିଲେ। ୨୦୨୨ରେ ମାଆ ହେବା ପରେ ସେରେନା ଅବସର ଘୋଷଣା କରିଥିଲେ। ୱିମ୍ବେଲଡେନ ଟେନିସର ୩୮ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଗୋଟିଏ ଦିନରେ ୧୫ଜଣ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସର ବର୍ତମାନର ଚାମ୍ପିୟନ ପୋଲାଣ୍ଡର ଇଗା ସ୍ୱାଟେକା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆମେରିକାର ଟେଲର ଟାଉନସ୍ୟାଣ୍ଡଙ୍କୁ ୬-୧, ୨-୬ ଓ ୬-୩ ସେଟରେ ପରାଜିତ କରିଥିଲେ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି